


ସୁଗ୍ରୀବ ଭୂମିକାରେ ସୁହେଲ
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-262 ♦SATURDAY ♦21 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୨ ♦ଶନିବାର ♦୨୧ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ**

# ଘନେଇଲା ଗ୍ୟାସ ସଙ୍କଟ

## ଇସ୍ରାଏଲ୍ ଓ ଇରାନ ଆକ୍ରମଣରେ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଗ୍ୟାସ୍ ଫିଲ୍ଡ କ୍ଷତିଗ୍ରସ୍ତ

■ ଦୋହା/ତେହରାନ,୨୦।୩ (ଏଜେନ୍ସି): ମଧ୍ୟ-ପ୍ରାଚ୍ୟରେ ମହାଯୁଦ୍ଧ ସମଗ୍ର ବିଶ୍ୱ ପାଇଁ ମହାବିପଦ ସୃଷ୍ଟି କରିଛି। ଆମେରିକା-ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଆଗାମୀ ଦିନରେ ପୂରା ବିଶ୍ୱରେ ଗ୍ୟାସ୍(ଏଲ୍‌ଏନ୍‌ଜି) ସଂକଟ ଉତ୍କଟ ହେବାକୁ ଯାଉଛି। ଏକୀକୃତ ଭାବେ ବିଶ୍ୱର ୮ ପ୍ରତିଶତ ଗ୍ୟାସ୍ ମହଜୁଦ ଥିବା ସର୍ବବୃହତ୍ 'ଗ୍ୟାସ୍ ଫିଲ୍ଡ' ଉପରେ ଇରାନ୍ ଓ ଇସ୍ରାଏଲର ଆକ୍ରମଣ ପରେ ଏପରି ଆଶଙ୍କା ଦେଖାଦେଇଛି। ପାରସ୍ୟ ଉପସାଗର କ୍ଷେତ୍ରରେ ଥିବା ଇରାନ୍‌ର ଗ୍ୟାସ୍ ଫିଲ୍ଡ (ସାଉଥ୍ ପାର୍ସ) ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ପ୍ରତିଶୋଧପରାୟଣ ହୋଇ ଇରାନ୍ ପକ୍ଷରୁ କାତାର୍‌ର ଗ୍ୟାସ୍ ଫିଲ୍ଡ (ନର୍ଥ ଫିଲ୍ଡ) ଉପରେ କରାଯାଇଥିବା



**୫ ବର୍ଷ ପାଇଁ ବାଧାପ୍ରାପ୍ତ ହେବ କାତାରର ଗ୍ୟାସ୍ ରପ୍ତାନୀ**

**ବିଶେଷ ପ୍ରଭାବିତ ହେବେ ଭାରତ, ଚୀନ୍ ଆଦି ଏସୀୟ ରାଷ୍ଟ୍ର**

**ଇରାନର ୧୬ କାର୍ଗୋ ଜାହାଜ ଉପରେ ଭୟଙ୍କର ଆକ୍ରମଣ**

ପ୍ରତିଆକ୍ରମଣ ସ୍ଥିତିକୁ ଅତ୍ୟଧିକ ସଙ୍ଗୀନ କରିଦେଇଛି। ଆଗାମୀ ଦିନରେ ଗ୍ୟାସ୍ ଆମଦାନୀ କ୍ଷେତ୍ରରେ ଭାରତ ପାଇଁ ଏହା ବଡ଼ ଆହ୍ୱାନ ସୃଷ୍ଟି କରିବ ବୋଲି କୁହାଯାଉଛି। ଭାରତ ତା'ର ସିଂହଭାଗ ଗ୍ୟାସ୍ କାତାର୍‌ରୁ ଆମଦାନୀ କରୁଥିବା ବେଳେ ଆଗାମୀ ଦିନରେ ଏହା ବଡ଼ ସଙ୍କଟ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

ମଧ୍ୟପ୍ରାଚ୍ୟରେ ଏହି ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଆକ୍ରମଣ ଓ ପ୍ରତିଆକ୍ରମଣରେ ଏହି କ୍ଷେତ୍ରରୁ ୨୦ ପ୍ରତିଶତ ଗ୍ୟାସ ଉତ୍ପାଦନ ହ୍ରାସ ପାଇଥିଲା। ଏବେ ଏହି କ୍ଷେତ୍ରରେ ଇସ୍ରାଏଲ ଓ ଇରାନ୍‌ର ଆକ୍ରମଣ ପରେ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ପ୍ଲାଣ୍ଟଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଭିତ୍ତିଭୂମି ସଜାଡ଼ିବା ପାଇଁ ଅତିକମ୍‌ରେ ୫ ବର୍ଷ ସମୟ ଲାଗିବ ବୋଲି କୁହାଯାଉଛି। ତେଣୁ, ନିକଟ ଭବିଷ୍ୟତରେ ଯୁଦ୍ଧ ବନ୍ଦ ହେଲେ ବି ଗ୍ୟାସ୍ ଉତ୍ପାଦନ ସ୍ୱାଭାବିକ ହେବାକୁ ବହୁ ସମୟ ଲାଗିଯିବ ବୋଲି ଆକଳନ କରାଯାଉଛି। ଏଥିସହ ଗ୍ୟାସ୍‌ର ମୂଲ୍ୟବୃଦ୍ଧି ମଧ୍ୟ ଏସୀୟ ଦେଶଗୁଡ଼ିକ ପାଇଁ ଆର୍ଥିକ ସଙ୍କଟ ସୃଷ୍ଟି କରିବ। ଏଭଳି ସ୍ଥିତିରେ ଭାରତ, ଚୀନ ସହିତ ଅନ୍ୟ ଦେଶଗୁଡ଼ିକ ବହୁଳ ଭାବେ ପ୍ରଭାବିତ ହେବେ। କାରଣ ଭାରତ ନିଜ ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ଗ୍ୟାସ ଏହି କ୍ଷେତ୍ରରୁ ଆଣୁଛି। ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଗ୍ୟାସ ସଙ୍କଟ ସହିତ ଅହେତୁକ ମୂଲ୍ୟବୃଦ୍ଧି ଦେଖା ଦେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟ ରାଷ୍ଟ୍ରଗୁଡ଼ିକ ଯୋଗାଣ ▶ପୃଷ୍ଠା-୭

**ଏସ୍‌ସିବି ନିଆଁରେ ୧୩ ରୋଗୀ ମୃତ୍ୟୁ; ମୁଣ୍ଡ ନୁଆଁଇବାକୁ ନାରାଜ ସ୍ୱାସ୍ଥ୍ୟମନ୍ତ୍ରୀ**

# ବିରୋଧୀ ନଛୋଡ଼ବନ୍ଧା

■ ଭୁବନେଶ୍ୱର, ୨୦।୩ (ସମିସ): ଏସସିବି ଅଗ୍ନିକାଣ୍ଡ ଘଟଣାରେ କ୍ରମାଗତ ଚତୁର୍ଥ ଦିନ ପାଇଁ ଗୃହ ଅଚଳ କରିଛି ବିଜେଡି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି ।।ରେ ବିରୋଧୀ ସଦସ୍ୟ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିନାହାନ୍ତି। ମଙ୍ଗଳବାରଠାରୁ ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୂଳତବୀ ପ୍ରସ୍ତାବ ଆଲୋଚନା ସ୍ୱାଭାବିକ ହୋଇପାରିନାହିଁ। ଏପରିକି ଖର୍ଚ୍ଚଦାବି ଆଲୋଚନାରେ ମଧ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଅଂଶଗ୍ରହଣ କରିନାହାନ୍ତି। ଅଗ୍ନିକାଣ୍ଡ ଘଟଣାରେ ସରକାର ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୪ ଜଣ ଅଗ୍ନିଶମ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ମଧ ଏହା ବିରୋଧୀଙ୍କ ସନ୍ତୁଷ୍ଟ କରିପାରି ନାହିଁ। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ବୈଠକରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ଅପରାହ୍ନରେ ୩ ବିଭାଗର ଖର୍ଚ୍ଚଦାବୀ ଆଲୋଚନାକୁ ବର୍ଜନ କରିଥିଲେ ବିରୋଧୀ। ତେବେ କ୍ରସ ଭୋଟିଂ କରିଥିବା କଂଗ୍ରେସର ବିଧାୟକ ସୋଫିଆ ଫିରଦୋସ, ଦାଶରଥୀ ଗମାଙ୍ଗୋ ଏଥିରେ ଅଂଶଗ୍ରହଣ କରିଥିଲେ।

**ଭାରପ୍ରାପ୍ତ ଅଧୀକ୍ଷକଙ୍କୁ ଗିରଫ କରାଯାଉ: ବିଜେଡି**

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭରୁ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିଲେ। ଗୃହ ମଧ୍ୟଭାଗକୁ ଆସି ଉଭୟ ଦଳର ବିଧାୟକ ପୋଷ୍ଟର, ପ୍ଲାକାର୍ଡ ପ୍ରଦର୍ଶନ ସହ ନାରାବାଜି କରି ଗୃହ କମ୍ପାଇଥିଲେ।



**ଗୃହକାର୍ଯ୍ୟରେ ଅଂଶଗ୍ରହଣ କଲେନି ବିରୋଧୀ**

**ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ ବିଫଳ**

**୩ ବିଭାଗର ଖର୍ଚ୍ଚଦାବି ଆଲୋଚନାକୁ ବର୍ଜନ**

**ବିରୋଧୀଙ୍କ ସହ ଗଲେନି ସୋଫିଆ-ଦାଶରଥୀ**

ବାଚସ୍ପତି ଗୃହ ଚଳାଇବାକୁ ପ୍ରୟାସ କରିଥିବା ବେଳେ ବିରୋଧୀ ନିଜର ହଟ୍ଟଗୋଳକୁ ତୀବ୍ର କରିଥିଲେ। ବିଜେଡି ବିଧାୟକ ବିଶ୍ୱ ରଞ୍ଜନ ▶ପୃଷ୍ଠା-୭

**ତେଲ ଉପରେ ଯୁଦ୍ଧର ପ୍ରଭାବ**

# ବଢ଼ିଲା ପ୍ରିମିୟମ ପେଟ୍ରୋଲ ଦର

■ ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଏବେ ଧୀରେ ଧୀରେ ସାରା ବିଶ୍ୱର ଅର୍ଥନୀତିକୁ ଦୋହଲାଇବା ଆରମ୍ଭ କରିଛି। ଯୁଦ୍ଧର ପ୍ରଭାବ ସାରା ବିଶ୍ୱର ତେଲ ଯୋଗାଣ ଉପରେ ପଡ଼ିଛି। ଭାରତ ମଧ ଏଥିରୁ ବାଦ୍ ପଡ଼ିନାହିଁ। ଫଳ ।।ରେ ଭାରତରେ ବିଭିନ୍ନ କମ୍ପାନୀ ଆଜି ସେମାନଙ୍କର ପ୍ରିମିୟମ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ୩୦ ପଇସା ବୃଦ୍ଧି କରିଛନ୍ତି। ଭୁବନେଶ୍ୱରରେ ପ୍ରିମିୟମ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ୧୩ ପଇସା ବୃଦ୍ଧି ଘଟି ୧୧୦ ଟଙ୍କା ୪୧ ପଇସାରେ ପହଞ୍ଚିଛି। ତେ ।।ବେ ସାଧାରଣ ପେଟ୍ରୋଲ ମୂଲ୍ୟ ଅପରିବର୍ତ୍ତିତ ରହିଛି। ସାଧାରଣ ପେଟ୍ରୋଲ ମୂଲ୍ୟ ବର୍ତ୍ତମାନ ଲିଟର ପିଛା ୧୦୧ ଟଙ୍କା ୨୯ ପଇସା ଏବଂ ଡିଜେଲ ଲିଟର ପିଛା ୯୨ ଟଙ୍କା ୮୦ ପଇସାରେ ସ୍ଥିର ରହିଛି। ପ୍ରିମିୟମ ପେଟ୍ରୋଲ ମୂଲ୍ୟରେ ଏହି ବୃଦ୍ଧିର ପ୍ରଭାବ ମୁଖ୍ୟତଃ ସେହି ଗ୍ରାହଙ୍କ ଉପରେ ପଡ଼ିବ ଯେଉଁମାନେ ହାଇ- ଅକ୍ଟେନ ବା ପ୍ରିମିୟମ ପେଟ୍ରୋଲ ବ୍ୟବହାର କରୁଥିଲେ। ପ୍ରିମିୟମ ପେଟ୍ରୋଲର ବ୍ୟବହାର ସାଧାରଣତଃ ଉତ୍ତମ ଇଞ୍ଜିନ ପରଫରମାନ୍ସ ଏବଂ ଅଧିକ ମାଇଲେଜ ପାଇଁ ବ୍ୟବହାର ହୋଇଥାଏ। ସୂଚନାଥାଉକି, ▶ପୃଷ୍ଠା-୭



**ଲିଟର ପିଛା ୨ ଟଙ୍କା ୩୦ ପଇସା ବୃଦ୍ଧି**

**ଇଣ୍ଡଷ୍ଟ୍ରିଆଲ ଡିଜେଲ ୨୨ ଟଙ୍କା ମହଙ୍ଗା**

**ଏମିତି ଚାଲିଛି ରାଜ୍ୟରେ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା**

# ୬୯% ଅଧ୍ୟାପକ ଓ ୭୫% ଅଣଶିକ୍ଷକ ପଦ ଖାଲି

■ ଭୁବନେଶ୍ୱର, ୨୦।୩ (ସମିସ): ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ବିଗୁଡ଼ୁଛି। ମୋଟ୍ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୪ଟିରେ ନିୟମିତ କୁଳପତି ନାହାନ୍ତି। ପ୍ରାୟ ୬୯ ପ୍ରତିଶତ ଅଧ୍ୟାପକ ପଦ ଫାଙ୍କା ପଡ଼ିଛି। ଉତ୍କଳ ପରି ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଅର୍ଦ୍ଧାଧିକ ଅଧ୍ୟାପକ ପଦରେ କେହି ନାହାନ୍ତି। ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ୭୫ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦ ମଧ୍ୟ ଫାଙ୍କା ପଡ଼ିଛି। ଏନେଇ ବିଧାନସଭାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଥିବା ବେଳେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସେମାନଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ସୂଚନା ଅନୁସାରେ ସମସ୍ତ ବିଶ୍ୱବିଦ୍ୟାଳୟରେ ମୋଟ୍ ୨୦୭୯ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଛି। ତହିଁରେ ମାତ୍ର ୬୪୫ ଜଣ କାର୍ଯ୍ୟରତ ▶ପୃଷ୍ଠା-୭

**୫ ବିଶ୍ୱବିଦ୍ୟାଳୟରେ ନାହାନ୍ତି ଜଣେ ବି ନିୟମିତ ଅଧ୍ୟାପକ**

**୪ ବିଶ୍ୱବିଦ୍ୟାଳୟରେ ନାହାନ୍ତି ଜଣେ ବି ଅଣ ଶିକ୍ଷା କର୍ମଚାରୀ**

**କାମଚଳା କୁଳପତିଙ୍କ କାନ୍ଧରେ ରାଜ୍ୟର ୧୫ ବିଶ୍ୱବିଦ୍ୟାଳୟ**

**ଧାନ ବିକିବାକୁ ମଣ୍ଡିରେ ବସିଛନ୍ତି ୩ ଲକ୍ଷ ଚାଷୀ**

# 'ଘୋଡ଼ା' ବେପାରରେ ଲୁଚିଗଲା ମଣ୍ଡି କଷଣ

■ ଭୁବନେଶ୍ୱର, ୨୦।୩ (ସମିସ): ଖରିଫ୍ ଋତୁରେ ୭୩ ଲକ୍ଷ ଟନ୍ ଧାନ କିଣିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୭୧ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ସରକାର ଦାବି କରୁଛନ୍ତି ଓ ଅବଶିଷ୍ଟ ୧୦ ଦିନରେ ଏହି ୨ ଲକ୍ଷ ଧାନ କିଣା ସରିବ। ମାତ୍ର ଏହା ପରେ ବିକ୍ରି ପାଇଁ ମଣ୍ଡିରେ ୩୦ ଲକ୍ଷ ଟନ୍ ଧାନ ଧରି ବସିଥିବା ୩ ଲକ୍ଷ ଚାଷୀ କ'ଣ କରିବେ, ତାହା ସବୁଠାରୁ ବଡ଼ ପ୍ରଶ୍ନ। ଟାର୍ଗେଟ ପୂରଣ ହେଲେ ମଧ ସରକାର ଚାଷୀଙ୍କ ସବୁ ଧାନ କିଣିବାକୁ ଘୋଷଣା କରିଥିଲେ, ମାତ୍ର ଏବେ ଏହି ଧାନ ନ କିଣିବାକୁ କୁଆଡ଼େ ଭିତିରିଆ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନେ ଧାନ ଧରି ମଣ୍ଡି ଆଗରେ ବସିଥିଲେ ବି ରାଜ୍ୟସଭା ନିର୍ବାଚନ ଓ ଘୋଡ଼ା ବେପାର ଘଟଣା ଚାଷୀ ଓ ମଣ୍ଡି ସମସ୍ୟାକୁ ସମ୍ପୂର୍ଣ୍ଣ ଦୃଷ୍ଟି ଆଢୁଆଳକୁ ଠେଲି ▶ପୃଷ୍ଠା-୭




**କଷ୍ଟ ପୂରିବାକୁ ଆଉ ୧୦ ଦିନ**

**ବିକ୍ରି ନ ହୋଇ ରହିବ ୩୦ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଧାନ**


SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
■ B.A. LL.B. (H) - Integrated
■ BBA LL.B. (H) - Integrated
■ LL.B. (H) - 3 Years
■ LL.M. - 1 Year
APPROVAL & RECOGNITIONS
■ Approved by UGC and BCI
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2025
■ 10th Best in Law Category
■ 15th Best in University Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in



DADLS-88





ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



ଇଦ୍-ଉଲ୍-ଫିତର ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-88








# ଆମେରିକାର ଏଫ୍-୩୫କୁ ଖସାଇଲା ଇରାନ

ତେହରାନ, ୨୦ ।୩(ଏଜେନ୍ସି): ଆମେରିକା ତା'ର ଏଫ୍-୩୫ ଷ୍ଟିଲ୍‌ଥ ଯୁଦ୍ଧ ବିମାନକୁ ନେଇ ଗର୍ବ କରୁଥିଲା । ଏହା ଅଜେୟ ଥିଲା ଓ ରାଡ଼ାର ପାଇଁ ଅଦୃଶ୍ୟ ବୋଲି ଦାବି କରୁଥିଲା, ତାହାକୁ ଇରାନ ଆକ୍ରମଣ କରି ଖସାଇଥିବାର ସୂଚନା ମିଳିଛି । ଗୁରୁବାର ଇରାନ ଆକାଶମାର୍ଗରେ ଏହି ଘଟଣା ଘଟିଛି । ଏହା ସମ୍ପୂର୍ଣ୍ଣ ଇରାନ-ଆମେରିକା ଯୁଦ୍ଧର ରଣନୀତିକୁ ବଦଳାଇ ଦେଇପାରେ । ମଧ୍ୟ ଇରାନର ଆକାଶମାର୍ଗରେ ଉଡୁଥିବା ବେଳେ ଏକ ଏଫ-୩୫ ବିମାନକୁ ଇରାନ ଟାର୍ଗେଟ କରିଥିଲା । ଏହା ବ୍ୟତୀତ ବନ୍ଦର ଆବାସ ଉପରେ ମଧ୍ୟ ଦ୍ୱିତୀୟ ଏଫ୍-୩୫ ବିମାନକୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ଏହି ଘଟଣାକୁ ଆମେରିକା ସ୍ୱୀକାର କରିଛି । ଆମେରିକା କହିଛି ଯେ ବିମାନଟି ଏକ ସାମରିକ ଘାଟିରେ ଜରୁରୀକାଳୀନ ଅବତରଣ କରିଛି, କିନ୍ତୁ ବିମାନଟି ସମ୍ପୂର୍ଣ୍ଣ ଭାବେ କ୍ରାସ ହୋଇଛି ବୋଲି ଇରାନ ଦାବି କରିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରତିରକ୍ଷା ସଚିବ ଦାବି କରିଥିଲେ ଯେ ଇରାନ ଏୟାର ଡିଫେନ୍ସ ସିଷ୍ଟମ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ମାତ୍ର ଏହି ଘଟଣା ସେମାନଙ୍କ ଦାବିକୁ ଭୁଲ ପ୍ରମାଣିତ କରିଦେଇଛି । ରାଡ଼ାର ଜରିଆରେ ଏହି ବିମାନକୁ ଧରିବା ପ୍ରାୟ ଅସମ୍ଭବ । ଏହି ବିମାନ ସିଙ୍ଗଲ ଇଞ୍ଜିନ ବିମାନ




ହୋଇଥିବାରୁ ଏହା ପ୍ରଚୁର ପରିମାଣର ଉତ୍ତାପ ନିର୍ଗତ କରେ । ଇରାନର ଆଇଆରଏସ୍‌ଟି ସିଷ୍ଟମ ଏହି ଉତ୍ତାପକୁ ଚିହ୍ନଟ କରି ବିମାନକୁ ଲକ୍ କରିଥିଲା । ଅନୁମାନ କରାଯାଉଛି ଯେ ଇରାନ ତା'ର ୩୮୫ ଆଣ୍ଟି ଏୟାରକ୍ରାଫ୍ଟ ମିସାଇଲ ବ୍ୟବହାର କରିଛି । ଏହା ଏକ ପ୍ରକାରର ଆଣ୍ଟି ଡ୍ରୋନ ମିସାଇଲ ଯାହା ଇନଫ୍ରାରେଡ୍ ସେନ୍‌ସର ସାହାଯ୍ୟରେ ଟାର୍ଗେଟକୁ ଧ୍ୱଂସ କରେ । ଏହି ବିମାନ ରାଡ଼ାରରୁ ବଞ୍ଚିପାରେ, କିନ୍ତୁ ଇନଫ୍ରାରେଡ ରଶ୍ମିରୁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ପ୍ରଥମଥର ପାଇଁ ଏହି ବିମାନକୁ କୌଣସି ଶତ୍ରୁ ମାଡ଼ କରିବାରେ ସଫଳ ହୋଇଛି । ଏହା ନିଶ୍ଚିତ ଭାବେ ଏକ ଐତିହାସିକ ଘଟଣା । ଆମେରିକାକୁ କଡ଼ା ଟକ୍କର ଦେବା ପାଇଁ

- **ଏଫ୍-୩୫ ଇତିହାସରେ ପ୍ରଥମ**
- **ବିଶ୍ୱ ପ୍ରତିରକ୍ଷା କ୍ଷେତ୍ରରେ ହଲଚଲ**

ଇରାନ ପାଖରେ ସାମରିକ ଶକ୍ତି ବାକି ଅଛି ବୋଲି ଏଥିରୁ ସ୍ପଷ୍ଟ ହୋଇଛି । ଏବେ ଏହି ଘଟଣାକୁ ନେଇ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଆମେରିକାକୁ ଥଟ୍ଟା କରିଛନ୍ତି । ଏହାକୁ ସେ ଆମେରିକା ପ୍ରଭୁତ୍ୱର ଅନ୍ତ ଓ ସେମାନଙ୍କ ଅହଂକାରର ପରାଜୟ ବୋଲି ଅଭିହିତ କରିଛନ୍ତି । ଏକ୍ସରେ ସେ ପୋଷ୍ଟ କରି ଆମେରିକାକୁ ଏଥିପାଇଁ କଡ଼ା ସମାଲୋଚନା କରିଛନ୍ତି ।

# ନାଟୋ ଦେଶଗୁଡ଼ିକ କାଗଜ ବାଘ



ୱାଶିଂଟନ, ୨୦।୩ (ଏଜେନ୍ସି): ଇରାନ ଯୁଦ୍ଧରେ ବନ୍ଧୁ ରାଷ୍ଟ୍ରଙ୍କ ସହଯୋଗ ନ ମିଳିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି । ନାଟୋ ସହଯୋଗୀଙ୍କ ଉପରେ ଚାପା ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ନାଟୋ ଦେଶଗୁଡିକୁ କାପୁରୁଷ କହିଛନ୍ତି । ଆମେରିକା ବିନା ଏହି ସାମରିକ ସଂଗଠନ କେବଳ କାଗଜ ବାଘ ସହ ସମାନ । ପରମାଣୁ କ୍ଷମତା ବିଶିଷ୍ଟ ଇରାନକୁ ରୋକିବା ପାଇଁ ଚାଲିଥିବା ସଂଘର୍ଷରେ ନାଟୋ ଦେଶ ସାମିଲ ହେବାକୁ ଚାହୁଁ ନାହାନ୍ତି । ଇରାନ ସହ ଲଢିବାକୁ ତାଙ୍କର ସାହସ ନାହିଁ । ଏହି ଯୁଦ୍ଧକୁ ସାମରିକ ଭାବେ ଜିତି ସାରିବା ପରେ ସେମାନେ ଖାଲି ତୈଳ ଦର ବଢ଼ି ଯାଉଛି ବୋଲି ଅଭିଯୋଗ କରୁଛନ୍ତି । ହର୍ମୁଜ ଷ୍ଟ୍ରେଟ ବିଷୟରେ ବର୍ଣ୍ଣନା କରି ଟ୍ରମ୍ପ କହିଛନ୍ତି ଯେ ଏହାକୁ ମୁକ୍ତ ରଖିବା ପାଇଁ

- **ଇରାନ ସହ ଲଢ଼ିବାକୁ ସେମାନଙ୍କର ସାହସ ନାହିଁ**
- **ହର୍ମୁଜରେ ଅବରୋଧ ହଟାଇବାକୁ ଏକାଠି ହେଲେ ୬ ଦେଶ**

ସାମରିକ ସହାୟତା ଦେବା ମଧ୍ୟ ସହଜ । ମାତ୍ର ସହଯୋଗୀ ଦେଶ ଏଥିରେ ପଛଘୁଞ୍ଚା ଦେଉଛନ୍ତି । ଏହା ସବୁଠୁ ସରଳ ସାମରିକ ପଦକ୍ଷେପ, କିନ୍ତୁ ନାଟୋ ଦେଶ ସହାୟତା ଦେବାକୁ ଚାହୁଁନାହାନ୍ତି । ସେମାନେ କାପୁରୁଷ ଏବଂ ଆମେ ଏହାକୁ ସବୁଦିନ ପାଇଁ ମନେ ରଖିବୁ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀରେ ଏବେ ଅବରୋଧ ହୋଇ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନକୁ ଶେଷ କରିଦେବା ଧମକ ପରେ ଏହି ୬ଟି ଶକ୍ତିଶାଳୀ ଦେଶ ଏହି ଅବରୋଧ ହଟାଇବା ପାଇଁ ହାତ ମିଳାଇଛନ୍ତି । ଏହି ୬ଟି ଦେଶ ହେଲା ବ୍ରିଟେନ, ଫ୍ରାନ୍ସ, ଇଟାଲୀ, ନେଦରଲାଣ୍ଡସ ଓ ଜାପାନ ।

# ବ୍ରିଟେନକୁ ଧମକାଇଲା ଇରାନ: ଟ୍ରମ୍ପଙ୍କୁ ସମର୍ଥନ କଲେ ଆକ୍ରମଣ

ତେହରାନ/ଲଣ୍ଡନ, ୨୦ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରେ ଏବେ ବ୍ରିଟେନର ଭୂମିକାକୁ ନେଇ ଇରାନ ଅସନ୍ତୋଷ ଜାହିର କରିଛି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘାଚି ବ୍ରିଟେନର ବୈଦେଶିକ ସଚିବ ଇଭେଟ କୁପରଙ୍କ ସହ ଏକ ଫୋନ୍‌କଲ୍‌ରେ କଡ଼ା ଚେତାବନୀ ଦେଇଛନ୍ତି । ଇରାନ କହିଛି ଯେ ବ୍ରିଟେନ ଯଦି ଆମେରିକାକୁ ନିଜର ସାମରିକ ଘାଟି ବ୍ୟବହାର କରିବାକୁ ଦିଏ, ତେବେ ଏହାକୁ ଇରାନ ବିରୋଧରେ ଏକ ଆକ୍ରମଣ ଭାବେ ଗଣାଯିବ । ଇରାନ ଅନୁଯାୟୀ, ବ୍ରିଟେନ ନିଜର ସାମରିକ ଘାଟି ଯଥା ଡିଏଗୋ ଗାର୍ସିଆ ଓ ଆରଏଏଫ୍ ଫେୟାରଫୋର୍ଡକୁ ଆମେରିକା ଯୁଦ୍ଧ ବିମାନ ବ୍ୟବହାର କରିବାକୁ ଦେଇ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେଉଛି । ଆରାଘାଚି କହିଛନ୍ତି ଯେ ବ୍ରିଟେନର ଏହି ପଦକ୍ଷେପ ଦୁଇ ଦେଶର ସମ୍ପର୍କର ଇତିହାସରେ ଲିପିବଦ୍ଧ ହୋଇ ରହିବ । ଇରାନ ନିଜର ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ଯେକୌଣସି ପ୍ରକାରର ପଦକ୍ଷେପ ନେବାର ଅଧିକାର ରଖେ । ଅନ୍ୟପଟେ ବ୍ରିଟେନର ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ପୂର୍ବରୁ କହିଥିଲେ ଯେ ସେ ଆମେରିକାକୁ କେବଳ ରକ୍ଷଣାତ୍ମକ କାର୍ଯ୍ୟ ପାଇଁ ନିଜ ଘାଟି ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି, କୌଣସି ଆକ୍ରମଣ ପାଇଁ ନୁହେଁ । ଇରାନ ମଧ୍ୟ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶଗୁଡ଼ିକୁ ସମାନ ପ୍ରକାର ଚେତାବନୀ ଦେଇଛି । ସେମାନେ ନିଜ ମାଟିରେ ଆମେରିକାକୁ ସ୍ଥାନ ନ ଦିଅନ୍ତୁ । ଯଦି ବ୍ରିଟେନ ଓ ଆମେରିକା ମଧ୍ୟରେ ସାମରିକ ସହଯୋଗ ରହେ, ତେବେ ଇରାନ ବ୍ରିଟେନର ସମ୍ପତ୍ତି ଉପରେ ଆକ୍ରମଣ କରିବାକୁ ପଛାଇବ ନାହିଁ ବୋଲି ସଙ୍କେତ ଦେଇଛି ।

## ପଶ୍ଚିମ ଏସିଆକୁ ୩୪ଟି ବିମାନ ଚଳାଇବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ/ଦୁବାଇ, ୨୦ ।୩(ଏଜେନ୍ସି): ଇରାନ ଓ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧର ୨୧ତମ ଦିନରେ ବି ପଶ୍ଚିମ ଏସିଆର ବିମାନ ସେବା ବାଧାପ୍ରାପ୍ତ ରହିଛି । ତଥାପି, ଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ ଏୟାର ଇଣ୍ଡିଆ ଓ ଅନ୍ୟ କେତେକ ବିମାନ ସଂସ୍ଥା ସୀମିତ ଭାବେ ନିଜର ପରିଚାଳନା ଜାରି ରଖିଛନ୍ତି । ଶୁକ୍ରବାର ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମିଳିତ ଭାବେ ପଶ୍ଚିମ ଏସିଆ ଅଞ୍ଚଳକୁ ୩୪ଟି ସିଡ୍ୟୁଲ୍ଡ ଓ ଅଣ-ସିଡ୍ୟୁଲ୍ଡ ବିମାନ ଚଳାଚଳ କରିବାକୁ ଘୋଷଣା କରିଛନ୍ତି । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମସ୍କଟକୁ ୬ଟି ବିମାନ ଚଳାଇବ ଓ ଏହା ମୁମ୍ବାଇ, ଦିଲ୍ଲୀ ଓ କୁନ୍ନୁର ରୁଟ୍‌ରେ ଉପଲବ୍ଧ ହେବ । ସେହିପରି ଇତିହାଦ ଏୟାରୱେଜ ଆବୁଧାବି ପାଇଁ ତାର ସୀମିତ ଉଡ଼ାଣ ଯୋଜନା ଜାରି ରଖିଛି । ଯୁଦ୍ଧ ଯୋଗୁଁ ହଜାର ହଜାର ଯାତ୍ରୀ ବିଭିନ୍ନ ବିମାନ ବନ୍ଦରରେ ଫସି ରହିଛନ୍ତି । ତେଣୁ ବିମାନ ଚଳାଚଳ ହେଲେ ଏହି ସମସ୍ୟା ଦୂର ହେବ ବୋଲି ଆଶା କରଯାଉଛି ।

## ଇଦ୍ ନମାଜ ପାଇଁ ବନ୍ଦ ରହିଲା ଜେରୁଜେଲମର ଅଲ-ଅକ୍‌ସା ମସଜିଦ୍

ଜେରୁଜେଲମ, ୨୦ ।୩(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁଁ ଜେରୁଜେଲମର ଐତିହାସିକ ଅଲ୍-ଅକସା ମସଜିଦ ପରିସରକୁ ଇଦ୍-ଉଲ-ଫିତର ନମାଜ ପାଇଁ ବନ୍ଦ ରଖାଯାଇଛି । ୧୯୬୭ ପରଠାରୁ ଅର୍ଥାତ ପ୍ରାୟ ୬୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଏହି ମସଜିଦ୍‌ରେ ଇଦ୍ ନମାଜ ପଢ଼ିବାକୁ ଅନୁମତି ଦିଆଯାଇନାହିଁ । ଇସ୍ରାଏଲ କର୍ତ୍ତୃପକ୍ଷ ସୁରକ୍ଷା କାରଣ ଓ ସାର୍ବଜନୀନ ସମାଗମ ଉପରେ କଟକଣା ଦର୍ଶାଇ ଏହି ନିଷ୍ପତ୍ତି ନେଇଛନ୍ତି । ୨୦୨୬ ଫେବୃଆରୀ ୨୮ରୁ ଇରାନ ସହ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ମସଜିଦ କ୍ରମାଗତ ଭାବେ ବନ୍ଦ ରହିଛି । ରମଜାନ ମାସର ଶେଷ ୧୦ ଦିନ ମଧ୍ୟ ଏଠାରେ ନମାଜ ପାଠ ପାଇଁ ଅନୁମତି ଦିଆଯାଇ ନ ଥିଲା । ଉଲ୍ଲେଖଥାଉ କି, ଅଲ-ଅକସା ମସଜିଦ ହେଉଛି ଇସଲାମ ଧର୍ମର ତୃତୀୟ ଶ୍ରେଷ୍ଠ ପବିତ୍ର ସ୍ଥଳୀ । ସାଧାରଣତଃ ଇଦ ସମୟରେ ଏଠାରେ ୧ ଲକ୍ଷରୁ ଅଧିକ ଲୋକ ଏକାଠି ହୋଇଥାନ୍ତି । କିନ୍ତୁ ଚଳିତବର୍ଷ ଯୁଦ୍ଧ ଯୋଗୁଁ ସମଗ୍ର ସହର ଭୂତ ସହର ପରି ଦେଖାଯାଉଛି ଓ ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନକୁ ବନ୍ଦ କରିଦିଆଯାଇଛି ।

## ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଲେ ରାଷ୍ଟ୍ରପତି

ମଥୁରା, ୨୦ ।୩(ଏଜେନ୍ସି): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଥୁରାରେ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଛନ୍ତି । ଶୁକ୍ରବାର ସକାଳେ ପ୍ରାୟ ୭ଟାରେ ସମୟରେ ପ୍ରବଳ ବର୍ଷା ସତ୍ତ୍ୱେ ରାଷ୍ଟ୍ରପତି ନିଜ ପରିବାର ସହ ପ୍ରେମାନନ୍ଦଜୀଙ୍କ ଆଶ୍ରମରେ ପହଞ୍ଚିଥିଲେ । ସେଠରେ ସେ ମହାରାଜଙ୍କୁ ହାତଯୋଡ଼ି ପ୍ରଣାମ କରିଥିଲେ ଏବଂ ପ୍ରେମାନନ୍ଦ ତାଙ୍କୁ ରାଧେ- ରାଧେ କହି ଅଭିବାଦନ ଜଣାଇଥିଲେ । ଆଶ୍ରମର ଏକ କୁଟୀର ମଧ୍ୟରେ ରାଷ୍ଟ୍ରପତି ଓ ମହାରାଜଙ୍କ ମଧ୍ୟରେ ପ୍ରାୟ ୨୫ ମିନିଟ ଧରି ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା । ଏହି ସମୟରେ ରାଷ୍ଟ୍ରପତି ଭାବପ୍ରବଣ ହୋଇପଡ଼ିଥିଲେ । ଗୁରୁବାର ପ୍ରେମାନନ୍ଦ ମହାରାଜଙ୍କ ଜନ୍ମଦିନ ଥିବାରୁ ରାଷ୍ଟ୍ରପତି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ରାଷ୍ଟ୍ରପତିଙ୍କ ସହ ତାଙ୍କ ଝିଅ ଇତିଶ୍ରୀ, ଜ୍ୱାଇଁ ଗଣେଶ ହେମ୍ବ୍ରମ ଓ ଦୁଇ ନାତୁଣୀ ଆଦ୍ୟାଶ୍ରୀ ଓ ନିତ୍ୟାଶ୍ରୀ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ବର୍ତ୍ତମାନ ଉତ୍ତର ପ୍ରଦେଶରେ ୩ ଦିନିଆ ଗସ୍ତରେ ଅଛନ୍ତି । ରାଷ୍ଟ୍ରପତି ଏହା ପୂର୍ବରୁ ଅଯୋଧ୍ୟାରେ ରାମଲାଲାଙ୍କର ମଧ୍ୟ ଦର୍ଶନ କରିଥିଲେ । ସେହିପରି ସେ ନିମ କରୋଲି ବାବାଙ୍କ ଆଶ୍ରମ ପରିଦର୍ଶନ କରିବା ସହ ହନୁମାନଜୀଙ୍କ ପାଖରେ ପ୍ରାର୍ଥନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି ।

## ଆମେରିକା ଯୁଦ୍ଧ ବିମାନକୁ ଅନୁମତି ଦେଲାନି ଶ୍ରୀଲଙ୍କା

କଲମ୍ବୋ, ୨୦ ।୩(ଏଜେନ୍ସି): ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଶ୍ରୀଲଙ୍କା ଏକ ବଡ଼ ପଦକ୍ଷେପ ନେଇଛି । ଆମେରିକାର ଦୁଇଟି ଶକ୍ତିଶାଳୀ ଯୁଦ୍ଧ ବିମାନକୁ ନିଜ ମାଟିରେ ଅବତରଣ କରିବାକୁ ଶ୍ରୀଲଙ୍କା ସିଧାସଳଖ ମନା କରିଦେଇଛି । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ଶୁକ୍ରବାର ସଂସଦରେ ଏହି ସୂଚନା ପ୍ରଦାନ କରିଛନ୍ତି । ଆମେରିକା ନିଜର ଜିବୁଟି କ୍ଷେପଣାସ୍ତ୍ର ସାମରିକ ଘାଟିରୁ ଦୁଇଟି କ୍ଷେପଣାସ୍ତ୍ର ବାହକ ଯୁଦ୍ଧ ବିମାନକୁ ଶ୍ରୀଲଙ୍କାର ମତାଲା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରାଇବାକୁ ଚାହୁଁଥିଲା । ଫେବୃଆରୀ ୨୬ରେ ଆମେରିକା ଏହି ଅନୁରୋଧ କରିଥିଲା । ଠିକ୍ ସେହି ଦିନ ହିଁ ଇରାନ ମଧ୍ୟ ନିଜର ୩ଟି ଯୁଦ୍ଧ ଜାହାଜକୁ କଲମ୍ବୋରେ ରଖିବା ପାଇଁ ଅନୁମତି ମାଗିଥିଲା । ଇରାନକୁ ମଧ୍ୟ ଶ୍ରୀଲଙ୍କା ମନା କରିଥିଲା । ରାଷ୍ଟ୍ରପତି ଦିସାନାୟକେ କହିଛନ୍ତି ଯେ ଯୁଦ୍ଧରେ କୌଣସି ପକ୍ଷରେ ଶ୍ରୀଲଙ୍କା ସାମିଲ ହେବାକୁ ଚାହୁଁନାହିଁ । ଯଦି ଆମେ ଇରାନକୁ ଅନୁମତି ଦେଇଥାନ୍ତୁ, ତାହାଲେ ଆମେରିକାକୁ ମଧ୍ୟ ଅନୁମତି ଦେବାକୁ ପଡ଼ିଥାନ୍ତା । ଆମେ କାହାରିକୁ ଅନୁମତି ଦେଇନାହୁଁ, କାରଣ ଆମେ ନିଜର ନିରପେକ୍ଷତା ବଜାୟ ରଖିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି ।

## ଇରାନ ଯୁଦ୍ଧକୁ ରୋକିପାରିବ ଭାରତ: ଭାଗବତ

ନାଗପୁର, ୨୦ ।୩ (ଏଜେନ୍ସି): ସ୍ୱାର୍ଥ ଏବଂ ପତିଆରା ପାଇଁ ଯୁଦ୍ଧ ହେଉଛି । ଏକତା, ଅନୁଶାସନ ଏବଂ ଧର୍ମ ଦ୍ୱାରା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଏହି ଇସ୍ରାଏଲ-ଇରାନ ଯୁଦ୍ଧକୁ ରୋକିବାରେ ଭାରତ ସହାୟକ ହୋଇପାରିବ । ସାରା ବିଶ୍ୱ ମଧ୍ୟ ଏହା ମାନୁଛି । ଭାରତ ସଦ୍ଭାବରେ ବିଶ୍ୱାସ ରଖୁଛି । ଭାରତ ମାନବିକତାର ନିୟମରେ ଚାଲୁଥିବାବେଳେ ବାକି ଦୁନିଆ ଜଙ୍ଗଲ ରାଜକୁ ଆଇନ ମାନୁଛି । ଦୋହଲୁଥିବା ଦୁନିଆକୁ ଧର୍ମର ନିଅଁ ଦେଇ ସନ୍ତୁଳନ ବଜାୟ ରଖିବା ଆମର କାମ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ର ମୁଖ୍ୟ ମୋହନ ଭାଗବତ ଏହା କହିଛନ୍ତି । ସେ ସୂଚନା ଦେଇଛନ୍ତି ଯେ ଆରଏସଏସର କାର୍ଯ୍ୟଶୈଳୀରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି ।

## ରୁଷର ସୂଚନା ଆଧାରରେ ୟୁକ୍ରେନ ନାଗରିକଙ୍କୁ ଗିରଫ କରିଥିଲା ଏନ୍‌ଆଇଏ

ନୂଆଦିଲ୍ଲୀ, ୨୦ ।୩(ଏଜେନ୍ସି): ରୁଷର ଗୁଇନ୍ଦା ସଂସ୍ଥାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ମିଜୋରାମ୍ ସୀମାରେ ସକ୍ରିୟଥିବା ଏକ ଅନ୍ତର୍ଜାତୀୟ ନେଟୱର୍କର ପର୍ଦ୍ଦାଫାସ କରିଥିଲା । ଗିରଫ ହୋଇଥିବା ଆମେରିକୀୟ ଏବଂ ୟୁକ୍ରେନୀୟ ନାଗରିକ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କଲାଭଳି ଷଡ଼ଯନ୍ତ୍ର କରୁଥିଲେ । ଗତ ମାର୍ଚ୍ଚ ୧୩ରେ ଏହି ନେଟୱର୍କର ସଦସ୍ୟମାନେ ଭାରତ ଫେରୁଥିବା ବେଳେ ଏନ୍‌ଆଇଏ ସେମାନଙ୍କୁ ବିଭିନ୍ନ ବିମାନ ବନ୍ଦରରୁ କାବୁ କରିଥିଲା । ନୂଆଦିଲ୍ଲୀ ବିମାନ ବନ୍ଦରରୁ ୩ ଜଣ ୟୁକ୍ରେନ ନାଗରିକ, ଲକ୍ଷ୍ନୌରୁ ୩ଜଣ, କୋଲକାତାରୁ ଆମେରିକୀୟ ମାଥ୍ୟୁ ଭ୍ୟାନଡାଇକ୍ ଗିରଫ ହୋଇଥିଲେ । ଏମାନେ ପର୍ଯ୍ୟଟକ ଭିସାରେ ଆସି ବେଆଇନ ଭାବେ ମିଜୋରାମ ଦେଇ ମ୍ୟାଁମାର ଯାଉଥିଲେ ।

## ହଲିଉଡ ଅଭିନେତା ଚକ୍ ନୋରିସ୍‌ଙ୍କ ପରଲୋକ

ଲସ୍ ଏଞ୍ଜେଲ୍ସ, ୨୦ ।୩(ଏଜେନ୍ସି): ହଲିଉଡ୍‌ର ପ୍ରସିଦ୍ଧ ଆକ୍ସନ ତାରକା ତଥା ମାର୍ସିଆଲ ଆର୍ଟ୍ସର ଜୀବନ୍ତ କିମ୍ବଦନ୍ତୀ ଚକ୍ ନୋରିସ୍ ୮୬ ବର୍ଷ ବୟସରେ ପରଲୋକଗମନ କରିଛନ୍ତି । ନୋରିସ୍ କ୍ରାଇମ ସିରିଜ ୱାକର, ଟେକ୍ସାସ ରେଞ୍ଜର, ଡେଲ୍ଟା ଫୋର୍ସ, ମିସିଂ ଇନ ଆକ୍ସନ ଏବଂ ମାର୍ସିଆଲ ଆର୍ଟ୍ସ ଫିଲ୍ମ ଦି ୱେ ଅଫ୍ ଡ୍ରାଗନ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ । ଏହି ସିନେମାଗୁଡ଼ିକ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଏହି ସିନେମାରେ ସେ ସୁପରଷ୍ଟାର ବ୍ରୁସ୍ ଲିଙ୍କ ସହ ଲଢୁଥିବାର ଦେଖାଯାଇଥିଲା । ଏହି ଲଢ଼େଇ ସିନେମା ଜଗତରେ ସବୁଠାରୁ ସ୍ମରଣୀୟ ଦୃଶ୍ୟ ଭାବେ ପରିଗଣିତ ହୋଇଥାଏ ।

## ରାଜ୍ୟରେ ଲାଗିଛି ଅଘୋଷିତ ରାଷ୍ଟ୍ରପତି ଶାସନ: ମମତା

କୋଲକାତା, ୨୦।୩ (ଏଜେନ୍ସି): ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀ ଶୁକ୍ରବାର ଦଳୀୟ ଘୋଷଣାପତ୍ର ଜାରି କରିଛନ୍ତି । ସେ ଜନତାଙ୍କ ପାଇଁ ୧୦ ପ୍ରତିଶ୍ରୁତି ଦେଇଛନ୍ତି । ଏସ୍‌ସି/ଏସ୍‌ଟି ମହିଳାଙ୍କୁ ମାସକୁ ୧୭୦୦ ଟଙ୍କା ଲେଖାଏ ଏବଂ ଅନ୍ୟ ବର୍ଗଙ୍କୁ ୧୫୦୦ ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଛନ୍ତି । ଏହା ସହିତ ମମତା ବିଜେପି ଏବଂ ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି । ରାଜ୍ୟରେ ଅଘୋଷିତ ରାଷ୍ଟ୍ରପତି ଶାସନ ଲାଗିଥିବା କହିଛନ୍ତି । ଯେଉଁମାନଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି, ସେମାନେ ରାଜ୍ୟ ବିଷୟରେ ଜାଣି ନାହାନ୍ତି । ସେମାନଙ୍କର ରାଜ୍ୟ ବିଷୟରେ କୌଣସି ଜ୍ଞାନ ନାହିଁ । ଏଭଳି ସ୍ଥିତିରେ ସେମାନେ ନିଜ କର୍ତ୍ତବ୍ୟ କିପରି ସମ୍ପାଦନ କରିପାରିବେ? ରାଷ୍ଟ୍ରପତି ଶାସନକୁ ଅଘୋଷିତ ରାଷ୍ଟ୍ରପତି ଶାସନରେ ପରିଣତ କରାଯାଇଛି ।

## ୮ ଘଣ୍ଟା ଆକାଶରେ ଉଡ଼ିବା ପରେ ପୁଣି ଦିଲ୍ଲୀ ଫେରିଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୦ ।୩(ଏଜେନ୍ସି): ଏୟାର ଇଣ୍ଡିଆର ଏକ ବିମାନ ଗତକାଲି ଦିଲ୍ଲୀରୁ କାନାଡ଼ାର ଭାଙ୍କୁଭର ଅଭିମୁଖେ ବାହାରି ପ୍ରାୟ ୮ଘଣ୍ଟା କାଳ ଆକାଶରେ ଉଡ଼ିବା ପରେ ପୁଣି ଦିଲ୍ଲୀ ଫେରିଆସିଛି । ଏୟାରଲାଇନ୍ସର ଏକ ବଡ଼ ଭୁଲ କାରଣରୁ ଯାତ୍ରୀମାନଙ୍କୁ ଏପରି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏୟାର ଇଣ୍ଡିଆ ଭାଙ୍କୁଭର ପଠାଇବା ପାଇଁ ଭୁଲ୍‌ବଶତଃ ଏକ ବୋଇଂ ୭୭୭-୨୦୦ଏଲ୍‌ଆର ବିମାନ ବ୍ୟବହାର କରିଛି । କିନ୍ତୁ କାନାଡ଼ା ସରକାରଙ୍କ ନିୟମ ଅନୁଯାୟୀ, ଏୟାର ଇଣ୍ଡିଆ ପାଖରେ କେବଳ ବୋଇଂ ୭୭୭-୩୦୦ଇଆର୍ ମଡେଲର ବିମାନ ଚଳାଚଳ ପାଇଁ ଅନୁମତି ରହିଛି । ବିମାନଟି ଦିଲ୍ଲୀରୁ ବାହାରି ପ୍ରାୟ ୪ ଘଣ୍ଟା ଧରି ଆକାଶରେ ଉଡି ଚୀନ ଆକାଶମାର୍ଗରେ ପହଞ୍ଚିବା ପରେ କର୍ତ୍ତୃପକ୍ଷ ଏହି ଭୁଲ ବିଷୟରେ ଜାଣିବାକୁ ପାଇଥିଲେ । ସେତେବେଳକୁ ବିମାନଟି କୁନମିଙ୍ଗ ନିକଟରେ ଥିଲା । ଶେଷରେ ଏହି ବିମାନକୁ ତୁରନ୍ତ ଦିଲ୍ଲୀ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିମାନଟି ଦିଲ୍ଲୀରୁ ବାହାରି ପୁଣି ଦିଲ୍ଲୀରେ ଅବତରଣ କରିବାକୁ ମୋଟ ୭ ଘଣ୍ଟା ୫୪ ମିନିଟ୍ ସମୟ ନେଇଥିଲା । ଏୟାର ଇଣ୍ଡିଆ ଏହି ଘଟଣାକୁ ଏକ ପରିଚାଳନାଗତ ସମସ୍ୟା ବୋଲି ଦର୍ଶାଇଛି । ଏୟାରଲାଇନ୍ସ ତରଫରୁ କୁହାଯାଇଛି ଯେ ଯାତ୍ରୀମାନଙ୍କୁ ଦିଲ୍ଲୀରେ ହୋଟେଲ ଓ ଅନ୍ୟାନ ସୁବିଧା ଯୋଗାଇ ଦିଆଯାଇଛି । ଆଜି ସକାଳେ ଏକ ନୂଆ ବିମାନ ଯୋଗେ ସମସ୍ତ ଯାତ୍ରୀଙ୍କୁ ଭାଙ୍କୁଭର ପଠାଯାଉଛି । ଏହି ଗୋଟିଏ ଭୁଲ ଯୋଗୁଁ ଏୟାର ଇଣ୍ଡିଆକୁ ବହୁତ କ୍ଷତି ସହିବାକୁ ପଡ଼ିବ । ଗୋଟିଏ ବୋଇଂ ବିମାନ ଘଣ୍ଟାକୁ ପ୍ରାୟ ୮ରୁ ୯ ଟନ ତେଲ ପୋଡିଥାଏ । ତେଣୁ ୮ ଘଣ୍ଟାର ଏହି ବୃଥା ଯାତ୍ରାରେ କେବଳ ତେଲ ଓ ପରିଚାଳନା ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

## ଚାକରାଣୀଙ୍କୁ ବାହା ହୋଇନାହାନ୍ତି, ବରଂ ଜୀବନସାଥୀ କରିଛନ୍ତି: ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି): ପତ୍ନୀ ରୋଷେଇ ନ କରିବା କିମ୍ବା ଘରକାମ ଠିକ୍ ଭାବେ ନ କରିବାକୁ କ୍ରୂରତା ବୋଲି ବିଚାର କରାଯାଇପାରିବ ନାହିଁ । ଏବେ ସମୟ ବଦଳି ଯାଇଛି । ଘର କାମରେ ସ୍ୱାମୀଙ୍କୁ ମଧ୍ୟ ସମାନ ଦାୟିତ୍ୱ ତୁଲାଇବାକୁ ପଡ଼ିବ । ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ଜଷ୍ଟିସ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ ବିକ୍ରମ ନାଥଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ସ୍ୱାମୀଙ୍କ ଆବେଦନ ଉପରେ ଜଷ୍ଟିସ ମେହେଟ୍ଟା କହିଥିଲେ ଯେ ଆପଣ ଜଣେ ଚାକରାଣୀଙ୍କୁ ବିବାହ କରୁନାହାଁନ୍ତି, ବରଂ ଜଣେ ଜୀବନସାଥୀଙ୍କୁ ବିବାହ କରୁଛନ୍ତି । ଆଜିକା ସମୟରେ ସ୍ୱାମୀଙ୍କୁ ମଧ୍ୟ ରୋଷେଇ କରିବା ଏବଂ ଘର କାମ କରିବା ଉଚିତ । ମାତ୍ର ଖଣ୍ଡପୀଠ ଏହି ମାମଲାରେ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇ ନାହାନ୍ତି । ପରବର୍ତ୍ତୀ ତାରିଖରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଛି । ପୂର୍ବରୁ ମଧ୍ୟ ଏହି ମାମଲାକୁ ମଧ୍ୟସ୍ଥତା ପାଇଁ ପଠାଯାଇଥିଲା, କିନ୍ତୁ କୌଣସି ସମାଧାନ ବାହାରି ପାରି ନଥିଲା । ଏହି ମାମଲାରେ ଫ୍ୟାମିଲି କୋର୍ଟ ସ୍ୱାମୀଙ୍କ ପକ୍ଷରେ ନିଷ୍ପତ୍ତି ଦେଇଥିଲେ । ହାଇକୋର୍ଟ ସେହି ନିଷ୍ପତ୍ତିକୁ ରଦ୍ଦ କରିଦେଇଥିଲେ । ପରେ ସ୍ୱାମୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ।

ଏହି ମାମଲାରେ ସ୍ୱାମୀ କ୍ରୁରତା ଆଧାରରେ ଛାଡ଼ପତ୍ର ମାଗିଥିଲେ । ସେ କହିଥିଲେ ଯେ ବିବାହର ମାତ୍ର ସପ୍ତାହେ ଭିତରେ ପତ୍ନୀଙ୍କ ବ୍ୟବହାର ବଦଳି ଯାଇଥିଲା । ପତ୍ନୀ ଗାଳିଗୁଲଜ କରୁଥିଲେ, ରୋଷେଇ କରୁନଥିଲେ ଏବଂ ସନ୍ତାନ ଜନ୍ମ ହେବା ପରେ ଏକୋଇଶିଆକୁ ତାଙ୍କୁ ଡାକି ନ ଥିଲେ । ଅନ୍ୟପକ୍ଷରେ ପତ୍ନୀ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି । ସେ କହିଥିଲେ ଯେ ସ୍ୱାମୀଙ୍କ ସହମତିରେ ଡେଲିଭରି ପାଇଁ ବାପଘରକୁ ଯାଇଥିଲେ, କିନ୍ତୁ ଶଶୁର ଘର ଲୋକ ଉତ୍ସବରେ ସାମିଲ ହୋଇନଥିଲେ । ତାଙ୍କ ପରିବାରଠାରୁ ନଗଦ ଟଙ୍କା ଓ ସୁନା ଦାବି କରିଥିଲେ । ପତ୍ନୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ତାଙ୍କ ଦରମା ଦେବା ପାଇଁ ମଧ୍ୟ ଚାପ ପକାଯାଉଥିଲା । ଉଭୟେ ୨୦୧୭ରେ ବିବାହ କରିଥିଲେ । ଏବେ ଦମ୍ପତିଙ୍କ ୮ ବର୍ଷର ପୁଅ ରହିଛି ।

# ପାକିସ୍ତାନର ଗୁପ୍ତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ଆମେରିକା ଚିନ୍ତିତ

ୱାଶିଂଟନ, ୨୦ ।୩(ଏଜେନ୍ସି): ପାକିସ୍ତାନର କ୍ଷେପଣାସ୍ତ୍ର କ୍ଷମତାକୁ ନେଇ ଆମେରିକା ଗୁଇନ୍ଦା ବିଭାଗ ଏକ ବଡ଼ ତଥ୍ୟ ପ୍ରକାଶ କରିଛି । ପାକିସ୍ତାନ ଏବେ ଏମିତି ଏକ ଆନ୍ତଃ-ମହାଦେଶୀୟ ବାଲିଷ୍ଟିକ (ଆଇସିବିଏମ୍) ବିକଶିତ କରିବାକୁ ଚେଷ୍ଟା କରୁଛି, ଯାହା ସିଧାସଳଖ ଆମେରିକାରେ ପହଞ୍ଚି ଆକ୍ରମଣ କରିପାରିବ । ଏବେ ପାକିସ୍ତାନ ପାଖରେ ଥିବା ସବୁଠାରୁ ଦୂରଗାମୀ କ୍ଷେପଣାସ୍ତ୍ର ହେଉଛି 'ଶାହିନ-୩', ଯାହାର ଲକ୍ଷ୍ୟଭେଦ କ୍ଷମତା ୨, ୭୫୦ କିମି । ଏହା ଭାରତର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ପହଞ୍ଚିପାରିବ । ଏହି କ୍ଷେପଣାସ୍ତ୍ର ଆଇସିବିଏମ୍ ବର୍ଗରେ ରହିବା ପାଇଁ ଏହାର ସର୍ବନିମ୍ନ ଦୂରତା ୫, ୫୦୦ କିମିରୁ ଅଧିକ ହେବା ଆବଶ୍ୟକ । କିନ୍ତୁ ଆମେରିକା ଓ ପାକିସ୍ତାନ ମଧ୍ୟରେ ଦୂରତା ୧୧, ୦୦୦ କିମିରୁ ଅଧିକ ରହିଛି ।


ଆମେରିକାର ନ୍ୟାସନାଲ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ତୁଲସୀ ଗବାର୍ଡ ୨୦୨୬ ବାର୍ଷିକ ବିପଦ ଆକଳନ ରିପୋର୍ଟରେ ପାକିସ୍ତାନକୁ ରୁଷିଆ, ଚୀନ, ଉତ୍ତର କୋରିଆ ଓ ଇରାନ ଭଳି ଦେଶମାନଙ୍କ ତାଲିକାରେ ରଖିଛନ୍ତି, ଯେଉଁମାନେ ଆମେରିକା ପର୍ଯ୍ୟନ୍ତ ପହଞ୍ଚିପାରୁଥିବା କ୍ଷେପଣାସ୍ତ୍ର ନିର୍ମାଣ କରୁଛନ୍ତି ।



ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ପାକିସ୍ତାନର ବର୍ତ୍ତମାନର ଅସ୍ତ୍ରଶସ୍ତ୍ର ଭାରତ ବିରୋଧରେ ଯଥେଷ୍ଟ । କିନ୍ତୁ ପାକିସ୍ତାନ ଆଇସିବିଏମ୍ ତିଆରି କରିବା ପଛରେ ଦୁଇଟି ମୁଖ୍ୟ କାରଣ ଥାଇପାରେ । ଭବିଷ୍ୟତରେ ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ, ତେବେ ଯେପରି ଆମେରିକା ଭାରତ ପକ୍ଷ ନେଇ ହସ୍ତକ୍ଷେପ ନ କରେ, ସେଥିପାଇଁ ପାକିସ୍ତାନ ଆମେରିକା ଉପରେ ଏକ ମାନସିକ ଚାପ ସୃଷ୍ଟି କରୁଛି । ସେହିପରି ଆମେରିକା ଯେପରି ପାକିସ୍ତାନର ଆଣବିକ ଭଣ୍ଡାର ଉପରେ କୌଣସି ଆଗୁଆ ଆକ୍ରମଣ ନ କରେ, ସେଥିପାଇଁ ଏହା ଚାପ ସୃଷ୍ଟି କରିବାରେ ସହାୟ ହେବ । ପାକିସ୍ତାନ ସର୍ବଦା କହିଆସିଛି ଯେ ତାହାର ଆଣବିକ କାର୍ଯ୍ୟକ୍ରମ କେବଳ ଭାରତକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଛି । ପାକିସ୍ତାନର ବିଶେଷଜ୍ଞମାନେ ଆମେରିକାର ଏହି ଆକଳନକୁ କେବଳ ଏକ କଳ୍ପନା ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି । ତେବେ ଆମେରିକା ଅଧିକାରୀମାନଙ୍କ କହିବା ଅନୁଯାୟୀ, ପାକିସ୍ତାନ ଏହିଭଳି କ୍ଷେପଣାସ୍ତ୍ର ପ୍ରସ୍ତୁତ କରିବା ପାଇଁ ଆହୁରି ୫ରୁ ୧୦ ବର୍ଷ ସମୟ ଲାଗିବ ।

## ବକ୍ସ ଅଫିସ୍‌ରେ ଧୂରନ୍ଧର-୨ର ଧମାକା

ମୁମ୍ବାଇ, ୨୦ ।୩(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଓ ରଣବୀର ସିଂଙ୍କ ଅଭିନୀତ ବହୁଚର୍ଚ୍ଚିତ ହିନ୍ଦୀ ସିନେମା 'ଧୂରନ୍ଧର-୨: ଦି ରିଭେଞ୍ଜ' ବକ୍ସ ଅଫିସରେ ଝଡ଼ ସୃଷ୍ଟି କରିଛି । ମାର୍ଚ୍ଚ ୧୯ ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ପ୍ରଥମ ଦିନରେ ହିଁ ଭାରତୀୟ ସିନେମା ଜଗତର ଅନେକ ପୁରୁଣା ରେକର୍ଡକୁ ଧୂଳିସାତ କରିଦେଇଛି ।




ଏହି ଫିଲ୍ମ ପ୍ରଥମ ଦିନରେ ଭାରତୀୟ ବଜାରରେ ମୋଟ୍ ଉପରେ ୧୦୨.୫୫ କୋଟି ଟଙ୍କା ଆୟ କରିଛି । ଯଦି ପେଡ୍ ପ୍ରିଭ୍ୟୁକୁ ମିଶାଯାଏ, ତେବେ ଭାରତରେ ଏହାର ମୋଟ୍ ଆୟ ୧୪୫.୫୫ କୋଟି ଟଙ୍କାରେ ପହଞ୍ଚିଛି । ପ୍ରଥମ ଦିନରେ ବିଶ୍ୱବ୍ୟାପୀ ଏହି ଚଳଚ୍ଚିତ୍ର ପ୍ରାୟ ୨୩୬.୬୩ କୋଟି ଟଙ୍କା ଆୟ କରିଛି । ଏଥିସହ ଏହି ସିନେମା କେବଳ ହିନ୍ଦୀ ସଂସ୍କରଣରୁ ୯୯.୧୦ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ପୂର୍ବରୁ 'ପୁଷ୍ପା ୨' (୭୦.୩୦ କୋଟି) ନାମରେ ଥିବା ରେକର୍ଡକୁ ଭାଙ୍ଗିଛି । ପ୍ରଥମ ଦିନରେ ବିଶ୍ୱବ୍ୟାପୀ ଏହି ସିନେମା ପ୍ରାୟ ୨୩୬.୬୩ କୋଟି ଟଙ୍କା ଆୟ କରିଛି । ଏଥିସହ ଏହା 'ଆରଆରଆର' (୨୨୩ କୋଟି)କୁ ପଛରେ ପକାଇ ଭାରତୀୟ ସିନେମା ଇତିହାସର ଦ୍ୱିତୀୟ ବୃହତ୍ତମ ଗ୍ଲୋବାଲ ଓପନର ପାଲଟିଛି । ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ 'ପୁଷ୍ପା୨' (୨୭୫ କୋଟି) ପ୍ରଥମ ସ୍ଥାନରେ ରହିଛି । ନ୍ୟାସନାଲ ସିନେମା ଚେନ୍‌ଗୁଡ଼ିକରେ ଏହି ସିନେମା ପାଇଁ ପ୍ରାୟ ୯.୨୫ ଲକ୍ଷ ଟିକେଟ ଆଗୁଆ ବିକ୍ରି ହୋଇଥିଲା, ଯାହା ବାହୁବଳୀ ୨ ଓ ଯବାନ ଭଳି ଫିଲ୍ମକୁ ମଧ୍ୟ ପଛରେ ପକାଇଛି । ମାର୍ଚ୍ଚ ୧୮ ତାରିଖରେ ହୋଇଥିବା ପେଡ୍ ପ୍ରିଭ୍ୟୁରୁ ଏହା ୪୩ କୋଟି ଟଙ୍କା ଆୟ କରିଛି । ଯାହା ପବନ କଲ୍ୟାଣଙ୍କ 'ଓଜି' (୨୫ କୋଟି)ର ରେକର୍ଡକୁ ଭାଙ୍ଗିଛି । ଏହି ସିନେମାରେ ରଣବୀର ସିଂଙ୍କ ସହ ଅର୍ଜୁନ ରାମପାଲ, ଆର ମାଧବନ ଓ ସଞ୍ଜୟ ଦତ୍ତ ମୁଖ୍ୟ ଭୂମିକାରେ ଅଛନ୍ତି ।

# ୩ ଦିନ ପରେ ଗୃହକୁ ଆସିଲେ ସୋଫିଆ, ଦାଶରଥୀ

ଭୁବନେଶ୍ୱର, ୨୦।୩ (ସମିସ): ରାଜ୍ୟସଭା ନିର୍ବାଚନର ୩ ଦିନ ପରେ ବିଧାନସଭାକୁ ଆସିଛନ୍ତି କଂଗ୍ରେସର ଦୁଇ ବିଧାୟକ ସୋଫିଆ ଫିରଦୋସ ଓ ଦାଶରଥୀ ଗମାଙ୍ଗ। ଶୁକ୍ରବାର ଦ୍ୱିତୀୟାର୍ଦ୍ଧରେ ଖର୍ଚ୍ଚ ଦାବି ଆଲୋଚନାରେ ଏମାନେ ଅଂଶଗ୍ରହଣ କରିବା ସହ ଆଲୋଚନାରେ ମଧ୍ୟ ସାମିଲ ହୋଇଛନ୍ତି। ତେବେ ଏହି ଆଲୋଚନାକୁ ବିରୋଧ କରି କଂଗ୍ରେସ ଦଳ କକ୍ଷତ୍ୟାଗ କରିଥିଲେ ମଧ୍ୟ ସୋଫିଆ ଓ ଦାଶରଥୀ ଶାସକ ଦଳ ସହ ବିଧାନସଭା ଆଲୋଚନାରେ ସାମିଲ ହୋଇଛନ୍ତି। ଶୁକ୍ରବାର ପୂର୍ତ୍ତ, ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ବିଧାୟକ ଦାଶରଥୀ ଗମାଙ୍ଗୋ ବଜେଟ୍‌କୁ ସମର୍ଥନ କରିନଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ନିଜ ଅଞ୍ଚଳର ସମସ୍ୟା ସହ ପୂର୍ତ୍ତ ବିଭାଗର ରାସ୍ତା, ସ୍କୁଲ୍, ବାଳିକା ଉଚ୍ଚବିଦ୍ୟାଳୟରେ ଶୌଚାଳୟ ନ ଥିବା ଆଦି ବିଷୟରେ ସେ କହିଛନ୍ତି। ସେହିପରି ସୋଫିଆ ଫିର୍‌ଦୋସ ମଧ୍ୟ ମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଯଦିଓ ସେ ଏହି ବଜେଟ୍‌କୁ ସମର୍ଥନ କରିନାହାନ୍ତି, ମାତ୍ର ସେ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ଗ୍ରହଣ କରାଗଲେ ସେ ବଜେଟ୍‌କୁ ସମର୍ଥନ କରିବେ ବୋଲି କହିଛନ୍ତି। ନିଜ ବକ୍ତବ୍ୟରେ ସେ କଳାତାଲିକାଭୁକ୍ତ ଠିକା ସଂସ୍ଥା ସହିତ କଟକରେ ଡି-କଂଜେସନ୍ ପାଇଁ ପଦକ୍ଷେପ ଆଦି ବିଷୟରେ କହିଛନ୍ତି। ଏହାସହ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ମଧ୍ୟ ଦାବି କରିଛନ୍ତି।

ଅନ୍ୟପଟେ ଗୃହ ବାହାରେ ଗଣମାଧ୍ୟମକୁ ବିବୃତି ଦେଇ ସୋଫିଆ ଫିର୍‌ଦୋସ କହିଛନ୍ତି, ପୂର୍ବରୁ ଯେମିତି ଲୋକଙ୍କ ସେବା ଚାଲିଥିଲା ଜାରି ରହିବ। ବିଧାନସଭାରେ ପ୍ରତ୍ୟେକ ସମସ୍ୟା ଉଠାଇବି। କଟକ ଭିତରେ ଲୋକଙ୍କ ସହ ମିଶିବା ଓ ସେମାନଙ୍କ ସମସ୍ୟାର ସମାଧାନ ପୂର୍ବଭଳି ଜାରି ରହିବ। ସେହିପରି ବିଧାୟକ ଦାଶରଥୀ ଗମାଙ୍ଗୋ କହିଛନ୍ତି, ପିସିସି ସଭାପତି ଯାହାକୁ କହିଥିଲେ ତାଙ୍କୁ ଭୋଟ୍ ଦେଇଛି। ତେବେ ପିସିସି ସଭାପତି କ୍ରସ ଭୋଟିଂ ନେଇ ଯେଉଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାକୁ ମଧ୍ୟ ସେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ ୨୦୨୯ରେ ମୁଁ ପୁଣି ଜିତିବି। ବିଧାନସଭାକୁ ଆସିବି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଦିବାସୀଙ୍କୁ ଭଲ ପାଉଛନ୍ତି; ମୁଁ ଆଦିବାସୀ ନେତା। ମୁଁ ନିଶ୍ଚୟ ଜିତିବି ବୋଲି ଦାଶରଥୀ କହିଛନ୍ତି।

# ରାଜ୍ୟରେ ଓଡ଼ିଆ ଅସ୍ମିତା ସରକାର ଶଙ୍କର ଜାତୀୟ : ବିଜେଡି

## ଏସସିବି ଅଗ୍ନିକାଣ୍ଡରେ ୧୩ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ

ଭୁବନେଶ୍ୱର, ୨୦।୩ (ସମିସ): ରାଜ୍ୟରେ ଓଡ଼ିଆ ଅସ୍ମିତା ସରକାର ନୁହେଁ, ବରଂ ରାଜ୍ୟରେ ହାଇବ୍ରିଡ୍ (ଶଙ୍କରଜାତୀୟ) ଗୁଜରାଟୀ ଓଡ଼ିଆ ଅସ୍ମିତା ସରକାର ଚାଲିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଅନୁପସ୍ଥିତ ବିରୋଧୀଙ୍କୁ ସମାଲୋଚନା କରୁଛନ୍ତି। ଏପରି ଦୁର୍ଭାଗ୍ୟଜନକ ଘଟଣା ଓଡ଼ିଶାରେ କେବେ ଦେଖାଯାଇନାହିଁ। ମୁଖ୍ୟମନ୍ତ୍ରୀ ଗୃହରେ ଅପ୍ରାସଙ୍ଗିକ କଥା କହି ନିଜର ଓ ଗୃହର ମର୍ଯ୍ୟାଦାହାନି କରିଛନ୍ତି ବୋଲି ସମାଲୋଚନା କରିଛି ବିଜେଡି।




**ବିକ୍ରି ଯୋଗ୍ୟ ସମସ୍ତ ବଳକା ଧାନ କ୍ରୟରେ ସରକାର ସଂପୂର୍ଣ୍ଣ ବିଫଳ**

**ନବୀନ ସରକାରଙ୍କ ପ୍ରକଳ୍ପର ରକ୍ଷଣାବେକ୍ଷଣରେ ସରକାର ଅକ୍ଷମ**

ଶଙ୍ଖଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପ-ସଭାପତି ସଂଜୟ ଦାସବର୍ମା ଓ ଉପ-ସଭାପତି ତଥା ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ହୃଦୟବିଦାରକ ଅଗ୍ନିକାଣ୍ଡ ରାଜ୍ୟର ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ରକୁ ଦର୍ଶାଇବା ସହ ଏସ୍‌ସିବିର ସୁନାମକୁ ଭୂ-ଲୁଣ୍ଠିତ କରିଛି। ଏଥିପାଇଁ ନୈତିକ ଦାୟିତ୍ୱ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ। ଏନ୍‌ଏମସି ନିର୍ଦ୍ଦେଶାବଳୀର ବିରୋଧାଚରଣ କରି ନିଯୁକ୍ତି ଦିଆଯାଇଥିବା ଅଯୋଗ୍ୟ ଭାରପ୍ରାପ୍ତ ଅଧୀକ୍ଷକ ଓ ଅତିରିକ୍ତ ଅଧୀକ୍ଷକଙ୍କୁ ତୁରନ୍ତ ଗିରଫ କରିବା ସରକାରଙ୍କ ଦାୟିତ୍ୱ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ସେ ପୁଣି କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱରେ ୨୦୧୩-୧୪ରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରିଥିଲେ। ବିକେନ୍ଦ୍ରୀକୃତ ଧାନ କ୍ରୟ ୨୦୦୨-୦୩ରୁ ଆରମ୍ଭ ହୋଇ ଐତିହାସିକ ପି-ପାସ୍ ବ୍ୟବସ୍ଥା ୨୦୧୨ରେ ପ୍ରବର୍ତ୍ତନ ହୋଇଥିଲା। ଓଡ଼ିଶା ପାଞ୍ଚପାଞ୍ଚଥର କୃଷି କର୍ମଣ ପୁରସ୍କାର ପାଇ ଦେଶରେ ତୃତୀୟ ସର୍ବାଧିକ ପିଡିଏସ୍ ଚାଉଳ ପ୍ରଦାନକାରୀ ରାଜ୍ୟ ହୋଇଥିଲା। ମାତ୍ର ଏବେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ କେବଳ ୭୯ ପ୍ରତିଶତ ଚାଷୀ ଧାନ ବିକ୍ରୟ କରିପାରିଥିଲା ବେଳେ ସମସ୍ତ ବିକ୍ରି ଯୋଗ୍ୟ ଅମଳ ହୋଇଥିବା ଧାନର ମାତ୍ର ୩୫ ପ୍ରତିଶତ ଧାନ ସରକାର ସଂଗ୍ରହ କରିପାରିଛନ୍ତି। ପଡ଼ୋଶୀ ଛତିଶଗଡ଼ ସରକାର ତାଙ୍କର ଧାର୍ଯ୍ୟ ଲକ୍ଷ୍ୟର ୧୭୬ ପ୍ରତିଶତ ଧାନ ସଂଗ୍ରହ କରିଛନ୍ତି। ଏହା ପ୍ରମାଣ କରୁଛି ସମସ୍ତ ବିକ୍ରି ଯୋଗ୍ୟ ବଳକା ଧାନ ସଂଗ୍ରହରେ ବିଜେପି ସରକାର ସଂପୂର୍ଣ୍ଣ ବିଫଳ। ଓଡ଼ିଶାର ଚାଷୀମାନଙ୍କ ସହିତ ବିଜେଡି ସର୍ବଦା କାନ୍ଧ ମିଳାଇ ଛିଡ଼ା ହୋଇଛି ଏବଂ ସେମାନଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଦଳ ରାଜରାସ୍ତାରେ ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି।

ସେହିପରି ଅରୁଣ ସାହୁ କହିଛନ୍ତି ଯେ ଜଳ ସଂପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ। ବିଜେପି ସରକାରକୁ ଆସିଲା ବେଳେ ପ୍ରଥମ ବର୍ଷରେ ୨.୨୮ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ଲକ୍ଷ୍ୟ ପୂରଣ କରିବା ଦୂରର କଥା, ୨୦୨୪-୨୫ରେ ବଜେଟ ଅର୍ଥରେ କେବଳ ୫୫ ପ୍ରତିଶତ ଏବଂ ଚଳିତ ବର୍ଷ ୩୯ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଛନ୍ତି। ଟ୍ରିପଲ୍ ଇଂଜିନ ସରକାରରେ ମହାନଦୀ ପାଇଁ ବିଜେପି କାନ୍ଦୁଛି; କିନ୍ତୁ ମହାନଦୀର ବକ୍ଷ ଶୁଖିଲା ଓ ରାଜ୍ୟବ୍ୟାପୀ ଅବୈଧ ବାଲି ଚୋରା ଚାଲାଣ ହେଉଛି। ମହାନଦୀକୁ ଶୁଖାଇ ନଦୀ ସଂଯୋଗୀକରଣ ପ୍ରଚାର କରୁଛନ୍ତି ସରକାର। ଓଡ଼ିଆ ଠିକାଦାରମାନେ ଆନ୍ଦୋଳନ କରୁଥିଲା ବେଳେ ଅଣ-ଓଡ଼ିଆ ଠିକାଦାରମାନେ ସରକାରଙ୍କ ଗେହ୍ଲାପୁଅ ସାଜିଛନ୍ତି। ରାଜ୍ୟରେ ଏବେ ଗୁଜରାଟୀ ଓଡ଼ିଆ ଅସ୍ମିତା ସରକାର ଚାଲିଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି।

**ବିଜେଡି ଶୃଙ୍ଖଳା କମିଟି ବୈଠକରେ ୬ ବିଧାୟକଙ୍କ ସ୍ୱଷ୍ଟୀକରଣ ତର୍ଜମା**

# ଖୁବ୍ ଶୀଘ୍ର ନିଷ୍ପତ୍ତି ନେବେ ନବୀନ



ଭୁବନେଶ୍ୱର, ୨୦।୩ (ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ୬ ବିଧାୟକଙ୍କ ସ୍ୱଷ୍ଟୀକରଣକୁ ଅନୁଧ୍ୟାନ କରିଛି ବିଜେଡି ଶୃଙ୍ଖଳା କମିଟି। ଶଙ୍ଖ ଭବନରେ ଶୃଙ୍ଖଳା କମିଟି ସଦସ୍ୟ ଦେବୀ ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ସାହୁ, ପ୍ରମିଳା ମଲ୍ଲିକ, ଶାରଦା ଜେନା, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି ଓ ଆଭାସୀ ମାଧ୍ୟମରେ ପ୍ରଦୀପ ଅମାତ ଏଥିରେ ସାମିଲ ହୋଇଛନ୍ତି। ରାତିରେ ଶୃଙ୍ଖଳା କମିଟି ସଦସ୍ୟ ସ୍ୱଷ୍ଟୀକରଣ ସଂକ୍ରାନ୍ତରେ ଅନୁଧ୍ୟାନ ରିପୋର୍ଟକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇବ ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

## ସ୍ୱଷ୍ଟୀକରଣରେ ଭାଷା, ଶବ୍ଦ, ଶୈଳୀକୁ ନେଇ କୌତୂହଳ

## ସୁପ୍ରିମୋଙ୍କ ନିକଟକୁ ରିପୋର୍ଟ ପଠାଇଲା ଶୃଙ୍ଖଳା କମିଟି

ଗଣମାଧ୍ୟମରେ ପ୍ରସାରିତ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଚକ୍ରମଣି କହଁର ଓ ରମାକାନ୍ତ ଭୋଇଙ୍କ ସ୍ୱଷ୍ଟୀକରଣଗୁଡ଼ିକରେ ଏକ ଅଦ୍ଭୁତ ସାମଞ୍ଜସ୍ୟ ଦେଖିବାକୁ ମିଳିଛି। କେବଳ ଲେଟରହେଡ୍ ଓ ସମ୍ପୃକ୍ତ ବିଧାୟକଙ୍କ ସ୍ୱାକ୍ଷରକୁ ଛାଡ଼ିଦେଲେ ଶବ୍ଦ, ଭାଷା ଓ ଶୈଳୀ ପୂରା ସମାନ। ତେଣୁ ଏହି ଚାରିଜଣଙ୍କ ସ୍ୱଷ୍ଟୀକରଣ ଓ ଡ୍ରାଫ୍ଟିଂ ଗୋଟିଏ ସ୍ଥାନରୁ ହୋଇଥିବା ମନେ କରାଯାଉଛି ଓ ଏହା ପଛରେ ଶାସକ ଦଳର ହାତ ଥିବା ରାଜନୈତିକ ସମୀକ୍ଷକମହଲରେ ଆଲୋଚନା ହେଉଛି।

ବୈଠକ ସମାପ୍ତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ ଦଳର ସମ୍ବିଧାନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ନିର୍ଦ୍ଦିଷ୍ଟ ବିଧି ରହିଛି। ଦଳ ତଥା ଦଳର ନେତାଙ୍କୁ ନେଇ ୬ ବିଧାୟକ ଗଣମାଧ୍ୟମରେ ଯେଉଁ ବିବୃତିମାନ ଦେଇଛନ୍ତି, ତାହାକୁ କମିଟି ସାମ୍ନାରେ ଉପସ୍ଥାପିତ କରାଯାଇଛି। ଦଳର ସମ୍ବିଧାନ ଅନୁଯାୟୀ କୌଣସି ସଦସ୍ୟ ଦଳ କିମ୍ବା ଦଳର ନେତାଙ୍କ ଛବି ଖରାପ କରୁଥିବା ପରି କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ଏପରି କଲେ ସେମାନଙ୍କର ବିରୋଧରେ ଶୃଙ୍ଖଳତାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସମସ୍ତ ତଥ୍ୟକୁ ତନ୍ନତନ୍ନ କରି ଯାଞ୍ଚ କରିବା ପରେ କମିଟି ନିଜର ରିପୋର୍ଟ ସଭାପତିଙ୍କୁ କରିବେ। ଶେଷ ନିଷ୍ପତ୍ତି ଦଳର ସଭାପତି ନେବେ।

ସୂଚନାଯୋଗ୍ୟ ଯେ ଗତ ୧୬ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେଡିର ୬ଜଣ ବିଧାୟକ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍‌ଭୋଟିଂ କରିଥିଲେ। ୧୭ତାରିଖରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସେମାନଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ବିଧାୟକଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେ ସଂକ୍ରାନ୍ତରେ ୨୦ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଦଣ୍ଡର ୧୨ ବର୍ଷ ପରେ ଯନ୍ତ୍ରୀଙ୍କ ୧.୨୭ କୋଟି ସମ୍ପତ୍ତି ବାଜ୍ୟାପ୍ତି

ଭୁବନେଶ୍ୱର,୨୦।୩(ସମିସ): ନୂଆପଡ଼ା ଜିଲ୍ଲା ଜୋଙ୍କ ଜଳସେଚନ ଡିଭିଜନର ପୂର୍ବତନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀଙ୍କ ୧.୨୭କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ହେବ। ଏନେଇ କନ୍‌ଫେସିକେନ୍ କୋର୍ଟ ଅଥରାଇଜଡ୍ ଅଫିସର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଭୁବନେଶ୍ୱର ଆଶାପୂର୍ଣ୍ଣା ମହାପାତ୍ର ଭିଜିଲାନ୍ସକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସଜା ପାଇବାର ୧୨ବର୍ଷ ପରେ ତାଙ୍କ ବିରୋଧରେ ଏଭଳି ନିର୍ଦ୍ଦେଶ ଜାରି କରାଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ତୁଳସୀ ନଗର ଅଞ୍ଚଳର ଏକ ବହୁତଳ ପ୍ରସାଦ ଏବଂ ୩ଟି ପ୍ଲଟ୍ ରହିଛି। ଜୋଙ୍କ ଜଳସେଚନ ଡିଭିଜନର ପୂର୍ବତନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀଙ୍କ ବିପୁଳ ପରିମାଣରେ ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜନ କରିଥିବା ସଂକ୍ରାନ୍ତରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଭିଜିଲାନ୍ସ ତାଙ୍କର ଏକାଧିକ ଠିକଣାରେ ଚଢ଼ଉ କରିବା ସହ ତାଙ୍କ ବିରୋଧରେ ଚାର୍ଜସିଟ୍ ଫାଇଲ କରାଯାଇଥିଲା। କୋର୍ଟ ପ୍ରଫୁଲ୍ଲଙ୍କୁ ୨୦୧୪ ମସିହାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଦୋଷୀ ସାବ୍ୟସ୍ତ କରିବାର ୧୪ ବର୍ଷ ପରେ ତାଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପୂର୍ବତନ ଇନ୍ସପେକ୍ଟର ବିଭୂତେନ୍ଦୁ ସାହୁ ଏହାର ତଦନ୍ତ କରିଥିବା ବେଳେ ସ୍ୱତନ୍ତ୍ର ପିପି ମାନସ ମିଶ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ଚୌଦ୍ୱାର ଜେଲ୍: ଢୋଲ ଭିତରେ ମୂଷା

## ହାଇ-ସିକ୍ୟୁରିଟି 'ୱାଇ' ସେଲ୍‌ରୁ ମିଳିଲା ଟଙ୍କା, ମୋବାଇଲ୍

ଭୁବନେଶ୍ୱର/ଚୌଦ୍ୱାର, ୨୦।୩ (ସମିସ): ଚୌଦ୍ୱାର ଜେଲରେ ଢିଲା ସୁରକ୍ଷା ବ୍ୟବସ୍ଥା ପୁଣି ପଦାରେ ପଡ଼ିଛି। ଦୁଇ କୁଖ୍ୟାତ ଅପରାଧୀ ପାଚେରି ଡେଇଁ ଫେରାର ହେବା ଘଟଣା ମନରୁ ନ ଲିଭୁଣୁ ହାଇ ସିକ୍ୟୁରିଟି ଏନକ୍ଲୋଜର୍ ଭିତରୁ ଏକକାଳୀନ ୩ଟି ମୋବାଇଲ ଫୋନ ମିଳିଛି। ନଗଦ ୫୦ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ରାଉରକେଲା ସାଇବର ଥାନା ପୁଲିସ ଜେଲ୍ ଭିତରେ ଚଢ଼ଉ କରି ଏ ସବୁ ଜବତ କରିଛି। ରାଜ୍ୟର ଅନ୍ୟତମ ପ୍ରମୁଖ ଜେଲରୁ ବେଆଇନ ଜିନିଷ ଠାବ ହେବା, ଜେଲ୍ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ସାମ୍ନାକୁ ଆସିଥିବା ବେଳେ ବରିଷ୍ଠ ଅଧୀକ୍ଷକଙ୍କ ପାରିବାପଣିଆକୁ ପଦାରେ ପକାଇଛି।

ଚୌଦ୍ୱାର ମଣ୍ଡଳ କାରାଗାରର ୪ନଂ ହାଇ-ସିକ୍ୟୁରିଟି ଏନକ୍ଲୋଜର୍ ଅଧୀନସ୍ଥ 'ୱାଇ' ସେଲରେ ୩ଜଣ କିନ୍ନର ଅଭିଯୁକ୍ତ ରହୁଛନ୍ତି। ସେମାନଙ୍କ ମଧ୍ୟରେ ଥିବା ଲକି କିନ୍ନର କିଛି ଦିନ ତଳେ ରାଉରକେଲାର ଜଣେ ବ୍ୟବସାୟୀଙ୍କୁ ଫୋନ୍ କରି ଟଙ୍କା ମାଗିଥିଲା। ଟଙ୍କା ନଦେଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ଏନେଇ ବ୍ୟବସାୟୀ ଅଭିଯୋଗ କରିବା ପରେ ରାଉରକେଲା ସାଇବର ଥାନା ପୁଲିସ ମାମଲା ରୁଜୁ କରିଥିଲା। ମୋବାଇଲଟି ଚୌଦ୍ୱାର ଜେଲ ଭିତରେ ବ୍ୟବହାର ହେଉଥିବା ବୈଷୟିକ ବିଶ୍ଳେଷଣରୁ ଜାଣିବାକୁ ପାଇଥିଲା। ଶୁକ୍ରବାର ସକାଳେ ରାଉରକେଲା ସାଇବର ଥାନାର ଏକ ଟିମ୍ ଆସି କଟକରେ ପହଞ୍ଚିଥିଲା। କମିସନରେଟ ପୁଲିସ ସହାୟତାରେ ଚୌଦ୍ୱାର ଜେଲରେ ଚଢ଼ଉ କରିଥିଲା। ସକାଳ ପ୍ରାୟ ୭ଟା ବେଳେ ୩ ଜଣ କିନ୍ନର ରହୁଥିବା ୱାଇ ସେଲରେ ଚଢ଼ଉ କରିଥିଲା। ସେଲ୍ ଯାଞ୍ଚ କରିବା ସହ ଆଖପାଖ ଅଞ୍ଚଳର ମଧ୍ୟ ତଲାସୀ ନେଇଥିଲା। ସେଲକୁ ଲାଗି ରହିଥିବା ଖାଲି ସ୍ଥାନରେ ମାଟି ଖୋଳିବା ପରେ ଦୁଇଟି ମୋବାଇଲ ବାହାରିଥିଲା। ଏଥିସହିତ ସେଲ୍ ଭିତରୁ ଗୋଟିଏ ମୋବାଇଲ୍ ଫୋନ୍ ଓ ନଗଦ ୫୦ ହଜାର ଟଙ୍କା ଜବତ କରିଥିଲା ପୁଲିସ। ତେବେ ଏକକାଳୀନ ୩ଟି ମୋବାଇଲ ଫୋନ୍ ଓ ଏତେ ପରିମାଣର ଟଙ୍କା ଜବତ ହେବା ପରେ ଜେଲ୍ ମୁଖିଆଙ୍କ କାର୍ଯ୍ୟଦକ୍ଷତାକୁ କାଠଗଡ଼ାରେ ଛିଡ଼ା କରାଇଛି। ଜେଲ୍ ଭିତରକୁ ମୋବାଇଲ ଓ ଏତେ ପରିମାଣର ଟଙ୍କା କିପରି ଗଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ସେପଟେ କିନ୍ନରମାନେ ରହୁଥିବା 'ୱାଇ' ସେଲ୍‌ରେ ନିୟମିତ ଚଢ଼ଉ ହେଉ ନଥିବାରୁ ଅପରାଧୀଙ୍କ ପାଇଁ ମଧ୍ୟ ଏହା ସୁରକ୍ଷିତ ସ୍ଥାନ ପାଲଟିଛି। ଅନ୍ୟ ଅପରାଧୀମାନେ ବ୍ୟବହାର କରୁଥିବା ମୋବାଇଲ ଫୋନକୁ ଲକ୍-ଅପ୍ ପୂର୍ବରୁ କିନ୍ନରଙ୍କ ସେଲରେ ରଖି ଦେଉଛନ୍ତି। ଏଥିସହ ସେଲ୍ ନିକଟସ୍ଥ ମାଟିରେ ପୋତି ଦେଉଛନ୍ତି। ଏ ସବୁ ଦୀର୍ଘ ଦିନ ଧରି ଚାଲିଆସୁଥିଲେ ମଧ୍ୟ ଜେଲ୍ କର୍ତ୍ତୃପକ୍ଷ ଜାଣି ଶୁଣି ସେମାନଙ୍କୁ ପ୍ରଶ୍ରୟ ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ଜେଲ୍ ଭିତରେ ରହି ମଧ୍ୟ ଅନ୍ତେବାସୀମାନେ ତାଙ୍କ ଅପରାଧିକ ନେଟୱର୍କ ଚଳାଉଛନ୍ତି। ବିଭିନ୍ନ ସମୟରେ ଜେଲ୍ ଭିତରୁ ଫୋନ୍ ଯୋଗେ ଟଙ୍କା ମାଗିବାଠାରୁ ଆରମ୍ଭ କରି ସାକ୍ଷୀମାନଙ୍କୁ ଧମକଚମକ ଦେଉଛନ୍ତି। ଇଏ କେବଳ ଗୋଟିଏ ଘଟଣା ନୁହଁ, ପୂର୍ବରୁ ମଧ୍ୟ ଜେଲ୍ ସୁରକ୍ଷା ବ୍ୟବସ୍ଥାର ଧଜିଆ ଉଡ଼ିଛି। ଗତବର୍ଷ ଅକ୍ଟୋବରରେ ଦୁଇ କୁଖ୍ୟାତ ଅପରାଧୀ ତଥା ହତ୍ୟା ଅଭିଯୁକ୍ତ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଧରାପଡ଼ିଥିବା ବେଳେ ଅନ୍ୟ ଜଣେ ଏବେବି ଫେରାର ରହିଛି। ବାରମ୍ବାର ଜେଲ୍ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହେଉଥିଲେ ମଧ୍ୟ କେବଳ ତଳକତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଭାଗ ଚୁପ୍ ବସି ପଡ଼ୁଛି। ବର୍ତ୍ତିଯାଉଥିବା ବଡ଼ବଡ଼ିଆମାନେ ପରୋକ୍ଷରେ ଅପରାଧୀମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି।

### ମହଙ୍ଗା ପଡ଼ିଲା ଦଳ ବିରୋଧୀ କାର୍ଯ୍ୟକଳାପ

# ୧୦ ଯୁବ ଓ ଛାତ୍ର ବିଜେଡି ନେତା ନିଲମ୍ବିତ

ଭୁବନେଶ୍ୱର,୨୦।୩(ସମିସ): ଦଳ ବିରୋଧୀ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା କାରଣରୁ ୧୦ ଜଣ ଯୁବ ଓ ଛାତ୍ର ନେତାଙ୍କୁ ବିଜେଡି ଦଳରୁ ନିଲମ୍ବନ କରିଛି। ଏନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ନିର୍ଦ୍ଦେଶନାମା ଅନୁଯାୟୀ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ଶୋଭନ ମହାନ୍ତି, ଅନୁପମ ଶତପଥୀଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ସେହିପରି ଛାତ୍ର ବିଜେଡିର ମହାସଚିବ ସୁଜିତ୍ ପାଲଟାସିଂହ, ଉପ ସଭାପତି ରଞ୍ଜିତ ଦାସ, ଅବିନାଶ ମହାନ୍ତି, ଦେବୀପ୍ରସାଦ ଲେଙ୍କା, ଅସିତ୍ ରଞ୍ଜନ ଦାସ, ସିଦ୍ଧାର୍ଥ ସ୍ୱାଇଁ ଓ ସାଧାରଣ ସମ୍ପାଦକ ଦେବପ୍ରସାଦ ରାଉତରାୟ ନିଲମ୍ବିତ ହୋଇଛନ୍ତି। ଅନୁରୂପ ଭାବରେ ପୁରୀ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ଗୌରହରି ପ୍ରଧାନ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା କାରଣରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

**ନିଲମ୍ବନ ହେଲେ ପୁରୀ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ**

**ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା**

# ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟୟ ହେବ ୨୧୦ କୋଟି



ଭୁବନେଶ୍ୱର,୨୦।୩(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ସମସ୍ତ ପ୍ରାରମ୍ଭିକ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ପ୍ରଥମ ପର୍ଯ୍ୟାୟ କାମ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

**ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ବୈଠକରେ ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି; ସେହି ପ୍ରକଳ୍ପ ଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଏହି ପ୍ରକଳ୍ପ ଗୁଡିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମତ ଦେଇଥଲେ। ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ମଧ୍ୟ ଉପଯୋଗୀ କରାଯିବ।

# ଖାଲି କାଗଜକଲମରେ ନିଅାଁ 'ସତର୍କତା'

କଟକ, ୨୦।୩ (ସମିସ): ୨୦୧୬ ମସିହାରେ ଭୁବନେଶ୍ୱର ସମ୍ ହସ୍ପିଟାଲ ଅଗ୍ନିକାଣ୍ଡରେ ୨୨ରୁ ଅଧିକ ଜୀବନ ଯିବା ପରେ ରାଜ୍ୟ ସାରା ହସ୍ପିଟାଲ ସୁରକ୍ଷାକୁ ନେଇ ଯେଉଁ ତତ୍ପରତା ପ୍ରକାଶ ପାଇଥିଲା, ଗତ କିଛି ଦିନ ତଳେ କଟକ ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ଘଟିଥିବା ଅଭାବନୀୟ ଘଟଣା ପ୍ରମାଣ କରିଛି ଯେ ସେହି ସତର୍କତା କେବଳ କାଗଜପତ୍ରରେ ସୀମିତ ରହିଥିଲା। ଉଭୟ ଘଟଣାରେ ମୃତ୍ୟୁର ପ୍ରଧାନ କାରଣ ଅଗ୍ନି ନୁହେଁ, ବରଂ ସୁରକ୍ଷା ପ୍ରଣାଳୀର ବିଫଳତା। ଏସ୍‌ସିବି ଘଟଣାରେ ଫାୟାର୍ ଆଲାର୍ମ ସିଷ୍ଟମ୍ ବନ୍ଦ ରହିବା ଏବଂ ସ୍ମୋକ୍ ଡିଟେକ୍ଟର୍ କାମ ନ କରିବା ସିଧାସଳଖ ଭାବେ 'ଓଡ଼ିଶା ଫାୟାର୍ ସର୍ଭିସ୍ ଆକ୍ଟ-୧୯୯୩' ଏବଂ 'ନ୍ୟାସନାଲ ବିଲ୍ଡିଂ କୋଡ୍-୨୦୧୬'ର ଘୋର୍ ଉଲ୍ଲଂଘନ।



ଆଇନଗତ ଦୃଷ୍ଟିକୋଣରୁ ଏହାକୁ କେବଳ ଏକ ସାଧାରଣ ଦୁର୍ଘଟଣା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ବୈଧ ଫାୟାର୍ ଏନ୍‌ଓସି କିମ୍ବା କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ବିନା ହସ୍ପିଟାଲ ଚାଲୁ ରଖିବା ଏକ ଅପରାଧ। ଆଇନ ଅନୁଯାୟୀ ଯେକୌଣସି ହସ୍ପିଟାଲର ସୁରକ୍ଷା ପାଇଁ ଦାୟିତ୍ୱରେ ଥିବା ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କୁ 'ଅକ୍ୟୁପାୟର୍' କୁହାଯାଏ ଏବଂ ସମସ୍ତ ସୁରକ୍ଷା ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ଥାଏ। ଏସ୍‌ସିବି ଭଳି ସରକାରୀ ହସ୍ପିଟାଲ କ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ମୂଳ ଅକ୍ୟୁପାୟର୍ ହୋଇଥିବା ବେଳେ ପ୍ରାୟୋଗିକ ସୁରକ୍ଷା ପାଇଁ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରାଶାସନିକ ଅଧିକାରୀମାନେ ସିଧାସଳଖ ଉତ୍ତରଦାୟୀ ରହିଥା'ନ୍ତି। ସୁପ୍ରିମକୋର୍ଟଙ୍କ ବିଭିନ୍ନ ଐତିହାସିକ ରାୟ, ଯଥା 'ଏମ୍. ସି. ମେହେଟ୍ଟା' ଏବଂ 'ଉପହାର ସିନେମା ହଲ' ମାମଲା ଅନୁଯାୟୀ, ଯଦି ସଂସ୍ଥାର କୌଣସି ସିଷ୍ଟମ୍ ଫେଲ୍ ହୁଏ ଏବଂ ସେହି ଅବହେଳାରୁ କୌଣସି ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟେ, ତେବେ ଅକ୍ୟୁପାୟର୍ ନିଜର ଦାୟିତ୍ୱ ଅନ୍ୟ କୌଣସି କର୍ମଚାରୀଙ୍କ ଉପରକୁ ଠେଲି ଦେଇ ଦଣ୍ଡମୁକ୍ତ ହୋଇପାରିବେ ନାହିଁ। ହସ୍ପିଟାଲ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ସର୍ବୋଚ୍ଚସ୍ତରର ସୁରକ୍ଷା ବ୍ୟବସ୍ଥା ରଖିବା ବାଧ୍ୟତାମୂଳକ। ମାତ୍ର, ଏସ୍‌ସିବିରେ କେବଳ ୪ଜଣ ନିମ୍ନସ୍ତରର କର୍ମଚାରୀଙ୍କୁ ସସ୍‌ପେଣ୍ଡ କରି ପ୍ରଶାସନ ନିଜ ଦୋଷ ଝାଡ଼ିଦେବାକୁ ଚେଷ୍ଟା କରିଛି, ଯାହା ଆଇନର ଉପହାସ ସଦୃଶ।

ଅଚଳ ସୁରକ୍ଷା ପ୍ରଣାଳୀ ସହ ହସ୍ପିଟାଲ ଚାଲୁ ରଖିବା ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୪ (ଅପରାଧିକ ନରହତ୍ୟା) କିମ୍ବା ୩୦୪-ଏ (ଅବହେଳା ଜନିତ ମୃତ୍ୟୁ) ପରିସରଭୁକ୍ତ ହେବା ଆବଶ୍ୟକ। ସମ୍ ହସ୍ପିଟାଲ ଘଟଣା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଏବଂ ଅଧିକାରୀଙ୍କ ଗିରଫଦାରୀ ଏକ ଉଦାହରଣ ସୃଷ୍ଟି କରିଥିଲା। କିନ୍ତୁ, ୨୦୨୬ର ଏସସିବି ଘଟଣା ପ୍ରମାଣ କରିଛି ଯେ ଆମର ବ୍ୟବସ୍ଥା ସୁଧୁରିନି। ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅକ୍ୟୁପାୟର୍ ବା ଶୀର୍ଷ ପ୍ରଶାସକଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ନଚେତ ଏଭଳି ଘଟଣାଗୁଡ଼ିକ କେବଳ ଏକ 'ଦୁର୍ଘଟଣା'ର ଆଖ୍ୟା ପାଇ ରହିଯିବ ଏବଂ ଜନସାଧାରଣଙ୍କ ଜୀବନ ସହ ହେଉଥିବା ଏହି ଖେଳ କେବେ ବି ବନ୍ଦ ହେବ ନାହିଁ।

### ଠାକୁର ମଦନମୋହନଙ୍କ ଜାଗା ଜବରଦଖଲ ଘଟଣା

# ଦୋକାନରେ ତାଲା ଠୁଙ୍କିଲେ ତହସିଲଦାର



**ଗଞ୍ଜାମ, ୨୦ ।୩(ସମିସ)**

ଗଞ୍ଜାମ ସହର ସ୍ଥିତ ବ୍ରାହ୍ମଣ ଡମଣା ସାହି ଠାକୁର ବାବା ମଦନ ମୋହନଙ୍କ ବଡ଼ବଜାର ଠାରେ ଥିବା ଜାଗା ସ୍ଥାନୀୟ ଅଞ୍ଚଳର ଗୋପାଳ ମହାରଣା ଓ ତାଙ୍କ ଭାଇ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ଜବରଦଖଲ କରି ରଖିଥିଲେ । ଶୁକ୍ରବାର କୋର୍ଟଙ୍କ ନିର୍ଦ୍ଦେଶ ପରେ ଲୋକାଲ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ଉପସ୍ଥିତରେ ଆରଆଇ ସୀତାରାମ ସାହୁ ମାପଚୁପ କରିଥିଲେ । ପରେ ଠାକୁରଙ୍କ ଜାଗା ଚିହ୍ନଟ କରାଯାଇଥିଲା । ପରେ ଦୁଇଟି ଦୋକାନ ଗୃହ ତାଲା ପକାଇ ସାହି କମିଟି ସଭାପତି ପ୍ରଭାକର ପାଣିଗ୍ରାହୀଙ୍କୁ ଚାବି ହସ୍ତାନ୍ତର କରିଛନ୍ତି ଛତ୍ରପୁର କୋର୍ଟ କର୍ମଚାରୀ । ଏଥିସହ କାଠ ମେଣ୍ଟ ଓ ପରିବାର ରହୁଥିବା ଘର ମଧ୍ୟ ସିଲ କରାଯାଇଛି । କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ବେଳେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଥାନା ଆଇଆଇସି ସୁମିତ୍ରା ପାତ୍ର, ଏସଆଇ ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁଦୀପ୍ତ ସାହୁଙ୍କ ସମେତ ପୁଲିସ ଫୋର୍ସ ମୃତୟନ ଥିଲେ । ଜବରଦଖଲ କାରୀ ଗୋପାଳ ମହାରଣା ଅନୁପସ୍ଥିତ ଥିଲେ ବୋଲି ଆଇଆଇସି ପାତ୍ର ସୂଚନା ଦେଇଛନ୍ତି । ବ୍ରାହ୍ମଣ ଡମଣା ସାହି କମିଟି ସଭାପତି ପାଣିଗ୍ରାହୀଙ୍କ ସୂଚନା ଅନୁଯାଇ ୨୦୦୦ମସିହାରୁ ଉକ୍ତ ବ୍ୟକ୍ତିଙ୍କୁ ସାହି ପକ୍ଷରୁ ଠାକୁରଙ୍କ ଜାଗା ଖାଲି କରିବାକୁ ବାରମ୍ବାର କୁହାଯାଇଥିଲେ ମଧ କର୍ଣ୍ଣପାତ କରୁ ନଥିଲେ । ବାଧ ହୋଇ ଆମେ ଆଇନର ଆଶ୍ରୟ ନେଇଥିଲୁ । ସେ ମଧ ହାଇକୋର୍ଟରେ କେସ ଫାଇଲ କରିଥିଲେ । କିନ୍ତୁ ୨୦୨୨ରେ କୋର୍ଟ ତାହା ନାକଚ କରି ଦେଇଥିଲେ । ନାକଚ ହେବା ପରେ କୋର୍ଟଙ୍କୁ ଏକ ମାସ ମହଲଲତ ମାଗିଥିଲେ ଜବରଦଖଲକାରୀ । କିନ୍ତୁ ତାହା ଫଳପ୍ରଦ ହୋଇନଥିଲା । ପରେ ବାଧ ହୋଇ ସାହି ବାସିନ୍ଦା ୨୦୨୪ରେ ପୁଣି କୋର୍ଟଙ୍କ ଆଶ୍ରୟ ନେଇଥିଲେ । ଦୁଇବର୍ଷ ପରେ ରାଏ ଆସିଥିବାରୁ ସାହି ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି । ଠାକୁର ମଦନ ମୋହନଙ୍କ ପ୍ରାୟ ତିନି ଭରଣ ଓ ୫୦/୬୦ ହାତ ଜାଗା ଥିବା ଜଣାପଡ଼ିଛି । ଜବର ଦଖଲ ଉଚ୍ଛେଦ ବେଳେ ସାହିର ଗୋପାଳ ପଣ୍ଡା, କୈଳାଶ ବାରିକି, ଅସ୍ମିତ ପଣ୍ଡା, ପପୁ ପଣ୍ଡା, ମନୁ ମହାପାତ୍ର, ଠିକାଦାର ହାଡ଼ିଆ ମହାପାତ୍ର, ରଞ୍ଜି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ କୋର୍ଟ ନୋଟିସ ଅନୁସାରେ ଜାଗା ଚିହ୍ନଟ କରାଯିବା ସହ ଠାକୁରଙ୍କ ଜାଗାର ଚାବି ହସ୍ତାନ୍ତର କରାଯାଇଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

### ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ପ୍ରସ୍ତୁତି ବୈଠକ

## ୨୬ରେ ପୋଲସରା ଆସିବେ ପ୍ରବୀଣ ତୋଗାଡ଼ିଆ



**ପୋଲସରା, ୨୦ ।୩(ସମିସ):** ଚୈତ୍ରଶୁକ୍ଳ ପ୍ରତିପଦା ଓ ହିନ୍ଦୁ ନବବର୍ଷ ଅବସରରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ରାଷ୍ଟ୍ରୀୟ ବଜରଙ୍ଗ ଦଳର ସଂସ୍ଥାପକ ଡ଼. ପ୍ରବୀଣ ଭାଇ ତୋଗାଡିଆ ପ୍ରଥମ କରି ଗଂଜାମ ଜିଲ୍ଲା ପୋଲସରା ଗ୍ରସ୍ତରେ ଆସୁଛନ୍ତି । ଏନେଇ ଶୁକ୍ରବାର ପୋଲସରାର ତ୍ରିଷ୍ଟାବି ହୋଟେଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅନ୍ତର୍ଜାତୀୟ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ପୀତବାସ ସାହୁ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଜିଲ୍ଲା ଅଧ୍ୟକ୍ଷ ସନ୍ତୋଷ କୁମାର ଖଟେଇଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ବିଶ୍ୱନାଥ ପାତ୍ର ଯୋଗଦାନ କରିଥିଲେ । ଆଗାମୀ ୨୬ରେ ଶ୍ରୀରାମ ନବମୀ ଉପଲକ୍ଷେ ଏକ ବିଶାଳ ସମାବେଶ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଯାହା ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ହିନ୍ଦୁତ୍ୱକୁକୁ ନେଇ ପ୍ରତ୍ୟେକ ସନାତନୀ ହିନ୍ଦୁଙ୍କ ହୃଦୟରେ ହିନ୍ଦୁଙ୍କ ପ୍ରତି ସେବା, ସୁରକ୍ଷା, ସମ୍ମାନର ଭକ୍ତି ଭାବ ଜାଗ୍ରତ ହେବ ବୋଲି ଏଠାରେ କୁହାଯାଇଛି ।

## ଗୋପାଳପୁର ବନ୍ଦରରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ



**ଛତ୍ରପୁର, ୨୦ ।୩(ସମିସ):** ସୁରକ୍ଷା ଅଭିଯାନରେ ଲୋକମାନଙ୍କୁ ଯୋଡିବା ଏବଂ ସଚେତନ ସହ ସଶକ୍ତ କରିବା ବିଷୟକୁ ନେଇ ୫୫ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଗୋପାଳପୁର ବନ୍ଦର ପରିସରରେ ପାଳିତ ହୋଇଯାଇଛି । ସୁରକ୍ଷା ମାସ ପାଳନ ଅବସରରେ, ବନ୍ଦରର କର୍ମଚାରୀମାନଙ୍କ ସହିତ ସେମାନଙ୍କ ପରିବାରର ସଦସ୍ୟମାନେ ବିଭିନ୍ନ ଆକର୍ଷଣୀୟ ଏବଂ ସୂଚନାପ୍ରଦ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମାପନ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା । ସମାପନ ଉତ୍ସବରେ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଷ ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାବେଶକୁ ସମ୍ବୋଧିତ କରି କହିଥିଲେ ଯେ, ଶିଳ୍ପ କ୍ଷେତ୍ରରେ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ମୁଁ ଆଶା କରୁଛି ଗୋପାଳପୁର ବନ୍ଦର ପରିସରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସୁରକ୍ଷା ନିୟମାବଳୀ ଓ ସୁରକ୍ଷାମୂଳକ ପଦକ୍ଷେପ ଗୁଡିକୁ ଦାୟିତ୍ୱର ସହ ପାଳନ କରିବା ସହ ସୁରକ୍ଷା ସମ୍ପର୍କିତ ପ୍ରଯୁକ୍ତି ବିଦ୍ୟାକୁ ବହୁଳ ଭାବେ ବ୍ୟବହାର କରିବେ । ଗୋପାଳପୁର ବନ୍ଦର ସର୍ବଦା ସୁରକ୍ଷାକୁ ଏକ ପ୍ରମୁଖ ବିଷୟ ଭାବରେ ପ୍ରାଥମିକତା ଦେଇଆସୁଛି ଏବଂ ସମସ୍ତ କର୍ମଚାରୀମାନଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ବଜାୟ ରଖିବା ଏହାର ମୂଳ ଲକ୍ଷ୍ୟ ଅଟେ ବୋଲି ଗୋପାଳପୁର ବନ୍ଦର ବିଜନେଶ ମୁଖ୍ୟ ପ୍ରଶାନ୍ତ ପାତ୍ର କହିଥିଲେ । ଏହି ଅବସରରେ ଗୋପାଳପୁର ବନ୍ଦରର ବିଭିନ୍ନ ବିଭାଗର ଅଧିକାରୀମାନେ ସୁରକ୍ଷା ସହ ଶୃଙ୍ଖଳାଗତ କାର୍ଯ୍ୟନିର୍ବାହ ଉପରେ ବିଶେଷ ଧ୍ୟାନ ଦେଇଥିଲେ । କାର୍ଯ୍ୟ କ୍ଷେତ୍ରରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ କିପରି ବଜାୟ ରଖିବା ଉପସ୍ଥିତ ସମସ୍ତ ଶ୍ରମିକମାନଙ୍କୁ ପୁନଃ ଅବଗତ କରାଇଥିଲେ । ଗୋପାଳପୁର ବନ୍ଦର ସୁରକ୍ଷା ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରାଯାଇଥିଲା ।

## ସଜା ପାଇବାର ୧୨ ବର୍ଷ ପରେ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୩(ସମିସ):** ନୂଆପଡ଼ା ଜିଲ୍ଲା ଜୋଙ୍କ ଜଳସେଚନ ଡିଭିଜନ ପୂର୍ବତନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଫୁଲ କୁମାର ପାଣିଗ୍ରାହୀଙ୍କ ୧.୨୭କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ହେବ । ଏନେଇ କନ୍‌ଫେସିକେନ୍ କୋର୍ଟ (ଅଥରାଇଜଡ୍ ଅଫିସର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଭୁବନେଶ୍ୱର ଆଶାପୂର୍ଣ୍ଣା ମହାପାତ୍ର ଭିଜିଲାନ୍ସକୁ ଶୁକ୍ରବାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ସେ ସଜା ପାଇବାର ୧୨ବର୍ଷ ପରେ ତାଙ୍କ ବିରୋଧରେ ଏଭଳି ନିର୍ଦ୍ଦେଶ ଜାରି କରାଯାଇଛି । ତେବେ ଏଥିରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ତୁଳସି ନଗର ଅଞ୍ଚଳର ଏକ ବହୁତଳ ପ୍ରସାଦ ଏବଂ ୩ଟି ପ୍ଲଟ୍ ରହିଛି ।

ଜୋଙ୍କ ଜଳଶେଚନ ଡିଭିଜନ ପୂର୍ବତନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଫୁଲ କୁମାର ପାଣିଗ୍ରାହୀଙ୍କ ପାଖରେ ବିପୁଳ ପରିମାଣରେ ଆୟ ବହିଃଭୂତ ସମ୍ପତ୍ତି ଥିବା ନେଇ ଭିଜିଲାନ୍ସ ଜାଣିବାକୁ

- **ଯନ୍ତ୍ରୀ ପ୍ରଫୁଲ ପାଣିଗ୍ରାହୀଙ୍କ ୧.୨୭କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ହେବ**
- **ତାଲିକାରେ ବ୍ରହ୍ମପୁର ସ୍ଥିତ ବହୁତଳ କୋଠା, ୩ ପ୍ଲଟ୍**

ପାଇଥିଲା । ଏହାପରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ତାଙ୍କ ଏକାଧିକ ଠିକଣା ଉପରେ ଭିଜିଲାନ୍ସ ଚଢାଉ କରିଥିଲା । ଚଢ଼ାଉରେ ପରେ ଜଣାପଡ଼ିଥିଲା ତାଙ୍କ ଆୟଠାରୁ ସେ ଢେର ଅଧିକ ସମ୍ପତ୍ତି ରଖିଛନ୍ତି । ଏହାପରେ ଭିଜିଲାନ୍ସ ତାଙ୍କ ବିରୋଧରେ ଚାର୍ଜସିଟ୍ ଫାଇଲ କରାଯାଇଥିଲା । କୋର୍ଟ ପ୍ରଫୁଲକୁ ୨୦୧୪ ମସିହାରେ ଦୋଷୀ ସାବ୍ୟସ୍ତ କରିଥିଲେ । ଦୋଷୀ ସାବ୍ୟସ୍ତ କରିବାର ୧୪ ବର୍ଷ ପରେ ତାଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିବା ନିର୍ଦ୍ଦେଶ ଦିଆଯାଇଛି । ଏଣୁ ଆୟ ବହିଭୂତ ମାମଲାରେ ବିଳମ୍ବିତ ବିଚାରପ୍ରକ୍ରିୟାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ପୂର୍ବତନ ଇନ୍ସପେକ୍ଟର ବିଭୁତେନ୍ଦୁ ସାହୁ ଏହାର ତଦନ୍ତ ଥିଲା ବେଳେ ସ୍ୱତନ୍ତ୍ର ପିପି ମାନସ ମିଶ୍ର ସରକାରଙ୍କ ପକ୍ଷରୁ ଏହାର ମାମଲା ପରିଚାଳନା କରୁଥିଲେ ।

## ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ପାଠଚକ୍ର



**କୋଦଳା, ୨୦ ।୩(ସମିସ):** କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଓଡ଼ିଆ ବିଭାଗ ତରଫରୁ 'ରୀତିରଶ୍ମି କବିସୂର୍ଯ୍ୟ ବଳଦେବ' ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ପାଠଚକ୍ରର ଆବାହକ ସାଗର ଚାନ୍ଦ ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧନାକର୍ମୀ ଭାବେ ସାହିତ୍ୟ ବିଶାରଦ ଡ଼କ୍ଟର ଅନନ୍ତ ରାମ କର କୌଣ୍ଡିନ୍ୟ ଯୋଗଦେଇ ବଳଦେବ ରଥଙ୍କ ଜୀବନୀ ଓ ସାହିତ୍ୟ କୃତି ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ ବଳଦେବଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ବିଷୟରେ କହିଥିଲେ । ନିମନ୍ତ୍ରିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ଚିଙ୍ଗୁଡ଼ିପଦର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଏ. ରାଜଗୋପାଳ ରାଓ ବଳଦେବ ରଥଙ୍କ ବିଷୟରେ ବର୍ଣ୍ଣନା କରିଥିଲେ । ଓଡିଆ ବିଭାଗୀୟ ମୁଖ୍ୟ ରଞ୍ଜୁବାଳା ନନ୍ଦ ବଳଦେବ ରଥଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଡ଼କ୍ଟର ଜ୍ୟୋତ୍ସ୍ନାରାଣୀ ସାହୁ କବିସୂର୍ଯ୍ୟ ବଳଦେବଙ୍କ ଜୀବନୀ ଉପରେ କହିଥିଲେ । ସଂଯୋଜକ ସପନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥଲେ ।

### ମେ' ୪ରୁ ମା' ରାମାୟଣାମ୍ମା ଠାକୁରାଣୀ ଯାତ୍ରା

## ଅନୁମତି ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ଯାତ୍ରା କମିଟି



**ଛତ୍ରପୁର, ୨୦ ।୩(ସମିସ):** ଚଳିତବର୍ଷ ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ଆରାଧ୍ୟା ଦେବୀ ମା ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଯାତ୍ରା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରତି ଦୁଇବର୍ଷକୁ ଥରେ ଆୟୋଜିତ ମା ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରାର ସ୍ୱତନ୍ତ୍ରତା ରହିଛି । ମେ' ୪ରୁ ଜୁନ୍ ୫ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହେବ । ଏନେଇ ଆଜି ଯାତ୍ରାକମିଟି ପକ୍ଷରୁ ମା'ଙ୍କ ମନ୍ଦିରରୁ ଏକ ପଟୁଆର ବାହାରି ଜିଲ୍ଲା ପ୍ରଶାସନର ଅନୁମତି ମାଗିବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ ବାସଭବନରେ ପହଞ୍ଚି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ସହଯୋଗ କାମନା କରିଥିଲେ । ଯାତ୍ରା କମିଟିର ମ୍ୟାନଜର ସିଏଚ. ଦୟାନନ୍ଦ ରେଡି ଓ ଆସିଷ୍ଟାଣ୍ଟ ମ୍ୟାନଜର ଏମ. ସମରେନ୍ଦ୍ର ସେନାପତି ଜିଲ୍ଲାପାଳଙ୍କୁ ଉତ୍ତରୀୟ ପ୍ରଦାନ କରି ମା'ଙ୍କ ଫୁଲ ସିନ୍ଦୁର ଦେଇ ନିମନ୍ତ୍ରଣ କରିଥିଲେ । ଏହାସହିତ ଯାତ୍ରା କମିଟି ପକ୍ଷରୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ ଏବଂ ସମାଜସେବୀ ଦୀପକ ମୁଦୁଲିଙ୍କ ସହିତ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା । କିପରି ସୁରୁଖୁରରେ ଯାତ୍ରା ଶେଷ ହେବ ସେନେଇ ଜିଲ୍ଲାପାଳଙ୍କ ସହିତ ବିଧାୟକ, ଉପାଧ୍ୟକ୍ଷ ଏବଂ ଯାତ୍ରା କମିଟି ପକ୍ଷରୁ ଆଲୋଚନା କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ସେକ୍ରେଟାରୀ ପି. ରାଜୁ, ସମାଜସେବୀ ଦୀପକ କୁମାର ମୁଦୁଲି, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଯୁବ ନେତା ସଞ୍ଜିତ କୁମାର ରାଉଳ, ବନୋଜ ନାହାକ, ସିଏଚ. ପୂର୍ଣ୍ଣ କୁମାର, ଏମ. ତ୍ରିନାଥ, ଏସ. ଶ୍ରୀନିବାସ ଏସ. ରିତେଶ, ଏସ. ଚିଟିବାବୁ, ସନ୍ତୋଷ ପାତ୍ର (ଚେଡ଼ି), ବିନାୟକ ମହାରଣାଙ୍କ ସମେତ ଯାତ୍ରା କମିଟିର ବହୁ ସଦସ୍ୟ ମାନେ ଉପସ୍ଥିତ ଥିଲେ । ଚଳିତବର୍ଷ ଯାତ୍ରାକୁ ଆକର୍ଷଣୀୟ କରିବା ସୁନ୍ଦର ଆଲୋକ ସଜ୍ଜା ତୋରଣ ସାଙ୍ଗକୁ ୪୦ଫୁଟର ୪ଟି ମୁଖ୍ୟ ଗେଟ ଶ୍ରଦ୍ଧାଳୁଙ୍କୁ ଆକର୍ଷଣ କରିବ । ସେହିଭଳି କଳାକୁଞ୍ଜ ନୂତନ ଉଦ୍ଦୀପନା ଆଣିଦେବ ।

## ପୋଷ୍ଟମ୍ୟାନଙ୍କୁ 'କଳିଙ୍ଗ ସେବା ରତ୍ନ' ପୁରସ୍କାର



**ଆସିକା, ୨୦ ।୩(ସମିସ):** ଆସିକା ସହରର ହାଟପଦା ସ୍ଥିତ ମୁଖ୍ୟ ଡାକଘରର ପୋଷ୍ଟମ୍ୟାନ୍ ଭାଗ୍ୟଶ୍ରୀ ମାରାଣ୍ଡିଙ୍କୁ ୨୦୨୬ର ରାଜ୍ୟସ୍ତରୀୟ କଳିଙ୍ଗ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଛି । ଡାକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏନେଇ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ତୃତୀୟ ରାଜ୍ୟ ସ୍ତରୀୟ କଳିଙ୍ଗ ସେବା ରତ୍ନ ଓ ଗୁରୁ ରତ୍ନ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଆସିକା ଡାକ ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିଲ୍ଲୀପ କୁମାର ବେହେରା, ସହକାରୀ ଡାକ ଅଧୀକ୍ଷକ ମୁଖ୍ୟାଳୟ ପରମାନନ୍ଦ କଣ୍ଟ, ଭଞ୍ଜନଗର ଡାକ ଅଧୀକ୍ଷିକା କିରଣ ମାଳା ପଣ୍ଡା, ଆସିକା ପୂର୍ବ ଉପଖଣ୍ଡ ଡାକ ନୀରିକ୍ଷକ ଶଶି ରଞ୍ଜନ, ଆସିକା ପଶ୍ଚିମ ଉପଖଣ୍ଡ ଡାକ ନୀରିକ୍ଷକ ରଘୁନାଥ ନାୟକ, ଆସିକା ହେଡ୍ ପୋଷ୍ଟମାଷ୍ଟର ମହାକାଳ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଗଡ଼ହୁମ୍ମା ଗ୍ରାମକୁ ଦାରୁ ସ୍ଥାନାନ୍ତର



**ରମ୍ଭା, ୨୦ ।୩(ସମିସ):** ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ କ୍ରିୟା ଯୋଗଗୁରୁଙ୍କ ସାହାର୍ଯ୍ୟ ଓ ସହଯୋଗକ୍ରମେ ରମ୍ଭା ଶ୍ରୀ ଜଗନ୍ନାଥ ମନ୍ଦିର ଗୋଦାମରୁ ନୂତନ ରଥ ନିର୍ମାଣାର୍ଥେ ଭଗ୍ନ ଅବସ୍ଥାରେ ପଡ଼ିଥିବା ରଥକୁ ପୁନରୁଦ୍ଧାର ପାଇଁ ଗଡ଼ହୁମ୍ମା ଗ୍ରାମକୁ ଦାରୁ କାଠ ସ୍ଥାନାନ୍ତର ହୋଇଛି । ସ୍ଥାନୀୟ ସହରଠାରୁ ବାଦ୍ୟ ବାଜଣା ଓ ସଂକୀର୍ତ୍ତନ ମାଧ୍ୟମରେ ପୂଜକ ସୂର୍ଯ୍ୟ ନାରାୟଣ ପଣ୍ଡା, ଗଡ଼ ହୁମ୍ମାର ୨୫ତମ ରାଜା ସାହେବ ରାଘବେନ୍ଦ୍ର ନାରାୟଣ ଦେଓ, ପୂର୍ବତନ ନଗର ପାଳ ସୁବାସ ଚନ୍ଦ୍ର ପଣ୍ଡା, ନଟବର ମହାରଣା ସହିତ କମିଟି ଓ ଗ୍ରାମବାସୀଙ୍କ ସହଯୋଗ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ରଥଯାତ୍ରା ସମୟରେ ଉପରୋକ୍ତ କାଠ ନବ ନିର୍ମିତ ରଥ ଗଢ଼ା ଯାଇ ଯାତ୍ରାର ଶୋଭାବର୍ଦ୍ଧନ କରିବ ବୋଲି ରାଜା ସାହେବ ରାଘବେନ୍ଦ୍ର ନାରାୟଣ ଦେଓ ପ୍ରକାଶ କରିଛନ୍ତି ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

**ପୋଲସରା, ୨୦ ।୩(ସମିସ):** ପୋଲସରା ଥାନା ଅନ୍ତର୍ଗତ ରାଣୀପଡ଼ା ବାଲିବନ୍ଧ ସାହି ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ସେ ହେଲେ ହେଲେ ଶିବାଜୀ ବରଡ଼ ।

ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ ଶିବାଜୀ ବାଲିବନ୍ଧ ନିକଟରେ ଥିବା ସମୟରେ ୨ଜଣ ଯୁବକ ଅଚାନକ ଆସି ଖଣ୍ଡାରେ ଆକ୍ରମଣ କରିଥିଲା । ପରିବାର ଲୋକେ ଶିବାଜୀଙ୍କୁ ଉଦ୍ଧାର କରି ବିଳମ୍ବିତ ରାତିରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲକୁ ସ୍ଥାନନ୍ତର କରାଯାଇଛି । ଶିବାଜୀଙ୍କ ମୁଣ୍ଡ, ଦୁଇ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି । ଆକ୍ରମଣର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲସରା ପୁଲିସ ଚଳାଇଛି ତଦନ୍ତ । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ କରିବା ସହ କବିସୂର୍ଯ୍ୟନଗର ଥାନା ଅଞ୍ଚଳ ଢୁଙ୍ଗୁରି ଗ୍ରାମର ହୀନ ଖଟେଇ ଏବଂ ଅନ୍ୟଜଣେ ସହଯୋଗୀ ଏଭଳି ଘଟଣାରେ ସାମିଲ ଥିବା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ଶିବାଜୀକୁ ଆକ୍ରମଣ ପାଇଁ ପାଖାପାଖି ୧୫ଦିନ ପୂର୍ବରୁ ଯୋଜନା କରାଯାଇଥିବା ପରିବାର ସଦସ୍ୟ ସନ୍ଦେହ କରିଛନ୍ତି । ଏନେଇ ଶିବାଜୀଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଧାନ ପୋଲସରା ଥାନାରେ ଲିଖିତ ଅଭିଯୋଗ ଦେଇଥିବା ବେଳେ ଆକ୍ରମଣକାରୀକୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି ।

## ମୁଣ୍ଡମରାଇରେ ରାଷ୍ଟ୍ରୀୟ ନବବର୍ଷ

**ଧରାକୋଟ, ୨୦ ।୩(ସମିସ):** ଧରାକୋଟ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମୁଣ୍ଡମରାଇ ଭଗତ ସିଂ ପ୍ରଭାତ ଶାଖା ତରଫରୁ ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ପାଳନ ହୋଇଯାଇଛି । ପ୍ରାତଃ ପାଞ୍ଚ ଘଣ୍ଟ ସମୟରେ ସଂଘ କାର୍ଯ୍ୟାଳୟରେ ଧ୍ୱଜା ଅର୍ପଣ କରି ସରସଂଘ ଚାଳକ ପ୍ରଣାମ କରାଯାଇଥିଲା । ସକାଳ ଛଅ ଘଣ୍ଟ ସମୟରେ ନଗର ସଂକୀର୍ତ୍ତନ କରି ପ୍ରଭାତ ଫେରି ହୋଇଥିଲା । ସନ୍ଧ୍ୟାରେ ମହାମନ୍ତ୍ର ଓ ହନୁମାନ ଚାଳିଶା ପଠନକରି ବିଶ୍ୱ ଶାନ୍ତି ଓ ମଙ୍ଗଳ କାମନା କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘର ଖଣ୍ଡ କାର୍ଯ୍ୟବାହୀ ରାଜନିକାନ୍ତ ସାହୁ, ବୌଦ୍ଧିକ ପ୍ରମୁଖ ଗଣେଶ ଚନ୍ଦ୍ର ପାତ୍ର, ଚିଦାନନ୍ଦ ପାତ୍ର, ସୁଶ୍ରୀଳ ବେହେରା, ସନ୍ତୋଷ ପାତ୍ର, ଅରୁଣ କୁମାର ପାଣିଗ୍ରାହୀ, ସୀତାରାମ ସାହୁ, ପ୍ରଦୀପ ଜେନା, ଜୟରାମ ପାତ୍ର, ଜିତେନ୍ଦ୍ର ସାହୁ, ସେବା ପ୍ରମୁଖ ଦୀନବନ୍ଧୁ ମହାରଣା ସହଯୋଗ କରିଥିଲେ ।

### ଟ୍ରଲର ପଛକୁ ପିଟିଲା ଟ୍ରଲର

## ଚାପି ହୋଇ ରହିଲେ ଚାଳକ; ଉଦ୍ଧାର କଲା ଅଗ୍ନିଶମ ବାହିନୀ



**ଖଲ୍ଲିକୋଟ, ୨୦ ।୩(ସମିସ)**


ଖଲ୍ଲିକୋଟ ଥାନା ଅନ୍ତର୍ଗତ ସିଙ୍ଗଡ଼ାପଲ୍ଲୀ ଗ୍ରାମ ନିକଟସ୍ଥ ୧୬ନଂ ଜାତୀୟ ରାଜପଥରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଟ୍ରଲର ପଛକୁ ଧକ୍କା ଦେଲା ଲୁହା ଛଡ଼ ବୋଝେଇ ଟ୍ରଲର । ଦୁଇ ଘଣ୍ଟା ଧରି ଟ୍ରଲର କ୍ୟାବିନ ଭିତରେ ଫସି ରହିଲେ ଡ୍ରାଇଭର । କ୍ୟାବିନ ଭିତରୁ ହାଇଡ୍ରୋଲିକ୍ କଟର ମେସିନ ସାହାଯ୍ୟରେ ଗୁରୁତର ଡ୍ରାଇଭରକୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ । ଗୁରୁତର ଡ୍ରାଇଭର ଜଣଙ୍କ ବିହାର ଅଞ୍ଚଳର ମୁକେଶ କୁମାର ବୋଲି ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଆଜି ସକାଳେ ଏକ ଲୁହା ଛଡ଼ ବୋଝେଇ ଟ୍ରଲର ଭୁବନେଶ୍ୱର ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟରେ ହଠାତ୍ ସିଙ୍ଗଡ଼ାପଲ୍ଲୀ ଗ୍ରାମ ନିକଟରେ ଆଗରେ ଥିବା ଅନ୍ୟ ଏକ ଟ୍ରଲର ପଛକୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ଲୁହା ଛଡ ବୋଝେଇ ଟ୍ରଲର କ୍ୟାବିନଟି ସମ୍ପୂର୍ଣ୍ଣ ଚୁରମାର ହୋଇଥିଲା । ବୋଝେଇ ହୋଇଥିବା ଲୁହା ଛଡ଼ ଗୁଡିକ ଆଗକୁ ମାଡି ଆସି କ୍ୟାବିନ ଭିତରେ ପଶି ଯାଇଥିଲା । ଡ୍ରାଇଭର ଜଣଙ୍କ ଗୁରୁତର ଅବସ୍ଥାରେ ଉକ୍ତ କ୍ୟାବିନ ଭିତରେ ଫସି ରହିଥିଲେ । ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ଦୁଇଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ହାଇଡ୍ରୋଲିକ୍ କଟର ମେସିନ ସାହାଯ୍ୟରେ କ୍ୟାବିନକୁ କାଟି ଫସି ରହିଥିବା ଡ୍ରାଇଭରକୁ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଥିଲେ । ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ଏଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ତୁରନ୍ତ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।

## ପୁସ୍ତପୁର ନିକଟରେ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

**ଖଲ୍ଲିକୋଟ, ୨୦ ।୩(ସମିସ):** ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଖଲ୍ଲିକୋଟରୁ କୋଦଳା ଅଭିମୁଖେ ଯାଉଥିବାବେଳେ ଶୁକ୍ରବାର ଅପରାହ୍ନରେ ହଠାତ ପୁସ୍ତପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ଫଳରେ ଟ୍ରକରେ ଥିବା ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି । ଖବର ପାଇ ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଆହତଙ୍କ ପରିଚୟ ମିଳିପାରିନାହିଁ ।





'ସକାଳ' ମହାପ୍ରଭାବ

# ବସିଲା ବିଇଏମ୍‌ସିର ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ବୈଠକ



- ଜାନୁଆରୀରେ ଚୁକ୍ତି ଶେଷ ପରେ ୩ ମାସ ପାଇଁ ଦିଆଯାଇଥିଲା ମଧ୍ୟବର୍ତ୍ତିକାଳୀନ ଅନୁମତି
- ରଦ୍ଦ ହେଲା କାର୍ଯ୍ୟାଦେଶ; ସମୀକ୍ଷା ଓ ଜନମତ ସଂଗ୍ରହ ପରେ ନିଷ୍ପତ୍ତି
- କାର୍ଯ୍ୟଧାରା ମୂଲ୍ୟାୟନ କମିଟି ଗଠନକୁ ନେଇ ଉଠିଲା ପ୍ରଶ୍ନ, ପୁନର୍ଗଠନ ହେବ କମିଟି

**ବ୍ରହ୍ମପୁର,୨୦।୩(ସମିସ):** କର୍ପୋରେସନ ଏବଂ ଷ୍ଟାଣ୍ଡିଂ କମିଟିର ବିନା ସୁପାରିଶ ତଥା ଅନୁମୋଦନରେ କୌଣସି ନିଷ୍ପତ୍ତି ଚୂଡ଼ାନ୍ତ ହେବନାହିଁ। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏଭଳି ନିୟମ ରହିଥିଲେ ହେଁ ଏଥିରେ ବ୍ୟତିକ୍ରମ କରାଯାଇ ଖୋଦ୍ ମେୟର ଓ ଡେପୁଟି ମେୟରଙ୍କ ସମେତ କର୍ପୋରେଟରଙ୍କ ଅଜାଣତରେ କିଛି ନୀତିଗତ ନିଷ୍ପତ୍ତି ନିଆଯାଇଛି। ଯାହା ନିଗମ ସହିତ ସହରବାସୀଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ କ୍ଷତିକାରକ। ବିଇଏମସିର ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସମୟରେ ଏଭଳି କିଛି ନିଷ୍ପତ୍ତି ନିଆଯାଇଛି। ମହାନଗର ନିଗମର ମୋଟ ୪୨ଟି ୱାର୍ଡକୁ ୫ଟି ଜୋନରେ ବିଭକ୍ତ କରାଯାଇ ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ସୁପରିଚାଳନା ପାଇଁ ୩ଟି ଘରୋଇ ସଂସ୍ଥାକୁ ପରିମଳ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତ୍ୟୁଷ ଏବଂ ପିଏମଆର ସଂସ୍ଥାକୁ ୨ଟି ଲେଖାଏଁ ଏବଂ ସଫାଇ ଅଭିଯାନକୁ ଗୋଟିଏ ଜୋନ ଅନ୍ତର୍ଗତ ବିଭିନ୍ନ ୱାର୍ଡର ଦାୟିତ୍ୱ ଦିଆଯାଇଛି।

ଗତ ଜାନୁଆରୀରେ ସମସ୍ତ ୩ଟି ଘରୋଇ ସଂସ୍ଥାର ଚୁକ୍ତି ଶେଷ ହୋଇ ସାରିଥିବା ବେଳେ ପରବର୍ତ୍ତି ଚୁକ୍ତିନାମା ପର୍ଯ୍ୟନ୍ତ ଅନ୍ତରୀଣ ଭାବେ ଅଧିକ ୩ ମାସ ସମୟ କାର୍ଯ୍ୟ ଜାରି ରଖିବାକୁ ଅନୁମତି ପ୍ରଦାନ କରାଯାଇଥିଲା। ତେବେ ଉକ୍ତ ବର୍ଦ୍ଧିତ ୩ ମାସ କାର୍ଯ୍ୟକାଳ ଶେଷ ପୂର୍ବରୁ ତାହାକୁ ତରବରିଆ ଭାବେ ଏକବର୍ଷ ବା ଆସନ୍ତା ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ଯାହାକୁ ନେଇ ମେୟର, ଡେପୁଟି ମେୟର, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଏପରିକି ମୂଲ୍ୟାୟନ କମିଟିର ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ସମ୍ପୃକ୍ତ ସଂସ୍ଥାମାନଙ୍କର କାର୍ଯ୍ୟକାଳ ବୃଦ୍ଧି ସଂକ୍ରାନ୍ତରେ କେହି ଅବଗତ ନଥିବା ବେଳେ ଏଭଳି ନିର୍ଦ୍ଦେଶନାମାକୁ ମେୟର ରଦ୍ଦ କରିଥିଲେ। ନିର୍ବାଚିତ ଜନପ୍ରତିନିଧିଙ୍କୁ ଅନ୍ଧାରରେ ରଖି ପ୍ରଶାସନିକ ଅଧିକାରୀଙ୍କ ଏଭଳି ଏକତରଫା ନିଷ୍ପତ୍ତିକୁ ବିରୋଧ କରି ଆଜି ନିଗମର ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ କର୍ପୋରେଟର ସଂଜିତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ତଥା ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏଭଳି ତରବରିଆ କାର୍ଯ୍ୟାଦେଶକୁ ନେଇ ଅସନ୍ତୋଷ ପ୍ରକାଶ ସହିତ ବିସ୍ତୃତ ଆଲୋଚନା କରାଯାଇଥିଲା। ଗତ ୭ତାରିଖରେ ନିଆଯାଇଥିବା ନିଷ୍ପତ୍ତିକୁ ୨ସପ୍ତାହ ପରେ ତଥା ୧୯ତାରିଖରେ ଖୋଦ୍ ମେୟର ଓ ଡେପୁଟି ମେୟର ଓ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ବଣ୍ଟନ କରାଯିବାକୁ ନେଇ ନିନ୍ଦା କରାଯାଇଥିଲା। ଆଲୋଚନା ପରେ ଆସନ୍ତା ଏପ୍ରିଲ ମାସରେ ଆଲୋଚନା ପରେ ଏସମ୍ପର୍କିତ ନିଷ୍ପତ୍ତି ନିଆଯିବାକୁ ସ୍ଥିର କରାଯାଇଛି। ସବୁଠାରୁ ବଡ଼କଥା ହେଲା ଚୁକ୍ତିନାମାର ନବୀକରଣ ଓ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଚିଠିରେ ଦର୍ଶାଯାଇଥିବା ମୂଲ୍ୟାୟନ କମିଟିର ନିଷ୍ପତ୍ତି ସମ୍ପର୍କରେ ଖୋଦ୍ କମିଟିର ସଦସ୍ୟ ତଥା ଡେପୁଟି କମିଶନର ଆଶୀର୍ବାଦ ପରିଡା ଅବଗତ ନଥିବା ବୈଠକରେ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ଯାହା ଏଭଳି ନିର୍ଦ୍ଦେଶନାମା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଫଳରେ ଉକ୍ତ ନିର୍ଦ୍ଦେଶନାମାକୁ ରଦ୍ଦ କରାଯିବା ସହିତ ସମ୍ପୃକ୍ତ ସଂସ୍ଥାମାନଙ୍କ କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ବିଭିନ୍ନ ୱାର୍ଡରେ ଜନମତ ସଂଗ୍ରହ ଓ ସମୀକ୍ଷା ପରେ ପରବର୍ତ୍ତି ନିଷ୍ପତ୍ତି ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିଭଳି କେବଳ ଅଧିକାରୀଙ୍କୁ ନେଇ ଗଠିତ ମୂଲ୍ୟାୟନ କମିଟିକୁ ପୁନର୍ଗଠନ କରି ସେଥିରେ ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ସହିତ କର୍ପୋରେଟରଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ସୂଚନା ଦେଇଛନ୍ତି ମେୟର।

ସେପଟେ ମାର୍ଚ୍ଚ ମାସ ଶେଷ ହେବାକୁ ଥିବାବେଳେ ବିଇଏମସିର ପ୍ରାକ ବଜେଟ ବୈଠକ ବସିପାରିନଥିବା ନେଇ 'ସକାଳ'ରେ ଖବର ପ୍ରକାଶ ପରେ ଆସନ୍ତା ୨୩ରେ ପ୍ରାକ ବଜେଟ ବୈଠକ କରିବାକୁ ନିଗମ ପକ୍ଷରୁ ନିଷ୍ପତ୍ତି ହୋଇଛି। ସେହିଭଳି ଚଳିତମାସ ଶେଷ ସୁଦ୍ଧା ନିଗମର ସ୍ୱତନ୍ତ୍ର କର୍ପୋରେସନ ବୈଠକ ଡାକି ବଜେଟ ଆଲୋଚନା କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି। ଆଜିର ବୈଠକରେ ମେୟର ଶ୍ରୀମତୀ ଦଳେଇଙ୍କ ସମେତ କମିଶନର ଏ. ଶଶ୍ୟା ରେଡ୍ଡୀ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସଂଜିତ ପାଣିଗ୍ରାହୀ, ସଦସ୍ୟ ତଥା କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ତିରୁପତି ପାତ୍ର, ଶ୍ୱେତାରେଖା ତ୍ରିପାଠୀ, ଏନ. ଆପ୍ପାରାଓ, ସୋନାଲି ଗନ୍ତାୟତ ଓ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଡେପୁଟି କମିଶନର ଆଶୀର୍ବାଦ ପରିଡା ଓ ନିଗମର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର,୨୦।୩(ସମିସ):** ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାରଣା କରି ଉପଯୁକ୍ତ ପ୍ରମାଣ ଅଭାବରୁ ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି ରୋହିତଲାଲ ପଣ୍ଡା ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ଚଣ୍ଡୀପଦରର ବିକ୍ରମ କୁମାର ଦାସ(୨୪)ଙ୍କୁ ଦୋଷମୁକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ,୨୦୨୧ ନଭେମ୍ବରରେ ଟାଉନ ଥାନା ଅଞ୍ଚଳର ଜନୈକା ନାବାଳିକା(୧୫)ଙ୍କୁ କେହି ଅପହରଣ କରିଥିବା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଅପହୃତା ନାବାଳିକାଙ୍କୁ ସଦର ଥାନା ଅନ୍ତର୍ଗତ ଚଣ୍ଡୀପଦରର ବିକ୍ରମ କୁମାର ଦାସ ନେଇ ବିଶାଖାପାଟଣା ଅଞ୍ଚଳରେ ଏକ ଘରେ ରଖିଥିବାବେଳେ ଉଦ୍ଧାର କରି ତାଙ୍କ ବୟାନ ରେକର୍ଡ କରିଥିଲା। ବୟାନ ଆଧାରରେ ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ବିକ୍ରମଙ୍କୁ କୋର୍ଟଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନରେ ମୁକୁଳିଥିଲେ। ବିଚାରଣା ବେଳେ ମୋଟ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତ ବିକ୍ରମଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରୁଥିଲେ।

## ମୋବାଇଲ ଲୁଟ୍ ମାମଲାରେ ୨ ଗିରଫ



**ବ୍ରହ୍ମପୁର,୨୦।୩(ସମିସ):** ମୋବାଇଲ ଲୁଟ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ଦୁଇ ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ଅନ୍ୟ ଅଭିଯୁକ୍ତ ଜଣକ ନିମଖଣ୍ଡି ଥାନା ଖାରବେଳନଗର ପଞ୍ଚମ ଲାଇନର ସ୍ୱାଧୀନ କୁମାର ପାତ୍ର(୧୯)। ନାବାଳକକୁ ଜେଜେବି ବୋର୍ଡରେ ହାଜର କରାଯାଇଛି। ଗତ ୧୯ତାରିଖରେ ଅଯୋଧ୍ୟା ନଗର ପ୍ରଥମ ଲାଇନର ଶୋଭନ ଭଞ୍ଜ(୨୭)ଙ୍କଠାରୁ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଦୁଇଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ମୋବାଇଲ୍ ଝାମ୍ପି ନେଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି। ସେମାନଙ୍କ ଠାରୁ ଅଭିଯୋଗକାରୀଙ୍କ ମୋବାଇଲ୍ ଫୋନ୍ ସମେତ ୨ ମୋବାଇଲ୍ ଓ ସ୍କୁଟି ଜବତ କରାଯାଇଛି।

## ଗଞ୍ଜାମ ଜିଲ୍ଲା ମହିଳା ଓ ପୁରୁଷ ବକ୍ସିଂ ଦଳ ଚୟନ



**ବ୍ରହ୍ମପୁର,୨୦।୩(ସମିସ):** ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ବକ୍ସିଂ ଏରିନାରେ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ଆନୁକୁଲ୍ୟରେ ଗଞ୍ଜାମ ଜିଲ୍ଲା ବକ୍ସିଂ ଦଳ ଚୟନ ହୋଇଛି। ଅଣ୍ଡର-୧୭ ବାଳକ ଓ ବାଳିକା ଏବଂ ଅଣ୍ଡର-୧୯ ମହିଳା ଓ ପୁରୁଷ ଦଳ ଚୟନରେ ବିଭିନ୍ନ ବିଭାଗର ୨୦ ଜଣ ମହିଳା ଏବଂ ୬୨ଜଣ ପୁରୁଷ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ୧୨ଜଣ ମହିଳା ଓ ୨୩ ଜଣ ବାଳକ ମୋଟ ୩୫ ଜଣ ବକ୍ସରଙ୍କୁ ଚୟନ କରାଯାଇଛି। ଅନ୍ତର୍ଜାତୀୟ ବକ୍ସିଂ ରେଫରୀ ତଥା ସ୍ଥାନୀୟ ପ୍ରଶିକ୍ଷକ ଶିଶିର କୁମାର ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ରାଜ୍ୟ ବକ୍ସିଂ ରେଫରୀ ତଥା କୋଚ୍ ଶିବରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ଅବସରପ୍ରାପ୍ତ ଡ଼ିଏସଓ ଅକ୍ଷୟ ପଟ୍ଟନାୟକ, ଷ୍ଟାଡିୟମ୍ ଇନଚାର୍ଜ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ହଷ୍ଟେଲ ଇନଚାର୍ଜ ସଞ୍ଜୀବ କୁମାର ସାହୁ, ବାସ୍କେଟ ବଲ୍ କୋଚ୍ କାଜଲ ସାହୁ ଓ ଭାରୋତ୍ତୋଳନ କୋଚ୍ ସୀତା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବକ୍ସିଂ ରେଫରୀ ତଥା ଜଜ୍ ବୁଲୁ ପାତ୍ର, ବାବୁ ରାଉତ, ସୁମନ ଦାସ, ଅବିନାଶ ନାୟକ, ସୁନା ଗୌଡ଼, ଅଜିତ୍ ମୁଖୀ, ବିପିନ ଗୌଡ଼, ସଞ୍ଜୟ ସେଠୀ, ଏସ. ସାଇ ପ୍ରତାପ, ପ୍ରବୀଣ ସେଠୀ, ସଂଗ୍ରାମ ସାମଲ, ଏସ. ସାଇ କିରନ୍ ତଥା ଗଞ୍ଜାମ ଜିଲ୍ଲାର ବହୁ ସିନିୟର ବକ୍ସର ଏବଂ ଷ୍ଟାଡିୟମ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଧାର ଟଙ୍କା ନ ଫେରାଇବାରୁ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ ଘଟଣା

## କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**ବ୍ରହ୍ମପୁର,୨୦।୩(ସମିସ):** ଧାର ଟଙ୍କାକୁ ନେଇ ଜଣେ ମହିଳାଙ୍କ ଘରେ ବଳପୂର୍ବକ ତାଲା ପକାଇବା ଓ ସୋସିଆଲ ମିଡ଼ିଆରେ ଗାଳିଗୁଲଜ କରି ଫଟୋ ଓ ଭିଡ଼ିଓ ପୋଷ୍ଟ କରିବା ନେଇ ଅଭିଯୋଗ ହୋଇଛି। ନିମଖଣ୍ଡି ଥାନା ଅନ୍ତର୍ଗତ ହୁଗୁଳାପଟା ଗାଁରେ ସୁଧ ଟଙ୍କା ନଦେବାରୁ ଜଣେ ମହିଳାଙ୍କ ଘରେ ତାଲା ପକାଇ ଦେଲେ ଉକ୍ତ ଥାନା ଅଞ୍ଚଳର ଗଙ୍ଗାଧର ପାତ୍ର। ଘଟଣାକୁ ନେଇ ସମ୍ପୃକ୍ତ ମହିଳା ଜଣକ ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ସୁରତରେ କାମ କରୁଥିବା ବେଳେ ଆବାସ ଯୋଜନାରେ ଘର କରି ମହିଳା ଜଣକ ନିଜ ଝିଅ ସହିତ ରହିଆସୁଥିଲେ। ତେବେ ଘର କାମ ପାଇଁ ଅଧିକ ଟଙ୍କା ଆବଶ୍ୟକ ହେବାରୁ କିଛିମାସ ପୂର୍ବରୁ ମହିଳା ଜଣକ ନିମଖଣ୍ଡି ଥାନା ଅଞ୍ଚଳର ଗଙ୍ଗାଧରଙ୍କ ଠାରୁ ୭୦ହଜାର ଟଙ୍କା ଋଣ ନେଇଥିଲେ। ଏଥିରୁ ୫୬ହଜାର ପରିଶୋଧ କରିଥିବା ବେଳେ ଅବଶିଷ୍ଟ ଟଙ୍କା ଫେରାଇବାକୁ ସମୟ ମାଗିଥିଲେ। ମାତ୍ର ଗଙ୍ଗାଧର ମହିଳାଙ୍କ ଘରକୁ ଯାଇ ଟଙ୍କା ନଦେଲେ ଚଳିବ ମାତ୍ର ତାଙ୍କ ସହ ସମ୍ପର୍କ ରଖିବାକୁ କୁଆଡେ ବାଧ୍ୟ କରୁଥିବା ମହିଳା ଅଭିଯୋଗ କରିଛନ୍ତି। ମହିଳା ଜଣକ ବାପଘର ଆସିକା ଥାନା ଅଞ୍ଚଳକୁ ପଳାଇଥିଲେ ମଧ୍ୟ ସେ ପିଛା ଛାଡ଼ିନଥିଲେ। ଆସିକା ଥାନାରେ ଏନେଇ ଅଭିଯୋଗ ସତ୍ତ୍ୱେ ପୁଲିସ ଗ୍ରହଣ କରିନଥିଲା। ତେଣୁ ମହିଳା ଜଣକ ସ୍ପିଡପୋଷ୍ଟ ଜରିଆରେ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ମହିଳା ଜଣକ ହୁଗୁଳାପଟା ଆସିବା ପରେ ଗତ ୧୩ ତାରିଖରେ ଗଙ୍ଗାଧର ପୁଣି ଘରକୁ ଆସି ବାକି ଟଙ୍କା ମାଗିବା ସହ ଦୁଷ୍କର୍ମ ଉଦ୍ୟମ କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ପ୍ରତିବାଦ କରିବାରୁ କିଛି ଲୋକଙ୍କୁ ଡ଼ାକି ଗଣ୍ଡଗୋଳ କରିବା ସହ ଘରୁ ମା' ଓ ଝିଅକୁ ବାହାର କରି ଗଙ୍ଗାଧର ତାଲା ପକାଇ ଦେଇଥିଲେ। ଏହାପରେ ଗଙ୍ଗାଧର ସୋସିଆଲ ମିଡ଼ିଆରେ ଅଶ୍ଳୀଳ ଭାଷା ପ୍ରୟୋଗ କରି ମହିଳାଙ୍କ ଫଟୋ ଓ ଭିଡ଼ିଓକୁ ପୋଷ୍ଟ କରିଛନ୍ତି। ଗଙ୍ଗାଧରଙ୍କ ବିରୋଧରେ ଯୌନ ଅତ୍ୟାଚାରକୁ ନେଇ ଆଜି ବ୍ରହ୍ମପୁର ଅତିରିକ୍ତ ଏସ୍‌ପିଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଛନ୍ତି ସମ୍ପୃକ୍ତ ମହିଳା। ସେପଟେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଆଲୋକ ଜେନା ପ୍ରତିଶ୍ରୁତି ଦେଇଛନ୍ତି।

● ଡିଜେ ଗୋଦାମରେ ନିଆଁ ଲଗାଇବା ଘଟଣା

## ପୂର୍ବତନ କର୍ମଚାରୀ ଗିରଫ

**ବ୍ରହ୍ମପୁର,୨୦।୩(ସମିସ):** ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ବ୍ରଜନଗର ଅଞ୍ଚଳରେ ଥିବା ଏକ ଡିଜେ ସାଉଣ୍ଡ ବକ୍ସ ଗୋଦାମ ଘରେ ଡିଜେଲ ଢାଳି ନିଆଁ ଲଗାଇବା ଘଟଣାରେ ପୁଲିସ ଜଣେ ପୂର୍ବତନ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଜଗଦଲପୁର ନେତାଜୀନଗରର ଏ. ଦିଲୁ ପାତ୍ର(୩୨)।

ସୂଚନାଯୋଗ୍ୟ ଯେ, ଗିରିଶଚନ୍ଦ୍ର ସାହୁଙ୍କର ଏକ ଡିଜେ ସଂସ୍ଥା ରହିଥିବାବେଳେ ସେଠାରେ ଦିଲୁ କାମ କରୁଥିଲା। କିନ୍ତୁ ସାଉଣ୍ଡ ବକ୍ସ ଚୋରି ଅଭିଯୋଗରେ ଦିଲୁକୁ ଗିରିଶ ଚାକିରିରୁ ବାହାର କରିଦେଇଥିଲେ। ପ୍ରତିଶୋଧ ନେବାକୁ ଯାଇ ଗତ ୧୯ତାରିଖ ରାତିରେ ଦିଲୁ ଡିଜେ ମାଲିକ ଗିରିଶଙ୍କ ବ୍ରଜନଗର ୩ୟ ଲାଇନ୍ ସ୍ଥିତ ବାସଭବନ ତଥା ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ଡିଜେ ଗୋଦମରେ ଥିବା ପ୍ରାୟ ୫ଲକ୍ଷ ଟଙ୍କାର ସାଉଣ୍ଡ ବକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଭିଯୋଗ ପରେ ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଅଭିଷେକ ପାଣ୍ଡବ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ସହ ଆଜି କୋର୍ଟଚାଲାଣ କରିଛନ୍ତି।

## ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ଚେନ୍ନାଇ ଗଲେ ୧୮ ଶିଶୁ



**ବ୍ରହ୍ମପୁର,୨୦।୩(ସମିସ):** ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍‌କେ) ଅଧୀନରେ ଗଞ୍ଜାମ ଜିଲ୍ଲାର ୧୮ ଜଣ ଶିଶୁଙ୍କ ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ଚେନ୍ନାଇ ପଠାଯାଇଛି। ଶିଶୁମାନଙ୍କ ସହ ସେମାନଙ୍କ ଅଭିଭାବକ ଓ ଦୁଇଜଣ ଡାକ୍ତର ଏହି ଦଳରେ ଯାତ୍ରା କରିଛନ୍ତି। କାର୍ଯ୍ୟକ୍ରମକୁ ଆରବିଏସ୍‌କେ ମ୍ୟାନେଜର ଲୋପାମୁଦ୍ରା ମିଶ୍ର ସଂଯୋଜନା କରିଥିବା ବେଳେ ଗଞ୍ଜାମ ସିଡ଼ିଏମ୍‌ଓ ଡା. ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ବିଶ୍ୱମ୍ବର ବେହେରା, ଏଡିପିଏଚଓ ଡା.ଏସ୍. କାମେଶ୍ୱର ରାଓ, ଶିଶୁ ରୋଗ ବିଶେଷଜ୍ଞ ଡା. ବିଜୟ କୁମାର ପାଣିଗ୍ରାହୀ ଓ ଡା. ଜଗଦୀଶ ପଟ୍ଟନାୟକଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱ ଘରଚଟିଆ ଦିବସ

**ବ୍ରହ୍ମପୁର,୨୦।୩(ସମିସ):** ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୁକୁଡ଼ାଖଣ୍ଡି ବ୍ଲକ ଲାଞ୍ଜିଆ ଗ୍ରାମରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ପରିଷଦ ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଘରଚଟିଆ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ପରିଷଦର ବହୁ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କୁ କୃତ୍ରିମ ବାସ, ଖାଦ୍ୟ ସ୍ଥଳୀ ଓ ପକ୍ଷୀପଶୁଙ୍କ ତୃଷ୍ଣା ନିବାରଣ ନିମନ୍ତେ ପାଣି ପାତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ନଳିନୀ କାନ୍ତ ପରିଡା, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ ଓ ଅରବିନ୍ଦ ଦେଶିବେହେରା ଉପସ୍ଥିତ ଥିଲେ।



## ୟୁସିପି ଇଞ୍ଜିନିୟରିଂ ସ୍କୁଲରେ ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର,୨୦।୩(ସମିସ):** ୟୁସିପି(ଉମା ଚରଣ ପଟ୍ଟନାୟକ) ଇଞ୍ଜିନିୟରିଂ ସ୍କୁଲ ବାୟୋଟେକ୍ନୋଲୋଜି ବିଭାଗ ଦ୍ୱାରା ଏକ ପ୍ରଶିକ୍ଷକ ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୬ରୁ ୨୦ପର୍ଯ୍ୟନ୍ତି 'ଡିକୋଡ୍ ଦ ସାଇନ୍ସ ଅଫ୍ ଲାଇଫ-ସେଲ୍, ବ୍ଲଡ୍ ଗ୍ରୁପ୍ ଓ ଡିଏନଏ ଅନୁସନ୍ଧାନ' ଶୀର୍ଷକରେ ଏହି ୫ଦିନିଆ ହ୍ୟାଣ୍ଡସ୍-ଅନ୍ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣ ଶିବିରରେ ଛାତ୍ରଛାତ୍ରୀ ମାଇକ୍ରୋସ୍କୋପି, ବ୍ଲଡ୍ ଗ୍ରୁପିଂ, ମାଇକ୍ରୋବାୟୋଲୋଜି ଟେକ୍ନିକ୍ସ ଓ ଡିଏନଏ ଏକ୍ସଟ୍ରାକ୍ସନ୍ ସମ୍ପର୍କିତ ପ୍ରାୟୋଗିକ ଜ୍ଞାନ ଲାଭ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା।



## ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ୍‌ର ଶୁଭାରମ୍ଭ

**ବ୍ରହ୍ମପୁର,୨୦।୩(ସମିସ):** ମନ୍ଦାସା ରୋଡ ରେଳ ଷ୍ଟେସନରେ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି ହେବ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁ ଯୋଗଦେଇ ମନ୍ଦାସା ରୋଡ ରେଳ ଷ୍ଟେସନରେ ଟ୍ରେନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ଟ୍ରେନ(ନଂ ୧୮୫୨୬) ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ ମାଣ୍ଡାସା ରୋଡ୍‌ରେ ରାତି ୭ଟା ୩ମିନଟରେ ପହଞ୍ଚିବ ଓ ଏକ ମିନଟ ରହଣି କରିବ। ସେହିପରି ଟ୍ରେନ୍(ନଂ୧୮୫୨୫) ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ ମାଣ୍ଡାସା ରୋଡ୍‌ରେ ସକାଳ ୧୦. ୩୮ ମିନଟରେ ପହଞ୍ଚି ୧୦.୩୯ରେ ପ୍ରସ୍ଥାନ କରିବ ନିମନ୍ତେ ସମୟ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ୍ ସହ ଅନ୍ୟାନ୍ୟ ରେଳ ଅଧିକାରୀ ଉପସ୍ଥିତ ଥିଲେ।



ମୁରବୀଶୂନ୍ୟ ହୋଇଯିବ ଏମ୍‌କେସିଜି

## ରୋଗୀ ଚିକିତ୍ସା, ଶିକ୍ଷାଦାନ ଓ ପ୍ରଶାସନିକ ଅସ୍ଥିରତାକୁ ନେଇ ଚିନ୍ତା

**ବ୍ରହ୍ମପୁର,୨୦।୩(ସମିସ):** ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫରାଲ ହସ୍ପିଟାଲ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇ ରାଜ୍ୟ ସ୍ୱାୟସ୍ଥ୍ୟ ବିଭାଗ ଚିନ୍ତା ଶୂନ୍ୟ ହୋଇ ରହିଛି। ଯାହା ଦକ୍ଷିଣ ଓଡ଼ିଶା ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳାକୁ ଦର୍ଶାଉଛି। କିଛିଦିନ ମଧ୍ୟରେ ମେଡିକାଲ କଲେଜ ଓ ହସ୍ପିଟାଲର ଡ଼ିନ ତଥା ଅଧ୍ୟକ୍ଷ ପ୍ରଫେସର ଡ଼ା. ସୂଚିତ୍ର ଦାଶ ଅବସର ନେବାକୁ ଥିବା ବେଳେ ପ୍ରାୟ ଦୀର୍ଘ ଏକ ବର୍ଷ ଧରି ଉପାଧ୍ୟକ୍ଷ, ରେଜିଷ୍ଟ୍ରାର ଓ ପ୍ରଶାସକ ପଦବୀ ଖାଲି ପଡ଼ିଛି। ଉକ୍ତ ୪ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ନିମନ୍ତେ ଏପର୍ଯ୍ୟନ୍ତ ଚୟନ ହୋଇନଥିବା ଜଣାପଡିଛି। ଏଭଳି ପରିସ୍ଥିତିରେ ଏମକେସିଜି ମେଡ଼ିକାଲର ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀଙ୍କୁ ଡାଇରେକ୍ଟର ମେଡ଼ିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ(ଡ଼ିଏମଇଟି) ଭାବେ ନିଯୁକ୍ତି ମିଳିଥିବା ଜଣାପଡିଛି।

ଡିଏମ୍‌ଇଟି ହେଲେ ଅଧୀକ୍ଷକ, ଆସନ୍ତା ମାସରେ ଅବସର ନେବେ ଡିନ୍

ପ୍ରଫେସର ଡ଼ା. ଶତପଥୀଙ୍କ ଡ଼ିଏମ୍‌ଇଟି ଭାବେ ଦାୟିତ୍ୱ ଗ୍ରହଣ ପରେ ଉକ୍ତ ପଦବୀ ମଧ୍ୟ ଖାଲି ପଡିବ। କାରଣ ଡାକ୍ତରଖାନାର ଅଧୀକ୍ଷକ ଭାବେ କାହାରିକୁ ଏପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ବିନା ମୁରବୀରେ କିଭଳି ପରିଚାଳିତ ହେବ ସେନେଇ ଚିନ୍ତା ବଢ଼ିଛି। ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟବିଭାଗ ତୁରନ୍ତ ତଥା ଯୁଦ୍ଧକାଳୀନ ଭିତ୍ତିରେ ନିଷ୍ପତ୍ତି ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପୂର୍ବରୁ ପ୍ରଫେସର ଡ଼ା. ନରେନ୍ଦ୍ର ବେହେରାଙ୍କ ପଦୋନ୍ନତି ପରେ ଗତ ୨୦୨୪ମସିହା ଡ଼ିସେମ୍ବର ୩୧ରୁ ଉପାଧ୍ୟକ୍ଷ(ବିକାଶ-ସମନ୍ୱୟ) ଏବଂ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ ଅଧୀକ୍ଷକ ଭାବେ ଦାୟିତ୍ୱ ଗ୍ରହଣ ପରଠାରୁ ଅର୍ଥାତ୍ ଗତ ଜୁଲାଇ ୭ତାରିଖରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉପାଧ୍ୟକ୍ଷ(ଏକାଡ଼େମୀ) ପଦବୀ ଖାଲିପଡ଼ିଛି। ସେହିପରି ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଯେଉଁ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ସେ ଏପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେଇନାହାନ୍ତି। ଫଳରେ ଗତ ଜାନୁୟାରୀ ଶେଷ ସପ୍ତାହରୁ ଏହି ପଦବୀ ଖାଲିପଡ଼ିଛି। ଇତି ମଧ୍ୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଗୋଟିଏ ପରେ ଗୋଟିଏ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଉଛି। କିନ୍ତୁ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ରାଜ୍ୟ ସ୍ୱସ୍ଥ୍ୟବିଭାଗ ପକ୍ଷରୁ ଆଦୌ ଗୁରୁତ୍ୱ ଦିଆଯାଉନଥିବା ଦେଖିବାକୁ ମିଳିଛି।




ଦୀର୍ଘମାସ ଧରି ୨ଟି ଉପାଧ୍ୟକ୍ଷ, ରେଜିଷ୍ଟ୍ରାର ତଥା ପ୍ରଶାସକଙ୍କ ବଦଳି ପରେ ମଧ୍ୟ ନୂତନ ନିଯୁକ୍ତିରେ ବିଳମ୍ବ ହେବାରୁ ପ୍ରଶାସନିକ କାର୍ଯ୍ୟ ମନ୍ଥର ହୋଇଯାଇଛି। ଏଭଳି ପରିସ୍ଥିତିରେ ପ୍ରଶାସନିକ ସ୍ଥିରତା ସମେତ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷାଦାନ ଓ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ଏହି ପ୍ରଶାସନିକ ଅସ୍ୱଷ୍ଟତାରେ ଅସନ୍ତୋଷ ପ୍ରକାଶ କରୁଥିବା ଜଣାପଡ଼ିଛି। ତେଣୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଉନ୍ନତମାନର ଶିକ୍ଷାଦାନ ଓ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧାକୁ ଦୃଷ୍ଟିରେ ରଖି ଶୀଘ୍ର ନୂତନ ଅଧୀକ୍ଷକ, ଉପାଧ୍ୟକ୍ଷ ଓ ଅନ୍ୟାନ୍ୟ ପ୍ରଶାସନିକ ପଦବୀ ପୂରଣ କରିବାକୁ ଦାବି ହୋଇଛି। ଏଥିରେ ବିଳମ୍ବ ହେଲେ ଏହାର ପ୍ରଭାବ ସ୍ୱାସ୍ଥ୍ୟସେବା ସହିତ ଶିକ୍ଷାବ୍ୟବସ୍ଥା ଉପରେ ପଡ଼ିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଜଣେ ଗାୟକ ଗୀତ ଭିତରେ ତା'ର ଆତ୍ମାକୁ ଆବିଷ୍କାର କରେ।
-ଲତା ମଙ୍ଗେସକର

## ଅସୁରକ୍ଷିତ ଏସସିବି

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ ଉପରେ ରୋଗୀଙ୍କ ଭରସା ତୁଟିବା ଆରମ୍ଭ କରିଛି। ରାଜ୍ୟର ପ୍ରଥମ ଓ ସର୍ବପୁରାତନ ଚିକିତ୍ସାଳୟ ହିସାବରେ ବଡ଼ ମେଡିକାଲର ମର୍ଯ୍ୟାଦା ହାସଲ କରିଥିବା ଏହି ସଂସ୍ଥାରେ ଗତ ରବିବାର ମଧ୍ୟରାତ୍ରରେ ଅଗ୍ନିକାଣ୍ଡ ଘଟି ୧୩ ଜଣ ଆଇସିୟୁ ରୋଗୀଙ୍କ ପ୍ରାଣହାନି ଘଟିବା ଶେଷକଥା ନୁହେଁ। ଏହି ଦୁର୍ଘଟଣାର ୮ ଘଣ୍ଟା ପରେ ମହିଳା ୱାର୍ଡର ମେଡିସିନ ଆଉଟଡୋର ବାହାରେ ଥିବା ଇଲେକ୍ଟ୍ରି ପ୍ୟାନେଲରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ତା'ର ଗୋଟିଏ ଦିନ ପରେ ଶହ ଶହ ରୋଗୀ ଚିକିତ୍ସିତ ହେଉଥିବା ନନ୍‌ଟ୍ରମା କାଜୁଆଲଟି ୟୁନିଟରେ ତାହାର ପୁନରାବୃତ୍ତି ସମସ୍ତଙ୍କୁ ଚକିତ କରିଛି। କ୍ରମାଗତ ତିନିଟି ଅଗ୍ନିକାଣ୍ଡ ଘଟଣାର କାରଣ ସ୍ୱରୂପ ସର୍ଟସର୍କିଟ ଦର୍ଶାଯାଇଥିବା ବେଳେ ମେଡିକାଲର ବିଦ୍ୟୁତ୍ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଇଙ୍ଗିତ କରୁଛି। ସମଗ୍ର ରାଜ୍ୟବାସୀଙ୍କ ଭରସା ଥିବା କଟକ ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ କରିବା ପାଇଁ ମୌଳିକ ସୁବିଧା ସୁଯୋଗର ଆଧୁନିକୀକରଣରେ ବିପୁଳ ଅର୍ଥ ବ୍ୟୟ କରାଯାଇଥିବା ବେଳେ ସଂସ୍ଥାର ସାଜସଂରଜାମ ଆବଶ୍ୟକତା ଅନୁରୂପ ବିଦ୍ୟୁତ୍ ଓ୍ୟାରିଂ ବ୍ୟବସ୍ଥା ହୋଇନାହିଁ ବୋଲି ଧରିନେବାକୁ ହେବ। ନହେଲେ ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିବା ଭଳି ପରିସ୍ଥିତି ଉପୁଜନ୍ତା ନାହିଁ। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିଙ୍କ ଯାଞ୍ଚ ଓ ଅନୁସନ୍ଧାନକୁ ଭିତ୍ତି କରି ତରବରିଆ ଭାବେ ସରକାର ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରିବା ପରେ ମଧ୍ୟ ପରିସ୍ଥିତିରେ ଉନ୍ନତି ଘଟିନି।

ବିଧାନସଭା ଅଧିବେଶନ ଚାଲିଥିବାରୁ ସରକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେବା ସକାଶେ ତରବରିଆ ଭାବେ ଏହି ପଦକ୍ଷେପ ନେଇଥିବାର ମନେ ହେଉଛି। ଉଚ୍ଚସ୍ତରୀୟ କମିଟିର ତ୍ୱରିତ ଅନୁସନ୍ଧାନ ଓ ରିପୋର୍ଟ ପ୍ରଦାନ ପରେ ପରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ବାଦଦେଇ ଯେଉଁଭଳି ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଗଲା ଏହା କେବଳ ଧର୍ମକୁ ଆଖିଠାର ଭଳି ମନେ ହେଉଛି। ଏକଥା ସତ ଯେ ଏହି ନିଲମ୍ବନ ଆଦେଶ ବେଶୀ ଦିନ କାଏମ ରହିବ ନାହିଁ। ପରିସ୍ଥିତିକୁ ସମ୍ଭାଳିବା ପାଇଁ ନିଲମ୍ବନ, ଅବସ୍ଥା ସୁଧୁରିବା ପରେ ତାହାର ପ୍ରତ୍ୟାହାର, ଇଏ ହେଲା ପ୍ରଶାସନିକ ବ୍ୟବସ୍ଥାର ଏକ ଅଂଶ। ଅନ୍ୟ ଦିଗଟି ହେଲା, ସରକାର ନିକମା ନୁହନ୍ତି, ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରଦର୍ଶନର ଏହା ହେଲା ଅଂଶବିଶେଷ। ଏଠାରେ ଆମକୁ ପ୍ରଶ୍ନ କରିବାକୁ ପଡୁଛି ଯେ ୪ ଦିନ ମଧ୍ୟରେ ୩ ଥର ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିବାର କାରଣ କ'ଣ ଏବଂ ଏହାର ଯେ ପୁନରାବୃତ୍ତି ନଘଟିବ ତାହାର ପ୍ରତିଶ୍ରୁତି କର୍ତ୍ତୃପକ୍ଷ ଦେଇପାରିବେ କି? ବିଶେଷଜ୍ଞଙ୍କ ମତରେ ବିଦ୍ୟୁତ୍ ସର୍ଟସର୍କିଟ ଏକ ସ୍ୱାଭାବିକ ପ୍ରକ୍ରିୟା। ଦଶ ବର୍ଷ ମଧ୍ୟରେ ଅନ୍ୟୂନ ଶହେ ଥର ଅଗ୍ନିଶମ କେନ୍ଦ୍ରରେ ଫାୟର କଲ୍ ହୋଇଛି। ରୋଗୀଙ୍କ ନିରାପତ୍ତା ଦୃଷ୍ଟିରୁ କଟକ ବଡ଼ ମେଡିକାଲ ପରିସରରେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏହାସତ୍ତ୍ୱେ ରବିବାର ଅଗ୍ନିକାଣ୍ଡରେ ୧୩ ଜଣଙ୍କ ପ୍ରାଣହାନି ଘଟିଛି ଓ ୪୦ ରୁ ଊର୍ଦ୍ଧ୍ୱ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହା ପୂର୍ବରୁ ୨୦୧୭ ଓ ୨୦୧୯ ରେ ମଧ୍ୟ ବଡ଼ଧରଣ ଅଗ୍ନିକାଣ୍ଡ ଘଟିଥିଲା। ହେଲେ କେହି ମୃତାହତ ହୋଇନଥିଲେ। ତେବେ ମେଡିକାଲ ରେକର୍ଡ ରୁମର ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।

କଟକ ବଡ଼ ମେଡିକାଲ ଉପରେ ରାଜ୍ୟବାସୀଙ୍କ ନିର୍ଭରଶୀଳତା ଅଧିକ ହୋଇଥିବାରୁ ସେହି ଅନୁପାତରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ସେମାନଙ୍କ ନିରାପତ୍ତା ପ୍ରତି କର୍ତ୍ତୃପକ୍ଷ ସର୍ବାଧିକ ଧ୍ୟାନ ଦେବା ଆବଶ୍ୟକ। ତେଣୁ ଆମର ଏଠାରେ କହିବା କଥା ହେଲା, ପ୍ରତି ୱାର୍ଡର ଶକ୍ତି ଚାହିଦା ଅନୁଯାୟୀ ହୋଇଥିବା ଓ୍ୟାରିଂ କେତେଦୂର ଗ୍ରହଣୀୟ ତାହା ଯାଞ୍ଚ ହେବା ଉଚିତ। ଏପରିକି ଆବଶ୍ୟକ ସ୍ଥଳେ ସାନି ଓ୍ୟାରିଂ ମଧ୍ୟ ଆବଶ୍ୟକ। ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଭଳି ମନେ ହୁଏ। ଏପରିକି ବହୁ ସମୟରେ ୱାର୍ଡରେ ଭଙ୍ଗାରୁଜା ସ୍ୱିଚ୍‌ରେ କରେଣ୍ଟ ଲାଗିବା ଓ ଝୁଲୁଥିବା ଅବସ୍ଥାରେ ବିଦ୍ୟୁତ୍ ତାର ପରିଲକ୍ଷିତ ହୋଇଥାଏ। ଏହି ଦୁର୍ଘଟଣାର ଅନ୍ୟ ଏକ ଦିଗ ହେଲା, ଅଗ୍ନି ନିରାପତ୍ତା ବ୍ୟବସ୍ଥା। ୨୦୨୪ ଜୁଲାଇ ମାସରେ ହାଇକୋର୍ଟ ଏସସିବିରେ ପୂର୍ଣ୍ଣ ଅଗ୍ନିନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଯଦି ତ୍ରୁଟିବିଚ୍ୟୁତି ରହିଯାଏ ତେବେ ଦୋଷ କାହାକୁ ଦେବା? ଯଦି ସରକାରୀ ସଂସ୍ଥାରେ ଏହା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିବ ନାହିଁ ତେବେ ଘରୋଇ ସଂସ୍ଥାଠାରୁ କ'ଣ ଆଶା କରାଯିବ? ଅନେକକ୍ଷେତ୍ରରେ କେବଳ ଘରସୁନ୍ଦର ଭଳି ବ୍ୟବସ୍ଥା କାନ୍ଥରେ ଝୁଲୁଛି। କାର୍ଯ୍ୟକ୍ଷମତାର ସମୟ ଅତିକ୍ରମ କରିସାରିଥିଲେ ମଧ୍ୟ ତାହାକୁ ବଦଳା ଯାଇନି। ଏକ୍ଷେତ୍ରରେ ଆମେ ଉଭୟ ମେଡିକାଲ କର୍ତ୍ତୃପକ୍ଷ ଓ ଅଗ୍ନିଶମ ଅଧିକାରୀଙ୍କୁ ଦାୟୀ କରିବୁ। ହାଇକୋର୍ଟଙ୍କ ନିର୍ଦ୍ଦେଶର ଦେଢ଼ବର୍ଷ ପରେ ମଧ୍ୟ ଅଟୋମେଟିକ ସ୍ମୋକ ଡିଟେକ୍ସନ, ଆଲାରାମ ସିଷ୍ଟମ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଉଚିତ୍ ଧ୍ୟାନ ଦିଆଯାଇନାହିଁ।

ଯେଉଁ ଦୂରଦୃଷ୍ଟିକୁ ଆଖିଆଗରେ ରଖି ଏସସିବିକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସଂସ୍ଥା ରୂପେ ଗଢ଼ିବାର ପ୍ରୟାସ ଆରମ୍ଭ ହୋଇଥିଲା ତାହା କ୍ରମେ ଗତିଶୀଳତା ହରାଇଛି। ବ୍ୟବସ୍ଥା ବଦଳିବା ସହ ଅଗ୍ରାଧିକାର ପାଇବାରୁ ବଞ୍ଚିତ ହେଲା ଭଳି ମନେ ହେଉଛି। ରାଜ୍ୟର ଏହି ସର୍ବପୁରାତନ ମେଡିକାଲର ଚିକିତ୍ସା ବ୍ୟବସ୍ଥା ଉପରେ ମଧ୍ୟ ରୋଗୀ ଆସ୍ଥା ହରାଇଛନ୍ତି। ଡାକ୍ତର ଚାହିଦା ପୂରଣ ପାଇଁ ରାଜ୍ୟରେ ମୁଣ୍ଡ ଟେକିଥିବା ନୂଆ ମେଡିକାଲ କଲେଜର ଅବଶ୍ୟକତା ଦୃଷ୍ଟିରୁ କ୍ରମାଗତ ଭାବେ ଏସସିବିର ବରିଷ୍ଠ ଚିକିତ୍ସକଙ୍କୁ ସ୍ଥାନାନ୍ତର କରାଯାଉଛି। ଫଳରେ ବିଭିନ୍ନ ବିଭାଗରେ ଡାକ୍ତର ଅଭାବ ପରିଲକ୍ଷିତ ହେଉଛି ଏବଂ ରୋଗୀ ଚିକିତ୍ସା କ୍ଷେତ୍ରରେ ଥିବା ପାରଦର୍ଶିତା ହ୍ରାସ ପାଇଛି। ରାଜ୍ୟର ତଥାକଥିତ ତିନିଟି ବଡ଼ ମେଡିକାଲ ମଧ୍ୟରୁ ଅନ୍ତତଃ ଗୋଟିକୁ ସ୍ୱର୍ଣ୍ଣ ସମ୍ପୂର୍ଣ୍ଣର ମର୍ଯ୍ୟାଦା ଦେଇ ରୋଗୀଙ୍କ ଭରସାଯୋଗ୍ୟ କରାଯିବା ଉଚିତ୍। ରାଜ୍ୟରେ ମୁଣ୍ଡ ଟେକିଥିବା ଏକାଧିକ କର୍ପୋରେଟ ହସପିଟାଲ ପରିସ୍ଥିତିର ସୁଯୋଗ ନେଉଛନ୍ତି। ସେଠାରେ ଚାଲିଥିବା ଶୋଷଣକୁ ନେଇ ଉତ୍ତେଜନା ଓ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା କିଛି ନୂଆ କଥା ନୁହେଁ। ସେଠାରେ ସରକାରଙ୍କ ବୀମା ବ୍ୟବସ୍ଥାରେ ଅକ୍ଷମତା ମଧ୍ୟ ସାମ୍ନାକୁ ଆସୁଛି। ତେଣୁ ଏସବିବିର ବିଶ୍ୱସ୍ତରୀୟ ବ୍ୟବସ୍ଥା ଚିକିତ୍ସାର ନିପୁଣତାରେ ଅନ୍ତତଃ ପରିଲକ୍ଷିତ ହେବା ଆଶା କରାଯାଏ।

ଏସସିବି ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ ଯେମିତି ବିଳମ୍ବିତ ହେବ ସେମିତି ରିପୋର୍ଟ ପ୍ରଦାନରେ ମଧ୍ୟ। ତେଣୁ ସରକାର ପ୍ରଶାସନିକ ତଦନ୍ତ ମାଧ୍ୟମରେ ୪ ଜଣ ଅଧିକାରୀଙ୍କୁ ନିଲମ୍ବିତ କରି ନିଶ୍ଚିତ ହୋଇଯିବା ଉଚିତ ନୁହେଁ। ଏଠାରେ ମନେ ରଖିବାକୁ ହେବ ଯେ ଏକ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତାହାର ପ୍ରଭାବ ଅନ୍ୟ ମେଡିକାଲ ଉପରେ ପଡ଼ିବ।

## ପଞ୍ଚାୟତ ଶାସନରେ ସଂସ୍କାରର ଆବଶ୍ୟକତା

ରାକେଶ ମଲିକ୍

ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଗ୍ରାମାଞ୍ଚଳ ବିକାଶର ଏକ ଅପରିହାର୍ଯ୍ୟ ସ୍ତମ୍ଭ, ଯାହା ଅହିଂସ୍ରକ କ୍ଷମତା ବିକେନ୍ଦ୍ରୀକରଣ ମାଧ୍ୟମରେ ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିଥାଏ। ଏହି ତ୍ରିସ୍ତରୀୟ ପ୍ରଶାସନିକ ସଂରଚନା, ଯଥା- ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗ୍ରାମୀଣ ଜନଜୀବନର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସ୍ୱାୟତ୍ତ ଶାସନର ପରିକଳ୍ପନାକୁ ସାକାର କରେ। ଏହି ବ୍ୟବସ୍ଥା ଦ୍ୱାରା ଅବହେଳିତ ତଥା ନିଷ୍ପେଷିତ ଜନସାଧାରଣ ନିଜ ଅଞ୍ଚଳର ସାମାଜିକ-ଅର୍ଥନୈତିକ ପ୍ରଗତି ନିମିତ୍ତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବାର ସୁଯୋଗ ପାଇଥା'ନ୍ତି। କେବଳ ଭୌତିକ ଭିତ୍ତିଭୂମିର ବିକାଶ ନୁହେଁ, ବରଂ ସାମାଜିକ ନ୍ୟାୟ ପ୍ରଦାନ ଏବଂ ସମ୍ପ୍ରଦାୟର ଆତ୍ମନିର୍ଭରଶୀଳତା ବୃଦ୍ଧି କରିବାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାସଙ୍ଗିକତା ସୁଦୂରପ୍ରସାରୀ।

ଗ୍ରାମପଞ୍ଚାୟତ ହେଉଛି ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ ଏବଂ ସ୍ୱାୟତ୍ତ ଶାସନର ପ୍ରାଥମିକ ସଂସ୍ଥା। ଏହା ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏକ ସଶକ୍ତ ମାଧ୍ୟମ ଭାବେ କାର୍ଯ୍ୟ କରେ। ଜନସଂଖ୍ୟା ଭିତ୍ତିରେ ଗଠିତ ଏହି ଅନୁଷ୍ଠାନରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସରପଞ୍ଚ ଓ ୱାର୍ଡ ସଭ୍ୟମାନେ ଗ୍ରାମର ଉନ୍ନତି ପାଇଁ ଦାୟିତ୍ୱ ଗ୍ରହଣ କରନ୍ତି। ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ମନରେଗା(ଜିରାମ୍‌ଜୀ) ପରି ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରିବା ଗ୍ରାମପଞ୍ଚାୟତର ମୁଖ୍ୟ କର୍ତ୍ତବ୍ୟ। ଗ୍ରାମସଭା ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରିବା ସହ ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ କରି ଏହି ବ୍ୟବସ୍ଥା ତୃଣମୂଳ ସ୍ତରରେ ପ୍ରଶାସନିକ ସ୍ୱଚ୍ଛତା ଓ ଉତ୍ତରଦାୟୀ ପ୍ରତିଷ୍ଠା କରିଥାଏ। ସଂକ୍ଷେପରେ କହିଲେ, ଏକ ଆଦର୍ଶ ଗ୍ରାମ ଗଠନ ଓ ଗ୍ରାମାଞ୍ଚଳର ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଗ୍ରାମପଞ୍ଚାୟତର ଭୂମିକା ଅପରିହାର୍ଯ୍ୟ।

ଏ ସବୁ ସତ୍ତ୍ୱେ ଗ୍ରାମାଞ୍ଚଳର ଜନସାଧାରଣ ଆଜି ବି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥା ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ ସାଧାରଣ ଜନତା ଆଜି ବି ଅନେକ ପ୍ରଶାସନିକ ଓ ସାମାଜିକ ପ୍ରତିବନ୍ଧକର ସାମ୍ନା କରୁଛନ୍ତି। ପ୍ରଥମତଃ, ରାଜନୈତିକ ସ୍ୱଚ୍ଛତାର ଅଭାବ ଓ ଦୁର୍ନୀତି ଯୋଗୁଁ ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଦ୍ୱିତୀୟରେ, ଆର୍ଥିକ ସ୍ୱାଧୀନତାର ସଂକୋଚନ ହେତୁ ପଞ୍ଚାୟତଗୁଡ଼ିକ କ୍ଷୁଦ୍ରାତିକ୍ଷୁଦ୍ର କାର୍ଯ୍ୟ ପାଇଁ ମଧ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଅନୁଦାନ ଉପରେ ନିର୍ଭର କରୁଛନ୍ତି, ଯାହା ଗ୍ରାମୀଣ ବିକାଶରେ ବିଳମ୍ବ ଘଟାଉଛି। ଏହା ବ୍ୟତୀତ, ଡିଜିଟାଲ୍ ସାକ୍ଷରତାର ଅଭାବ କାରଣରୁ ଗରିବ ଶ୍ରେଣୀର ଲୋକମାନେ ଅନଲାଇନ୍ ଆବେଦନ ଓ ଇ-ପ୍ରଶାସନ ସୁବିଧା ପାଇବାରେ ଅସମର୍ଥ ହେଉଛନ୍ତି। ଜ୍ଞାତିବାଦ ଓ ଗୋଷ୍ଠୀଗତ ବିବାଦ ମଧ୍ୟ ଅନେକ ସମୟରେ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ପ୍ରତିନିଧିତ୍ୱର ଅସନ୍ତୁଳନ। ଅନେକ କ୍ଷେତ୍ରରେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ବଦଳରେ ସେମାନଙ୍କ ପୁରୁଷ ସମ୍ପର୍କୀୟମାନେ ପ୍ରଭାବ ବିସ୍ତାର କରୁଛନ୍ତି। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ପ୍ରଶାସନିକ ସଂସ୍କାର ଅତ୍ୟନ୍ତ ଜରୁରୀ। ପଞ୍ଚାୟତ ସ୍ତରରେ ରାସ୍ତା ନିର୍ମାଣ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଏବେ ଏକ ପ୍ରଧାନ ସମସ୍ୟା ଭାବେ ଉଭା ହୋଇଛି, ଯାହା ଗ୍ରାମୀଣ ବିକାଶର ଗତିକୁ ମନ୍ଥର କରିଦେଉଛି। ଅନେକ ସମୟରେ ଅସାଧୁ ଠିକାଦାର ଓ ସ୍ଥାନୀୟ ପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରାଯାଏ। ଫଳସ୍ୱରୂପ ଅଳ୍ପଦିନର ବ୍ୟବହାର କିମ୍ବା ସାମାନ୍ୟ ବର୍ଷାରେ ଏହି ରାସ୍ତାଗୁଡ଼ିକ ଖଣ୍ଡବିଖଣ୍ଡିତ ହୋଇଯାଏ। କାଗଜପତ୍ରରେ ଉନ୍ନତମାନର କାମ ଦର୍ଶାଇ ସରକାରୀ ପାଣ୍ଠି ହରିଲୁଟ୍ କରାଯାଉଥିବାରୁ ଗ୍ରାମବାସୀମାନେ ବର୍ଷ ବର୍ଷ ଧରି କାଦୁଅ ଓ ଖାଲଖମା ଭର୍ତ୍ତି ରାସ୍ତାରେ ଯାତାୟାତ କରିବାକୁ ବାଧ୍ୟ ହୁଅନ୍ତି। ଏହି ଦୁର୍ନୀତି କେବଳ ଆର୍ଥିକ ଅପବ୍ୟୟ କରେ ନାହିଁ, ବରଂ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ପରି ସେବା ଗ୍ରାମକୁ ପହଞ୍ଚିବାରେ ବାଧା ସୃଷ୍ଟି କରି ସାଧାରଣ ଜୀବନକୁ ବିପନ୍ନ କରିଥାଏ। ତେଣୁ ସ୍ୱଚ୍ଛତା ରକ୍ଷା ପାଇଁ କଡ଼ା ତଦାରଖ ଓ ଜନସାଧାରଣଙ୍କ ସଚେତନତା ଏବେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ପଞ୍ଚାୟତ ସ୍ତରରେ ଧାର୍ମିକ ରାଜନୀତି ଗ୍ରାମୀଣ ଏକତା ଓ ବିକାଶ କ୍ଷେତ୍ରରେ ଏକ ଜଟିଳ ଆହ୍ୱାନ ସୃଷ୍ଟି କରିଥାଏ। ଅନେକ ସମୟରେ ନିର୍ବାଚନ ଜିତିବା ପାଇଁ ପ୍ରାର୍ଥୀମାନେ ବିକାଶ କିମ୍ବା ସ୍ଥାନୀୟ ସମସ୍ୟା ପରିବର୍ତ୍ତେ ଧାର୍ମିକ ଭାବନାକୁ ଆୟୁଧ କରନ୍ତି, ଯାହା ଗ୍ରାମବାସୀଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରେ। ଗାଁର ମନ୍ଦିର, ମସଜିଦ୍ କିମ୍ବା ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ପାଣ୍ଠି ଯୋଗାଇବା ନାମରେ ଭୋଟ୍ ହାତେଇବାକୁ ଚେଷ୍ଟା କରାଯାଏ, ଯାହା ଫଳରେ ପ୍ରକୃତ ସମସ୍ୟା ଯଥା ରାସ୍ତାଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟ ପଛରେ ପଡ଼ିଯାଏ। ଏହିପ୍ରକାର ରାଜନୀତି ଯୋଗୁଁ ଗ୍ରାମରେ ବର୍ଷ ବର୍ଷ ଧରି ଚାଲିଆସୁଥିବା ସାମାଜିକ ସଦ୍‌ଭାବନା ବିଗିଡ଼ିଯାଏ ଏବଂ ଗୋଷ୍ଠୀଗତ ବିବାଦ ବଢ଼ିଥାଏ। ଯଦି ଲୋକମାନେ ଧର୍ମ ଆଧାରରେ ପ୍ରତିନିଧି ବାଛନ୍ତି, ତେବେ ଯୋଗ୍ୟତା ଅପେକ୍ଷା ଆନୁଗତ୍ୟ ଗୁରୁତ୍ୱ ପାଏ, ଯାହା ଶେଷରେ ପଞ୍ଚାୟତର ପ୍ରଗତିକୁ ବାଧାପ୍ରାପ୍ତ କରେ। ଏଣୁ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଧର୍ମ ନୁହେଁ, ବରଂ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ। ପଞ୍ଚାୟତ ସ୍ତରରେ ଦୁର୍ନୀତି ଏବଂ ଧାର୍ମିକ ରାଜନୀତିର ସମାଧାନ ପାଇଁ ଗ୍ରାମସଭାକୁ ସଶକ୍ତ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗ୍ରାମବାସୀମାନେ ଏକଜୁଟ ହୋଇ ସାମାଜିକ ସମୀକ୍ଷା(ସୋସିଆଲ୍ ଅଡିଟ୍) ମାଧ୍ୟମରେ ପ୍ରତିଟି କାର୍ଯ୍ୟର ମାନ ଓ ଖର୍ଚ୍ଚ ଯାଞ୍ଚ କରିବା ଉଚିତ୍। ଧର୍ମ କିମ୍ବା ଗୋଷ୍ଠୀ ଭିତ୍ତିରେ ନୁହେଁ, ବରଂ ପ୍ରାର୍ଥୀଙ୍କ ଯୋଗ୍ୟତା ଏବଂ ବିକାଶମୂଳକ କର୍ମସୂଚୀକୁ ଆଧାର କରି ପ୍ରତିନିଧି ଚୟନ କଲେ ରାଜନୈତିକ ସ୍ୱଚ୍ଛତା ଆସିପାରିବ।

ଏହାସହିତ 'ଇ-ଗ୍ରାମ ସ୍ୱରାଜ' ପରି ସରକାରୀ ପୋର୍ଟାଲ ବ୍ୟବହାର କରି ରାସ୍ତା ନିର୍ମାଣ ପାଇଁ ଆସୁଥିବା ପାଣ୍ଠିର ସୂଚନା ରଖିବା ଏବଂ କୌଣସି ଅନିୟମିତତା ଦେଖାଦେଲେ ସୂଚନା ଅଧିକାର ଆଇନ (ଆରଟିଆଇ) ବ୍ୟବହାର କରି ପ୍ରଶ୍ନ ପଚାରିବା ଦ୍ୱାରା ଦୁର୍ନୀତିକୁ ରୋକାଯାଇପାରିବ। ସର୍ବୋପରି ଯୁବପିଢ଼ି ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସଚେତନତା ସୃଷ୍ଟି କଲେ ହିଁ ପଞ୍ଚାୟତରେ ଏକ ସୁସ୍ଥ ଗଣତାନ୍ତ୍ରିକ ବାତାବରଣ ପ୍ରତିଷ୍ଠିତ ହେବ। ଯୁବପିଢ଼ି ହେଉଛନ୍ତି ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପରିବର୍ତ୍ତନକାରୀ, ଯେଉଁମାନେ ନିଜର ଶିକ୍ଷା ଓ ସଚେତନତା ମାଧ୍ୟମରେ ଗ୍ରାମାଞ୍ଚଳରୁ ଦୁର୍ନୀତି ଓ ଧାର୍ମିକ ରାଜନୀତିକୁ ଦୂର କରିପାରିବେ। ଯୁବକମାନେ ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ କରି ପ୍ରଶାସନିକ ସ୍ୱଚ୍ଛତା ପାଇଁ ପ୍ରଶ୍ନ ପଚାରିବା ସହ ଡିଜିଟାଲ୍ ମାଧ୍ୟମରେ ସରକାରୀ ପାଣ୍ଠିର ତଦାରଖ କରିବା ଉଚିତ୍।

ଗ୍ରାମପଞ୍ଚାୟତ ଶାସନକୁ ସୁଦୃଢ଼ କରିବା ପାଇଁ ସରପଞ୍ଚଙ୍କର କେବଳ ସାକ୍ଷରତା ନୁହେଁ, ବରଂ ପ୍ରଶାସନିକ ଜ୍ଞାନ ଓ ନୈତିକ ଦକ୍ଷତା ରହିବା ଅତ୍ୟନ୍ତ ଜରୁରୀ। ଜଣେ ସରପଞ୍ଚ ଯଦି ସରକାରୀ ନିୟମାବଳୀ, ବଜେଟ୍ ପରିଚାଳନା ଏବଂ ପଞ୍ଚାୟତିରାଜ ଆଇନ ବିଷୟରେ ସମ୍ୟକ ଜ୍ଞାନ ରଖନ୍ତି, ତେବେ ସେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ପ୍ରଦାନ କରିପାରିବେ। ଏହି ଶିକ୍ଷାଗତ ଓ ବୈଷୟିକ ଯୋଗ୍ୟତା ଦ୍ୱାରା ସେ ଗ୍ରାମସଭାରେ ସଠିକ୍ ଯୋଜନା ପ୍ରସ୍ତୁତ କରିବା ସହ ରାସ୍ତା ନିର୍ମାଣ ଓ ଜନକଲ୍ୟାଣକାରୀ କାର୍ଯ୍ୟର ମାନ ଯାଞ୍ଚ କରିପାରନ୍ତି। ଯେତେବେଳେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଓ ଶିକ୍ଷିତ ପ୍ରତିନିଧି ଶାସନଭାର ଗ୍ରହଣ କରନ୍ତି, ତାହା ଗ୍ରାମରେ ଜ୍ଞାତିବାଦ ଓ ଧାର୍ମିକ ରାଜନୀତିକୁ ପ୍ରତିହତ କରି ଏକ ଆଦର୍ଶ ପଞ୍ଚାୟତ ଗଠନରେ ସହାୟକ ହୋଇଥାଏ। ଅଧିକ ଯୋଗ୍ୟତା ସରପଞ୍ଚଙ୍କୁ ସରକାରୀ ଅଧିକାରୀଙ୍କ ସହ ସମାନ ସ୍ତରରେ ଆଲୋଚନା କରିବାକୁ ସକ୍ଷମ କରାଏ, ଯାହା ଗ୍ରାମର ପ୍ରକୃତ ସମସ୍ୟା ଦୂର କରିବାରେ ପ୍ରତ୍ୟକ୍ଷ ପ୍ରଭାବ ପକାଏ। ପ୍ରକୃତରେ ରାଜନୀତି କ୍ଷେତ୍ରରେ ଯେପର୍ଯ୍ୟନ୍ତ ଭୋଟଦାତା ଶିକ୍ଷିତ ଏବଂ ନିଜର ନାଗରିକ ଅଧିକାର ସମ୍ବନ୍ଧରେ ସଚେତନ ନୁହନ୍ତି ସେପର୍ଯ୍ୟନ୍ତ ଭାରତ ବର୍ଷରେ ଗଣତନ୍ତ୍ରର ସଫଳ ରୂପାୟନ ଆଶାକରିବା କେବଳ ବିଡ଼ମ୍ବନା ମାତ୍ର।

ଗଙ୍ଗାନାରାୟଣପୁର(ପୁରୀ), ମୋ: ୯୩୩୭୪୬୦୫୩୦

## ଆମ ଦେଶର ଜନସ୍ୱାସ୍ଥ୍ୟ

ଡ. ସାରଦା ପ୍ରସାଦ କର

ଗଣରାଜ୍ୟ ଓ ସମନତାର ମନ୍ତ୍ର ପଢୁଥିବା ଦେଶରେ ଯଦି ଜନସ୍ୱାସ୍ଥ୍ୟକୁ ନେଇ ଧନୀ, ମଧ୍ୟବିତ୍ତ, ଗରିବର ବିଭେଦ ଉଠେ ତେବେ ତାହା ସାମ୍ବିଧାନ ବିରୋଧୀ ହେବ ନାହିଁ କି? କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଏହା ହିଁ ଘଟୁଛି। ତେଣୁ ଗୋଟିଏ ବର୍ଗ ଜଣେ ବଡ଼ ଡାକ୍ତର, ଆଉ ଏକ ବର୍ଗ କମ୍ପାଉଣ୍ଡର ଏବଂ ଶେଷବର୍ଗ ଡାକ୍ତରଖାନାର ବେହେରା ହାତରେ ଚିକିତ୍ସା ପାଇ ଘରକୁ ଫେରିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ସେହିପରି ଜଣେ ଅତ୍ୟାଧୁନିକ ଚିକିତ୍ସାଳୟରେ ବିଳାସପୂର୍ଣ୍ଣ ପରିବେଶରେ ଚିକିତ୍ସିତ ହେବ, ଆଉ ଜଣେ ଟର୍ଚ୍ଚ ଆଲୁଅରେ ଅସ୍ତ୍ରୋପଚାର ଭଳି ପରିସ୍ଥିତିକୁ ବାଧ୍ୟବାଧକତାରେ ଆବୋରି ନେବ। ଏଭଳି ସ୍ଥିତି ଓ ବ୍ୟବସ୍ଥାରେ ଦେଶ ଆୟୁଷ୍ମାନ ହୁଏ କି? ନାଗରିକର ସୁସ୍ଥ ଶରୀର ଦେଶର କେବଳ କାମନା ନୁହେଁ, ସରକାରଙ୍କ ଉତ୍ତରଦାୟୀ କର୍ତ୍ତବ୍ୟ ମଧ୍ୟ। ଯେଉଁଦିନ ସାଧାରଣ ରୋଗୀଟିଏ ନିଜ ଭୋଟର କାର୍ଡ ଖଣ୍ଡକ ଦେଖାଇ ଦେଶମୁଖ୍ୟଙ୍କ ପରି ଅନୁରୂପ ପରିବେଶରେ ଚିକିତ୍ସା ପାଇବ, ତେବେ ଯାଇ ଜାଣିବାକୁ ହେବ ଯେ ଭାରତ ଆୟୁଷ୍ମାନ ହେଇଛି।

ସହରାଞ୍ଚଳରେ ୫୦୦୦ ଓ ଦୁର୍ଗମ ଅଞ୍ଚଳରେ ପ୍ରତି ୩୦୦୦ ଜନସଂଖ୍ୟାରେ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୩୦ହଜାର ଜନସଂଖ୍ୟା ବିଶିଷ୍ଟ ସମତଳ ଅଞ୍ଚଳ ଓ ୨୦ହଜାର ଜନସଂଖ୍ୟା ବିଶିଷ୍ଟ ଦୁର୍ଗମ ଅଞ୍ଚଳରେ ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି)ରେ ଉନ୍ନତ ମାନର ସେବା କେବଳ ଘୋଷଣାରେ ରହିଯାଇଛି। ସେହିପରି ୮୦ ହଜାରରୁ ୧ ଲକ୍ଷ ୨୦ ହଜାର ଜନସଂଖ୍ୟା ଆଧାରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ପ୍ରତିଷ୍ଠା ମଧ୍ୟ ସାକାର ହୋଇପାରିନାହିଁ। ଯେଉଁଠାରେ ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ସେଠାରେ ଡାକ୍ତର, ଷ୍ଟାଫନର୍ସ, ପାରା ମେଡିକାଲ କର୍ମଚାରୀଙ୍କ ଅଭାବ। ଓଡ଼ିଶାର ୪.୬୩ କୋଟି ଲୋକଙ୍କ ଲାଗି ୪୬୦୦୦ ଡାକ୍ତର ଆବଶ୍ୟକତା ବେଳେ ଅଛନ୍ତି ୨୭୦୦୦। ତାହାର ଅନୁପାତ ଜଣେ ଡାକ୍ତରଙ୍କୁ ପାଖାପାଖି ୧୭୧୫ ଲୋକ। କିନ୍ତୁ ଆମେ ଯଦି ଓଡ଼ିଶାର ସାମଗ୍ରିକ ଅଞ୍ଚଳକୁ ନନେଇ ଉପଖଣ୍ଡ/ ତାଲୁକୱାରୀ ଗଣିତ କଷିବା ତେବେ ଏହି ଅନୁପାତ ସ୍ଥଳ ବିଶେଷରେ ୧:୩୦୦୦ ହୋଇପାରେ। କାରଣ ହେଲା ଅଧିକାଂଶ ଡାକ୍ତରଙ୍କ ସହର ଛାଡ଼ିବାକୁ ତଥା ଅଗମ୍ୟ ଅଞ୍ଚଳରେ ରହି ସେବା କରିବାକୁ ଅନିଚ୍ଛୁକତା। ବିହାର ଓ ଉତ୍ତରପ୍ରଦେଶ ସ୍ଥିତି ଆହୁରି ଗମ୍ଭୀର। ତେଣୁ ସାଧାରଣ ଲୋକେ ରୋଗ ହେଲେ ଧାର-କରଜ କରି ବଡ଼ ଡାକ୍ତରଖାନା କିମ୍ବା ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି। ତେଣୁ କେଉଁଠି ବେହେରା ଛୋଟମୋଟ ଅସ୍ତ୍ରୋପଚାର କରି ଧରାପଡ଼ିଲେ 'ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ' ନ୍ୟାୟରେ ଲୋକ ଏହାର ବିରୋଧ କରନ୍ତି ନାହିଁ। ଅପରପକ୍ଷେ ଡାକ୍ତର ରୋଗୀ ଚିକିତ୍ସା କରନ୍ତି ଜିଲ୍ଲା ସଦର ମହକୁମାରେ କିମ୍ବା ବଡ଼ ସହରରେ ରହି।

କିଛିଲୋକଙ୍କ ପାଇଁ ଗରିବୀ ନାମରେ ବୀମା ଭରଣା କରି ରାଜକୋଷ ଖାଲି କରିବା ଆଉ ମାତ୍ର କେଇଜଣ ପୁଞ୍ଜିପତି ଓ ସ୍ୱାସ୍ଥ୍ୟ ନାମରେ ବେପାର କରୁଥିବା ଲୋକଙ୍କୁ ଋଣ, ରିହାତି ଦେଇ ରାଜକୋଷ ରୁଗ୍ଣ କଲେ ଭାରତ ଆୟୁଷ୍ମାନ ହେବନାହିଁ। ଔଷଧ କମ୍ପାନୀମାନେ ବଡ଼ ବଡ଼ ରୋଗ ପାଇଁ ନିଜସ୍ୱ ଗବେଷଣାଲବ୍ଧ ଔଷଧ ପ୍ରସ୍ତୁତି କରୁଥିଲେ ଏବଂ ଦେଶରେ କମ ମୂଲ୍ୟରେ ବିକ୍ରି କରୁଥିଲେ ସେମାନଙ୍କୁ କେବଳ ଋଣ, ରିହାତି କି ଅନୁଗ୍ରହ(ଭିତ୍ତିଭୂମି ସୁବିଧା) ଦିଆଯାଇପାରେ। ପ୍ରାଥମିକ ଅବସ୍ଥାରେ ରୋଗ ନିରୂପଣ ଓ ନିଦାନ ହେଲେ ୮୦ ପ୍ରତିଶତ ରୋଗୀଙ୍କୁ ଡାକ୍ତରଖାନା ଯିବାକୁ ପଡ଼ି ନ ପାରେ। ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ତୃତୀୟ ଖରାପ ପ୍ରଦର୍ଶନକାରୀ ରାଷ୍ଟ୍ର। ସାମଗ୍ରିକ ତୁଳନାରେ ଭାରତର ସ୍ଥାନ ଚୀନ ଆଉ ବାଂଲାଦେଶ ଠାରୁ ବହୁ ପଛରେ। ଆଦିବାସୀ ସମୁଦାୟରେ ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ। ଦେଶର ସାଧାରଣ ବର୍ଗ ଶିଶୁଙ୍କ ଅପେକ୍ଷା ଆଦିବାସୀ ବର୍ଗରେ ଏହି ସମସ୍ୟା ଦେଢ଼ଗୁଣା ଅଧିକ। ଅନ୍ୟ ଏକ ଆକଳନରେ ଜଣେ ଉଚ୍ଚବର୍ଗ ମହିଳାଙ୍କ ତୁଳନାରେ ଜଣେ ଦଳିତ ବର୍ଗର ମହିଳା ହାରାହାରି ୧୪.୬ ବର୍ଷ କମ ବଞ୍ଚିଥାଏ। ଯେଉଁ ଜନସେବାକୁ ଗରିବଙ୍କ ହିତସାଧନରେ କହି ଡିଣ୍ଡିମ ପିଟା ଯାଉଛି ତାହାର ଗୁଣାତ୍ମକ ମାନ ଅତ୍ୟନ୍ତ ଦୁର୍ବଳ।

ଏହି ଦୁର୍ବଳ ବା ନିମ୍ନମାନର ସେବା ବ୍ୟବସ୍ଥାରେ ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ, ଗ୍ରାମୀଣ ଭାରତରେ ଡାକ୍ତରଙ୍କ ଘୋର ଅଭାବ ଏବଂ ଦ୍ୱିତୀୟତଃ, ପାଣ୍ଠି ବିନିଯୋଗରେ କୁଣ୍ଠାବୋଧ। ବିଶ୍ୱର ଏକ-ପଞ୍ଚମାଂଶ ରୋଗୀଙ୍କ ବୋଝ ମୁଣ୍ଡେଇଥିବା ଦେଶରେ ସ୍ୱାସ୍ଥ୍ୟକଲ୍ୟାଣ ନିବେଶ ସମୁଦାୟ ଜିଡିପିର ୧.୮ ପ୍ରତିଶତ। 'ସେବାହିଁ ଧର୍ମ' ଆଧାରରେ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥିତ ଦେଶମାନଙ୍କ ଭିତରେ ଡେନମାର୍କ, ନରୱେ, ସୁଇଜରଲ୍ୟାଣ୍ଡ, ସୁଇଡେନ, ଫିନଲ୍ୟାଣ୍ଡ, ନେଦରଲ୍ୟାଣ୍ଡ, ନିୟୁଜିଲ୍ୟାଣ୍ଡ, ଜର୍ମାନୀ ଓ ଲକ୍ସମବର୍ଗ ଆଦି ଅଛନ୍ତି। ଆମ ଦେଶରେ ଗରିବମାନଙ୍କ ପାଇଁ ସରକାର ଆଣିଛନ୍ତି ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ; ଯେଉଁଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ସରକାରୀ ଅବା ବେସରକାରୀ ଚିକିତ୍ସାଳୟରେ ମିଳିବାର ନିର୍ଦ୍ଦେଶ ରହିଛି। କିନ୍ତୁ ଚିକିତ୍ସା ସୁବିଧା ଯୋଗାଣରେ ବେସରକାରୀ ଅନୁଷ୍ଠାନମାନେ ପଛଘୁଞ୍ଚା ଦେଉଛନ୍ତି। ୨୦୩୦ ସୁଦ୍ଧା ୧୪ ଲକ୍ଷ ଜନଜାତିଙ୍କ ପାଖରେ ସ୍ୱାସ୍ଥ୍ୟ ସେବାକୁ ଅଗ୍ରାଧିକାର ଭାବରେ ପହଞ୍ଚାଇବାକୁ ଜାତିସଂଘ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ତାହା ମଧ୍ୟ ବିଫଳ ହୋଇଛି। ଆମେରିକା ଭଳି ଆମ ଦେଶରେ ସ୍ୱାସ୍ଥ୍ୟ ବୀମା ବାଧ୍ୟତାମୂଳକ ହୋଇନଥିବାରୁ ସଙ୍କଟ ସମୟରେ ବିକଳ୍ପ ସେବା ଭାବରେ ଠିଆ ହୋଇପାରୁନାହିଁ। ଭୋଟ ବ୍ୟାଙ୍କ ପାଇଁ କମ୍ବଳ, ଚାଉଳ, ଲାପଟପ, ଟର୍ଚ୍ଚ, ବ୍ୟାଗ, ଅବଢ଼ା, ସାଇକଲ ଓ ଟଙ୍କା ମାଗଣା ଦିଆଯାଉଥିବା ବେଳେ ସ୍ୱାସ୍ଥ୍ୟ ସେବା ଯାହା ମୌଳିକ ପ୍ରାଥମିକତା ହେବା କଥା ସେଥିରେ ପ୍ରୋତ୍ସାହନ ନଗଣ୍ୟ।

ଭୁବନେଶ୍ୱର, ମୋ: ୮୨୪୯୮୨୭୧୪୮


## କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

**କଳିଙ୍ଗରେ ଅଶୋକଙ୍କ ଶାସନ:** କଳିଙ୍ଗ ଯୁଦ୍ଧ ପରେ ତତ୍‌କ୍ଷଣାତ୍ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେବା ସହ ଗୋଟିଏ ନୂତନ ତଥା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ଏବଂ ରାଜବଂଶୀୟ କୁମାର (ରାଜପୁତ୍ର)ଙ୍କ ଉପ-ରାଜତ୍ୱ ଅଧୀନରେ ରହିଲା। ଏହାର ମୁଖ୍ୟ ଦପ୍ତର ତୋଷାଳୀଠାରେ ପ୍ରତିଷ୍ଠା ହେଲା। କଳିଙ୍ଗର ପରାଜୟ ପରେ ଅଶୋକ ଅସୁମାରି ଲୁହ ବୁହାଇଥିବା କୁହାଗଲେ ମଧ୍ୟ ସେ କଳିଙ୍ଗକୁ ଏକ ସ୍ୱାଧୀନ ରାଜ୍ୟ ଭାବେ ଫେରାଇ ଦେବା କଥା ଚିନ୍ତା କରିପାରି ନ ଥିଲେ। କାରଣ ସେ ଜଣେ କଠୋର ସାମ୍ରାଜ୍ୟବାଦୀ ଥିଲେ। ତେଣୁ ସେ କଳିଙ୍ଗକୁ ଜୟ କରି ନିଜ ସାମ୍ରାଜ୍ୟ ସହ ମିଶାଇ ରଖିଲେ। କଳିଙ୍ଗ ରାଜାଙ୍କର କେବଳ ଗୌରବ ତଥା ପ୍ରତିଷ୍ଠା ଛଡ଼ାଇ ନେଇ ସେ ସନ୍ତୁଷ୍ଟ ହୋଇନଥିଲେ, ବରଂ ହିଂସ୍ର ଭାବରେ ତାଙ୍କର ସମଗ୍ର ରାଜ୍ୟ ମଧ୍ୟ ଛଡ଼ାଇ ନେଇଥିଲେ। ଯଦିଚ ବିଧ୍ୱଂସକାରୀ ଅଶୋକଙ୍କ ମନକୁ 'ଧର୍ମବିଜୟ' ଚିନ୍ତାଧାରା ଆସିଥିଲା, କିନ୍ତୁ କଳିଙ୍ଗ ବିଜୟଟି ନିଶ୍ଚିତ ଭାବେ ତାଙ୍କ 'ଅସୁର ବିଜୟ'ର ଏକ ସ୍ପଷ୍ଟ ଉଦାହରଣ ଥିଲା।

ଓଡ଼ିଶାର ବୌଦ୍ଧ ପରମ୍ପରା



ଅଶୋକଙ୍କ ଅଶ୍ରୁପାତ କଳିଙ୍ଗର ରାଜନୈତିକ ବିପର୍ଯ୍ୟୟ ପାଇଁ ନୁହେଁ, ବରଂ ଧାର୍ମିକ ତଥା ସାଂସ୍କୃତିକ ବିପର୍ଯ୍ୟୟ ପାଇଁ ହିଁ ଥିଲା। ସେ କେବଳ ରାଜପରିବାର କିମ୍ବା ଯୋଦ୍ଧାଶ୍ରେଣୀର ଦୁଃଖକଷ୍ଟ ପାଇଁ ଦୁଃଖୀ ନଥିଲେ, ବରଂ ବ୍ରାହ୍ମଣ, ଶ୍ରମଣ ଓ ବୌଦ୍ଧ ଉପାସକ (ସାଧାରଣ ସ୍ତରର) ଙ୍କ ଦୁର୍ଦ୍ଦଶା ଦେଖି ତାଙ୍କ ହୃଦୟ ବ୍ୟଥିତ ହୋଇଥିଲା। ସ୍ୱାଧୀନତା ଓ ଦେଶପ୍ରେମର ପ୍ରଖର ଜ୍ଞାନ ଥିବା କଳିଙ୍ଗର ଗୌରବବୋଧ ସଂପନ୍ନ ଜନତାଙ୍କ ସହ ସମବେଦନାର ସହ ବ୍ୟବହାର ସମୟରେ ଅଶୋକ ସେମାନଙ୍କୁ ପ୍ରଜାଭାବେ ଶାସନ କରିବା ପରିବର୍ତ୍ତେ ମିତ୍ର ଅଥବା ସହଯୋଗୀ ଭାବରେ ଗ୍ରହଣ କରିଥିଲେ ଅଧିକ ଉଚିତ ହୋଇଥା'ନ୍ତା।

ଏହା ନିଶ୍ଚିତ ଯେ କଳିଙ୍ଗବାସୀମାନେ ଉପରକୁ ବିରୋଧ ନକରି ନୀରବରେ ଘଟଣାକ୍ରମକୁ ସହ୍ୟ କରି ନେଇଥିଲେ। ମାତ୍ର ଭିତରେ ତଥା ବାସ୍ତବ ପକ୍ଷେ ସେମାନେ ମଗଧର ଶାସନ ଓ ଅତ୍ୟାଚାର ନିମନ୍ତେ ଖୁବ୍ ଅସନ୍ତୁଷ୍ଟ ଥିଲେ। ଅଶୋକ ନିଃସନ୍ଦେହରେ ପରିସ୍ଥିତି ସଂପର୍କରେ ସଂପୂର୍ଣ୍ଣ ସଚେତନ ଥିଲେ ଏବଂ ଦୁଃଖର ଉପଶମ ନିମନ୍ତେ ଅତ୍ୟନ୍ତ ଯତ୍ନର ସହ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ। ପରିସ୍ଥିତିର ସୁଦୃଢ଼ୀକରଣର ମଧ୍ୟ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିଥିଲେ। ଦ୍ୱାଦଶ ଶିଳାଲେଖ, ଯେଉଁଥିରେ କଳିଙ୍ଗ ଯୁଦ୍ଧର ବିବରଣୀ ବିଶଦଭାବେ ବର୍ଣ୍ଣନା କରାଯାଇଛି, ତାହାକୁ କଳିଙ୍ଗରେ କେଉଁଠାରେ ମଧ୍ୟ ଲିପିବଦ୍ଧ କରାଯାଇ ନଥିଲା। ବରଂ କଳିଙ୍ଗର ରାଜନୈତିକ ପରିସ୍ଥିତିକୁ ଦେଖି ସେ ଦୁଇଟି ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ କଳିଙ୍ଗରେ ଖୋଦିତ କରିଥିଲେ। ଏହି ଅଭିଲେଖରେ କଳିଙ୍ଗ ଲୋକମାନଙ୍କ ସହିତ ଆଜୀବିକମାନଙ୍କର ମଧ୍ୟ ସମାଧାନ ନିମନ୍ତେ ଅଶୋକଙ୍କର ଆନ୍ତରିକ ତଥା ନିଷ୍ଠାପର ଇଚ୍ଛାକୁ ପ୍ରକାଶ କରାଯାଇଥିଲା। ଏଥିରେ ମଧ୍ୟ ତାଙ୍କର ଏହି ନୂତନ ପ୍ରଜାମାନଙ୍କୁ ସରକାରୀ କର୍ମଚାରୀଙ୍କ ଉଚ୍ଛୃଙ୍ଖଳତା ଓ ଅତ୍ୟାଚାରରୁ ଆଇନଗତ ସୁରକ୍ଷା ତଥା ସଂରକ୍ଷଣ ଯୋଗାଇ ଦିଆଯାଇଥିବା ବିଷୟ ଉଲ୍ଲେଖ କରାଯାଇଥିଲା। ସଂକ୍ଷେପରେ, ଅଶୋକଙ୍କ ଶାସନ ପ୍ରଜାମାନଙ୍କୁ ନିଜ ସନ୍ତାନ ଭଳି ମନେ କରି ସେମାନଙ୍କ ହିତ ନିମନ୍ତେ ପ୍ରଶାସନିକ ପରିବର୍ତ୍ତନ ଦ୍ୱାରା ସମସ୍ତ ସମସ୍ୟା ଦୂର କରିବାକୁ ଚାହୁଁଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୩ଟି ପର୍ଯ୍ୟାୟରେ ହେବ ରତ୍ନ ଅଳଙ୍କାର ଗଣତିମଣତି

**ପୁରୀ,୨୦।୩(ସମିସ):** ପୂର୍ବ ନିର୍ଦ୍ଧାରିତ ତାରିଖ ଅର୍ଥାତ୍ ମାର୍ଚ୍ଚ ୨୫ରେ ରତ୍ନ ଅଳଙ୍କାର ଗଣତି ମଣତି ଆରମ୍ଭ କରାଯିବା ନେଇ ସ୍ପଷ୍ଟ ହୋଇଛି। ଏହି ଗଣତିମଣତି ପୂର୍ବରୁ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣତିମଣତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ୧୪ ପୃଷ୍ଠାର ଏସ୍ଓପି ବା ମାର୍ଗଦର୍ଶିକା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକ ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ସେ କହିଥିଲେ, ରତ୍ନଅଳଙ୍କାର ଗଣତି କାର୍ଯ୍ୟର ଶୁଭାରମ୍ଭ ହେବାକୁ ଯାଉଛି। ଚୈତ୍ର ଶୁକ୍ଳ ସପ୍ତମୀ ତିଥି ଅର୍ଥାତ୍ ମାର୍ଚ୍ଚ ୨୫ ତାରିଖ ବୁଧବାର ଶୁଭ ମୂହୁର୍ତ୍ତ ମଧ୍ୟାହ୍ନ ୧୨ଟା ୯ ରୁ ଅପରାହ୍ନ ୧ଟା ୪୫ ମଧ୍ୟରେ ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯିବ।

ସମସ୍ତ ଗଣତିମଣତି ପ୍ରକ୍ରିୟାର ଭିଡିଓଗ୍ରାଫି, ଫଟୋଗ୍ରାଫି, ଥ୍ରୀଡି ମ୍ୟାପିଂ ହେବ। ତିନୋଟି ପର୍ଯ୍ୟାୟରେ ଗଣତି କରାଯିବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର, ପରେ ବାହାର ରତ୍ନଭଣ୍ଡାର ଏବଂ ଶେଷରେ ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତି ମଣତି ହେବ। ୧୯୭୮ ମସିହାର ଗଣତି ମଣତିର ପୂର୍ଣ୍ଣାଙ୍ଗ ତାଲିକା ରହିଛି। ତାଲିକା ଅନୁଯାୟୀ ମେଳକ ହେବ। ସ୍ୱର୍ଣ୍ଣ ଅଳଙ୍କାର ହଳଦିଆ ରଙ୍ଗର ଭେଲ୍‌ଭେଟ କନାରେ ଗୁଡ଼ାଯାଇ ଟିଣ ବାକ୍ସ ଓ ପରେ ତାକୁ ସିନ୍ଦୂକରେ ରଖାଯିବ। ରୌପ୍ୟ ଅଳଙ୍କାର ଧଳା ବା ସିଲ୍‌ଭର ରଙ୍ଗ ଓ ଅନ୍ୟାନ୍ୟ ଅଳଙ୍କାର ଲାଲ ରଙ୍ଗ ଭେଲ୍‌ଭେଟ କନାରେ ଗୁଡ଼ାଯାଇ ରଖାଯିବ। ସୁନା, ରୁପା, ହୀରା, ଲୀଳା, ମୋତି, ମାଣିକ ଆଦି ଅଳଙ୍କାର ସବୁ ଚିହ୍ନଟ କରାଯାଇ ଓଜନ କରାଯିବ। ପୂର୍ବ ତାଲିକା ସହ ମେଳକ କରାଯିବ, କିନ୍ତୁ କାହାର ମୂଲ୍ୟାୟନ ହେବ ନାହିଁ। ସେହିପରି କେବେ ଏହା ସମ୍ପୂର୍ଣ୍ଣ ହେବ କହି ହେବ ନାହିଁ। ଯେଉଁମାନେ ଏଥିପାଇଁ ଅଧିକୃତ ସେମାନେ ପାରମ୍ପରିକ ବସ୍ତ୍ର ପିନ୍ଧି ଏଥିରେ ସାମିଲ ହେବେ।

ଗଣତି ମଣତି ଲାଗି ଦୁଇଟି ଟିମ୍ ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟର୍ବାହୀ ବା ହ୍ୟାଣ୍ଡଲିଂ ଟିମ୍ ଗଠନ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତତ୍ତ୍ୱାବଧାରକ ଟିମ୍‌ର ଅଧ୍ୟକ୍ଷ ରହିଥିବାବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇ ଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି। ସେହିପରି କାର୍ଯ୍ୟବାହୀ ଟିମ୍‌ରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ, ଦୁଇ ଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ଜେମୋଲୋଜିଷ୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ।

ତେବେ ଏହି ଗଣତି ମଣତି ଶନିବାର, ରବିବାର, ବିଭିନ୍ନ ପର୍ବପର୍ବାଣି, ନୀତି ବହୁଳ ଏବଂ ଭକ୍ତଙ୍କ ଭିଡ଼ ଦିନମାନଙ୍କରେ ହେବ ନାହିଁ। ୨୫ ତାରିଖ ଆରମ୍ଭ ହେବା ପରେ ଶ୍ରୀମନ୍ଦିର କମାଣ୍ଡର କେଉଁଦିନ ଗଣତି ମଣତି କରାଯିବ ତା'ର ଏକ ତାଲିକା ଦେବେ। କେଉଁ ଦିନ ଗଣତି କରାଯିବ ତାହା ଆଗୁଆ ଘୋଷଣା ହେବ। ଗଣତି ମଣତି ଦିନ ଭକ୍ତ ବାହାରକାଠରୁ ଦର୍ଶନ କରିବେ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

# ଜଳୁଛି ରାଜନଗର ଜଙ୍ଗଲ

**ଡେରାବିଶ/ପଞ୍ଚୁପାଣ୍ଡବ, ୨୦।୩(ସମିସ):** ଖରାଦିନ ଆରମ୍ଭରୁ ବନାଗ୍ନି ଡେରାବିଶକୁ ବ୍ୟାପିଛି। ଫଳରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ ପୋଡ଼ିଯାଇଛି। ରଘୁଦେଇପୁର ପଞ୍ଚାୟତର ରାଜନଗରଠାରେ ଥିବା ଜଙ୍ଗଲ ଆଜି ସକାଳୁ ଜଳୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏହାକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ମାତ୍ର କୌଣସି ଅଧିକାରୀ ନ ପହଞ୍ଚିବାରୁ ଗ୍ରାମର ସ୍ୱେଚ୍ଛାସେବୀ ଦୈତାରୀ ଜେନାଙ୍କଠାରୁ ଖବର ପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ବନ ବିଭାଗ ଅଧୀନ ରାଜନଗରଠାରେ ୯୯ଏକର ପରିବ୍ୟାପ୍ତ ଜମିରେ ଜଙ୍ଗଲ ରହିଛି। ଏହି ଜଙ୍ଗଲକୁ ବିଭାଗ ପକ୍ଷରୁ ସଂରକ୍ଷିତ କରାଯିବା ସହ ପ୍ରତ୍ୟେକ ବର୍ଷ ବନ ମହୋତ୍ସବ ସପ୍ତାହରେ ମୂଲ୍ୟବାନ ଚାରା ରୋପଣ କରାଯାଇଥାଏ। ଜଙ୍ଗଲକୁ ସୁରକ୍ଷା ଦେବାକୁ ୧୦୦ ମିଟର ଦୂରରେ ବନପାଳଙ୍କ କାର୍ଯ୍ୟାଳୟ ରହିଛି। ବହୁ ପୁରାତନ ମୂଲ୍ୟବାନ ଗଛ ଏହି ଜଙ୍ଗଲରେ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏଥିପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଜଙ୍ଗଲକୁ ଆହୁରି ସମୃଦ୍ଧ କରିବା ପାଇଁ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଦୈତାରୀଙ୍କ ନେତୃତ୍ୱରେ ଅଞ୍ଚଳର ଯୁବକ ଗତ କିଛିବର୍ଷ ହେବ ଆମ୍ବ ଟାକୁଆ ସଂଗ୍ରହ କରି ବହୁ ସଂଖ୍ୟାରେ ଆମ୍ବ ଚାରାରୋପଣ କରିଛନ୍ତି। ତେବେ କାହିଁକି ଓ କେଉଁ କାରଣରୁ ଏହି ନିଆଁ ଲାଗିଛି, ସେ ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଥିବାବେଳେ ଏଠାରେ ଅବସ୍ଥାପିତ ଥିବା ବନପାଳ ନିଜ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ଯୋଗୁ ଅଞ୍ଚଳରୁ ବହୁ ସଂଖ୍ୟାରେ ମୂଲ୍ୟବାନ ଗଛ କାଟି ନିଆଯାଉଥିବା ଦୈତାରୀ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ରେଞ୍ଜର ଓ କଟକ ଡିଏଫ୍ଓଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି। ଆଜି ଏହି ଅଗ୍ନିକାଣ୍ଡ ଯୋଗୁଁ ଶାଗୁଆନ, ଆକାଶୀ, ଶାଳ ଓ ପିଆଶାଳ ଭଳି ବହୁ ମୂଲ୍ୟବାନ ଗଛ ପୋଡ଼ି ଯାଇଥିବା ବେଳେ ଗ୍ରାମର ଯୁବକଙ୍କ ଦ୍ୱାରା ଲଗାଯାଇଥିବା ଆମ୍ବଗଛ ନଷ୍ଟ ହୋଇଯାଇଛି। ଡେରାବିଶ ବନପାଳ ସୁକାନ୍ତ ବେହେରାଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇନଥିଲା। ସନ୍ଧ୍ୟାରେ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ରେଞ୍ଜ ଅଧିକାରୀ ରବୀନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଏ ବିଷୟରେ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ବୁଝିଲା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି କହିଥିଲେ।

**ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ ପୋଡ଼ି ପାଉଁଶ**



## ■ ଢେଙ୍କାନାଳରେ ପୁଣି ଲଜ୍ଜା

# ଘରେ ପଶି ନାବାଳିକାକୁ ଦୁଷ୍କର୍ମ

ଢେଙ୍କାନାଳ, ୨୦।୩(ସମିସ):ଢେଙ୍କାନାଳରେ ପୁଣି ଲଜ୍ଜା। ଗତକାଲି କାମାକ୍ଷାନଗର ମହିଳା କଲେଜର ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ଅଭିଯୋଗ ପରେ ଆଜି ଟାଉନ୍ ଥାନା ଅନ୍ତର୍ଗତ ମହିଷାପାଟ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଛି। ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଅଟକ ଯୁବକଦ୍ୱୟ ହେଲେ, ସୁଶାନ୍ତ ନନ୍ଦ ଓ ନିରଞ୍ଜନ ନନ୍ଦ। ସମ୍ପର୍କରେ ଏମାନେ ଦୁଇ ଭାଇ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ନାବାଳିକାଙ୍କ ମା' ଅସୁସ୍ଥ ଥିବାରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ନାବାଳିକାଜଣକ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ସୁଶାନ୍ତ ଓ ନିରଞ୍ଜନ ତାଙ୍କ କବାଟ ବାଡ଼େଇଥିଲେ। ନାବାଳିକା କବାଟ ଖୋଲିବା କ୍ଷଣି ତାଙ୍କ ହାତମୁହଁ ବାନ୍ଧି ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ନାବାଳିକା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ କରି ଦୁଇଭାଇଙ୍କୁ ଅଟକ ରଖି ତଦନ୍ତ କରୁଛି। ଅପର ପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି।

# ନିୟମିତ ହେଲେ ୧୩ ହଜାର କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର, ୨୦।୩(ସମିସ):** କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଭାବେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିୟମିତ ହୋଇଛନ୍ତି। ଚାକିରିରେ ଯୋଗଦାନ ହେବା ଦିନରୁ ସେମାନଙ୍କୁ ନିୟମିତ ଭାବେ ଗଣନା କରାଯିବ। ଏପରିକି, ଗତ ଜାନୁଆରୀ ପହିଲାଠାରୁ ପିଛିଲା ଭାବେ ସେମାନେ ନିୟମିତ କର୍ମଚାରୀ ଭାବେ ଦରମା ଏବଂ ଅନ୍ୟାନ୍ୟ ସୁବିଧା ପାଇବେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିବା ସହ ସେମାନଙ୍କ 'ନିୟମିତ' ଫାଇଲ୍‌କୁ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ରାଜ୍ୟର ୧୩ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ଉପକୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଆନ୍ଦୋଳନରେ ବସିଥିବା କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଖୁସିବ୍ୟକ୍ତ କରିଛନ୍ତି। ଏହାସହ ଦୁଇ ଦିନ ଧରି ଚାଲିଥିବା ଅହୋରାତ୍ର ଧାରଣାରୁ ଓହରିବା ସହ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିବେ ବୋଲି ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ପ୍ରାୟ ୬ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ଆଜି ତାହା ବାସ୍ତବତାରେ ପରିଣତ ହୋଇଛି।

**■ ଚାକିରିରେ ଯୋଗଦାନଠାରୁ ନିୟମିତ**
**■ ଜାନୁଆରୀରୁ ପାଇବେ ପୂର୍ଣ୍ଣ ଦରମା**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘନେଇଲା ଗ୍ୟାସ୍...

ବଢ଼ାଇଲେ ବି ଚାହିଦା ମେଣ୍ଟିବା ସମ୍ଭବ ହେବନାହିଁ। ଏହି ଗ୍ୟାସ ଫିଲ୍ଡର ଦକ୍ଷିଣ ଭାଗ ଇରାନ ପଟେ ରହିଥିବା ବେଳେ ଉତ୍ତର ଭାଗ କାତାରରେ ରହିଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନର ଆର୍ଥିକ ସ୍ଥିତିକୁ ଦୋହଲାଇବା ପାଇଁ ଇସ୍ରାଏଲ ଏହି ଅଞ୍ଚଳ ଉପରେ ଆକ୍ରମଣ କରି ଚାଲିଥିଲା। ଏହାର ଜବାବରେ କାତାର ଅଧୀନରେ ଥିବା ଗ୍ୟାସ ଫିଲ୍ଡରେ ଇରାନ ଆକ୍ରମଣ କରୁଥିଲା। ହର୍ମୁଜ ପ୍ରଣାଳୀ ବନ୍ଦ ହୋଇଯିବାରୁ ଇସ୍ରାଏଲ ଏବଂ ଆମେରିକା ସହିତ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସ୍ଥିତି ଖରାପ ହୋଇଯାଇଛି। ଇରାନ ଏହି ଦେଶର ଜାହାଜ ଗୁଡ଼ିକୁ ଯିବାକୁ ଦେଉ ନ ଥିଲା; ମାତ୍ର ସ୍ଥିତିକୁ ଦେଖି ଆମେରିକା ରାଷ୍ଟ୍ରପତି ଏବେ ଇସ୍ରାଏଲକୁ ଗ୍ୟାସ ଫିଲ୍ଡ ଉପରେ ଆକ୍ରମଣ ନ କରିବା ପାଇଁ କହିଛନ୍ତି। ଯଦି ପୁଣି ଇସ୍ରାଏଲ ଆକ୍ରମଣ କରେ ତେବେ କାତାରର ଉକ୍ତ ଗ୍ୟାସ ଫିଲ୍ଡକୁ ଇରାନ ଧ୍ୱଂସ କରିଦେବ ବୋଲି ଧମକ ଦେଇଛି। ଏଭଳି ହେଲେ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯିବ।

ଏବେ କାତାରର ତରଳ ପ୍ରାକୃତିକ ଗ୍ୟାସ ରପ୍ତାନୀ କ୍ଷମତା ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି। ଏହାଦ୍ୱାରା କାତାରକୁ ବାର୍ଷିକ ପ୍ରାୟ ୨୦ ବିଲିୟନ ଡଲାରର ରାଜସ୍ୱ ହାନି ହେବ ବୋଲି 'କାତାର ଏନର୍ଜି'ର ମୁଖ୍ୟ କାର୍ଯ୍ୟନିର୍ବାହୀ ସାଦ ଅଲ-କାବି ସୂଚନା ଦେଇଛନ୍ତି। ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପ୍ଲାଣ୍ଟଗୁଡ଼ିକର ମରାମତି ପାଇଁ ୩ରୁ ୫ ବର୍ଷ ସମୟ ଲାଗିପାରେ। କାତାର ଏନର୍ଜି ପକ୍ଷରୁ ଇଟାଲୀ, ବେଲଜିୟମ, ଦକ୍ଷିଣ କୋରିଆ ଓ ଚୀନ୍ ସହିତ ହୋଇଥିବା ଦୀର୍ଘକାଳୀନ ଚୁକ୍ତି ଉପରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଯୋଗାଣ ବନ୍ଦ ରହିବା ନେଇ ଘୋଷଣା କରାଯାଇଛି।

ଏହା ପୂର୍ବରୁ ଶୁକ୍ରବାର ଦିନ ଇସ୍ରାଏଲ ଓ ଆମେରିକାର ମିଳିତ ବାୟୁସେନା ଇରାନର ଏକ ପ୍ରମୁଖ ବନ୍ଦର ସହରରେ ୧୬ଟି କାର୍ଗୋ (ମାଲବାହୀ) ଜାହାଜ ଉପରେ ବୋମା ମାଡ଼ କରି ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛି। ଇରାନର ଦକ୍ଷିଣ ଉପକୂଳରେ ଥିବା ବନ୍ଦର ଲେଙ୍ଗେହ ଓ ବନ୍ଦର କଙ୍ଗ ସହରରେ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏଥିସହ ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ ସେମାନେ ଇରାନର ଉତ୍ତରରେ ଥିବା କ୍ୟାସପିୟାନ ସାଗର ଅଞ୍ଚଳରେ ମଧ୍ୟ ଆକ୍ରମଣ ଜାରି ରଖିଛନ୍ତି। ଏଠାରେ ଇରାନ ସହ ରୁଷିଆ ବାଣିଜ୍ୟ କାରବାର କରିଥାଏ। ଏହି ଜାହାଜଗୁଡିକ ଉପରେ ଆକ୍ରମଣ କରି ଆମେରିକା ଓ ଇସ୍ରାଏଲ ଇରାନର ଯୋଗାଣ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। ସେହିପରି ଏହି ଯୁଦ୍ଧରେ ମାର୍ଚ୍ଚ ୧୮ ରେ ହୋଇଥିବା ଆକ୍ରମଣରେ ସାଉଦି ଆରବର ରିୟାଧରେ ଜଣେ ଭାରତୀୟ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏପର୍ଯ୍ୟନ୍ତ ଏହି ଯୁଦ୍ଧରେ ମୋଟ୍ ୬ ଜଣ ଭାରତୀୟ ପ୍ରାଣ ହରାଇଛନ୍ତି।

### ବିରୋଧୀ ନଛୋଡ଼ବନ୍ଧା...

ମଲ୍ଲିକ, ବ୍ୟୋମକେଶ ରାୟ, ପ୍ରଦୀପ ସାହୁ, କଂଗ୍ରେସ ବିଧାୟକ ମଙ୍ଗୁ ଖିଲ, ନୀଳମାଧବ ହିକ୍‌କା , ପବିତ୍ର ସାଉନ୍ତା ପ୍ରମୁଖ ଉଭୟ ପାର୍ଶ୍ୱରୁ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବାକୁ ଚେଷ୍ଟା କରୁଥିବା ବେଳେ ସୁରକ୍ଷା କର୍ମୀ ସେମାନଙ୍କୁ ଅଟକାଇଥିଲେ। କିଛି ସମୟ ପାଇଁ ସୁରକ୍ଷା କର୍ମୀ ଏବଂ ବିଧାୟକଙ୍କ ମଧ୍ୟାରେ ଠେଲାପେଲା ହୋଇଥିଲା। ଏସବୁ ମଧ୍ୟରେ ବିଜେଡି ବିଧାୟକ ଡ. ଅରୁଣ ସାହୁ ସଚିବଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରକୁ ଟେକି ବାଚସ୍ପତିଙ୍କ ପୋଡିୟମକୁ ଠେଲିବା ଦେଖିବାକୁ ମିଳିଥିଲା। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ସାଢ଼େ ୧୧ଟାରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିାଲେ ମଧ୍ୟ ଗୃହରେ ସମାନ ପରିସ୍ଥିତି ଜାରି ରହିଥିଲା। ଗୃହରେ ବିରୋଧୀ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରିପୋର୍ଟର୍ସ ଟେବୁଲରେ ଚଢ଼ି ପୋଷ୍ଟର ଦେଖାଇ ସ୍ଲୋଗାନ ଦେଇଥିଲେ। ସମାନ ସମୟରେ ବିଜେପି ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଗୃହରେ ଉପସ୍ଥାପନ କରିଥିଲେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କ ହୋହାଲ୍ଲା ପ୍ରତିବାଦକୁ ବିରୋଧ କରିବା ସହ ବିରୋଧୀ ଦଳ ଆଲୋଚନାକୁ ଆସନ୍ତୁ ବୋଲି ଆହ୍ୱାନ କରିଥିଲେ।

ଏହି ସମୟରେ ବାଚସ୍ପତି ଗୃହକୁ ୧୧ଟା ୧୬ରୁ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକକୁ ବାଚସ୍ପତି ବିରୋଧୀ ଦଳ ଉପ ନେତା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜୟ ନାରାୟଣ ମିଶ୍ର ଓ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କୁ ତାଙ୍କ ଚାମ୍ବରକୁ ଆଲୋଚନା ପାଇଁ ଡାକିଥିଲେ। ମାତ୍ର ବୈଠକରୁ କୌଣସି ନିଷ୍କର୍ଷ ବାହାରି ନପାରିବା କାରଣରୁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ସ୍ଥିତି ଜାରି ରହିଥିଲା। ୩ ବିଭାଗର ଖର୍ଚ୍ଚଦାବି ଆଲୋଚନାକୁ ବିରୋଧୀ ସଦସ୍ୟ ବର୍ଜନ କରିଥିଲେ।

ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ଶାସକ ଦଳ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଡାକ୍ତର ଗୌତମ ଶତପଥୀ ଅତୀତରେ ନିଲମ୍ବିତ ହୋଇଥିଲେ। ମାତ୍ର ଦେଢ଼ ବର୍ଷର ପ୍ରଫେସର ଅଭିଜ୍ଞତା ଥାଇ ସେ ଭାରପ୍ରାପ୍ତ ଅଧୀକ୍ଷକ କେମିତି ହେଲେ। ତାଙ୍କ ଉପରେ ଥିବା ୬୦ ଜଣବରିଷ୍ଠ ଡାକ୍ତରଙ୍କୁ ଅତିକ୍ରମ କରି ଯୋଗ୍ୟତା ନ ଥାଇ ଭାରପ୍ରାପ୍ତ ଅଧୀକ୍ଷକ ହୋଇଛନ୍ତି। ତେଣୁ ତୁରନ୍ତ ସରକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ସହ ଉଭୟ ଭାରପ୍ରାପ୍ତ ଅଧୀକ୍ଷକ ଓ ଅତିରିକ୍ତ ଅଧୀକ୍ଷକଙ୍କୁ ଗିରଫ କରନ୍ତୁ। ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଡ. ସାହୁ ରୋକଠୋକ ଶୁଣାଇଛନ୍ତି।

### ବଢ଼ିଲା ପ୍ରିମିୟମ...

ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ଏବଂ ତେହେରାନର ପାଲଟା ଆକ୍ରମଣ ପରେ ଅଶୋଧିତ ତେଲ ଦାମ୍ ପ୍ରତି ବ୍ୟାରେଲ ପିଛା ୧୧୪ ଡଲାର ଟପିଛି। ଏଥିରେ ନିଜ ଆବଶ୍ୟକତାର ୮୮ ପ୍ରତିଶତ ତେଲ ଆମଦାନୀ କରୁଥିବା ଭାରତ ଏବେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇପାରେ। ତୈଳ ଯୋଗାଣରେ ବାଧା ଉପୁଜିବାର ଆଉ ଏକ ବଡ଼ କାରଣ ହେଉଛି, ଯୁଦ୍ଧ ଆରମ୍ଭ ହେବା ପରଠାରୁ ହୋର୍ମୁଜ ପ୍ରଣାଳୀ ଦେଇ ତୈଳ ବାହୀ ଜାହାଜ ଗମନାଗମନ ଠପ୍ ହୋଇଯାଇଛି।

ଏହାବାଦ୍ ତୈଳ ମାର୍କେଟିଂ କମ୍ପାନୀଗୁଡିକ ପ୍ରିମିୟମ ପେଟ୍ରୋଲ ଦରବୃଦ୍ଧି କରିବା ସହ ଇଣ୍ଡଷ୍ଟ୍ରିଆଲ ଡିଜେଲ ଦର ମଧ୍ୟ ବୃଦ୍ଧି କରିଛନ୍ତି। ଫଳରେ ଏହାର ଦର ଲିଟର ପିଛା ୨୨ଟଙ୍କା ୩ ପଇସା ବୃଦ୍ଧି ହୋଇ ୧୦୯.୫୯ ପଇସାରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଇଣ୍ଡଷ୍ଟ୍ରିଆଲ ଡିଜେଲ ଫିଲିଂ ଷ୍ଟେସନମାନଙ୍କରେ ବିକ୍ରି ହେଉଥିବା ରେଗୁଲାର ଡିଜେଲ ନୁହେଁ। ଏହାକୁ ସାଧାରଣ ଯାନବାହନରେ ଉପଯୋଗ କରାଯାଏନି। ଏହାର ଉପଯୋଗ କେବଳ ଔଦ୍ୟୋଗିକ କାମ ଲାଗି କରାଯାଇଥାଏ, ଯାହାକୁ ଇଣ୍ଡଷ୍ଟ୍ରିଆଲ ବା ବଲ୍କ ଡିଜେଲ ବୋଲି କୁହାଯାଏ।

### ୬୯% ଅଧ୍ୟାପକ...

ଅଛନ୍ତି। ୩୧ ପ୍ରତିଶତ ପଦ ପୂରଣ ହୋଇଥିବା ବେଳେ ଅବଶିଷ୍ଟ ପଦ ଖାଲି । ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୪୪ ପଦ ମଧ୍ୟରୁ ୧୩୫, ବ୍ରହ୍ମପୁରରେ ୧୭୯ ପଦ ମଧ୍ୟରୁ ୧୦୦ ପଦ ଫାଙ୍କା ପଡ଼ିଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା କଟକସ୍ଥିତ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁରସ୍ଥିତ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟରେ କେହି ଜଣେ ମଧ୍ୟ ନିୟମିତ କର୍ମଚାରୀ ନାହାନ୍ତି। ଏହି ୫ଟି ବିଶ୍ୱବିଦ୍ୟାଳୟରେ ଯଥାକ୍ରମେ ୫୦, ୪୩, ୧୧୦, ୧୧୨ ଓ ୨୧ ଟି ଲେଖାଏଁ ଅଧ୍ୟାପକ ପଦ ଫାଙ୍କା ପଡ଼ିଛି। ଏସବୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭଗବାନଙ୍କ ଭରସାରେ ପାଠ ପଢୁଛନ୍ତି। ଅନୁରୂପ ଭାବେ ସମସ୍ତ ବିଶ୍ୱବିଦ୍ୟାଳୟରେ ମୋଟ୍ ୩୦୮୨ ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦ ରହିଥିବାବେଳେ ମାତ୍ର ୭୫୭ ଜଣ କାର୍ଯ୍ୟରତ ଅଛନ୍ତି। ଅବଶିଷ୍ଟ ୭୫ ପ୍ରତିଶତ ଅଣଶିକ୍ଷକ ପଦ ଫାଙ୍କା ପଡ଼ିଛି। କଳାହାଣ୍ଡିସ୍ଥିତ ମା ମାଣିକେଶ୍ୱରୀ ମହାବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଜଣେ ହେଲେ ଅଣଶିକ୍ଷକ କର୍ମଚାରୀ ନାହାନ୍ତି। ଅଣଶିକ୍ଷକ କର୍ମଚାରୀ ପଦରେ ନିଯୁକ୍ତି ଦେବାପାଇଁ ସରକାର ପ୍ରାୟ ୮ଶହରୁ ଅଧିକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ପ୍ରବରଣ ମଣ୍ଡଳୀ ନିଯୁକ୍ତି ପରୀକ୍ଷା କରିବ ଓ ଖୁବଶୀଘ୍ର ନିଯୁକ୍ତି ଦେବାକୁ ଯୋଜନା ହୋଇଛି। ସେହିପରି ଅଧ୍ୟାପକ ପଦରେ ନିଯୁକ୍ତି ଦେବାକୁ ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।


### 'ଘୋଡ଼ା' ବେପାରରେ...

ଦେଇଛି । ମଣ୍ଡିରେ ମିଲର ଚାଷୀଙ୍କଠାରୁ ଧାନ କିଣୁ ନାହାନ୍ତି, ଏପଟେ ସରକାର ଚାଷୀଙ୍କ ସମର୍ଥନରେ ବିରୋଧୀଙ୍କ ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ରାଜ୍ୟରେ ଏବେ ଏକ ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଛି ।

ଗତ ଦୁଇ ଦିନ ମଧ୍ୟ ରାଜ୍ୟରେ ଅନେକ ସ୍ଥାନରେ ମଣ୍ଡି ସମସ୍ୟା ତୀବ୍ର ହେବାରୁ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଭଦ୍ରକ ତିହିଡ଼ି ବ୍ଲକ ଚାରିତରଫ ସେବା ସମବାୟ ସମିତିରେ ପ୍ରାୟ ୯ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ପଡ଼ି ରହିଛି। ଦୀର୍ଘ ଦିନ ହେବ ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀ ଟଙ୍କା ବି ପାଇ ପାରୁନାହାନ୍ତି। ଶେଷରେ ବାଧ ହୋଇ ଚାଷୀ ତିହିଡି ତହସିଲଦାରଙ୍କ ଗାଡ଼ି ଆଗରେ ଚାଷୀ ଶୋଇପଡିଛନ୍ତି। ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ଅନେକ ସ୍ଥାନର ଅସ୍ଥାୟୀ ମଣ୍ଡିରେ ଧାନ ପଡ଼ି ରହିଥିବା ବେଳେ ବୁଲା ଗାଈ ଗୋରୁ ଧାନ ଖାଇ ନଷ୍ଟ କରୁଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ମଣ୍ଡିରେ ଧାନ ପଡ଼ି ପଡ଼ି ଅଦିନିଆ ବର୍ଷା ପରେ ଗଜା ହୋଇଗଲାଣି। ଏହାକୁ ଉଠାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ।

ଚଳିତ ବର୍ଷ ଭଲ ଫସଲ ଉତ୍ପାଦନ ହେତୁ ଚାଷୀଙ୍କ ଆବଶ୍ୟକତା ପରେ ଆଉ ପ୍ରାୟ ୩୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବଳକା ରହିଛି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏହି ବଳକା ଧାନ ଚାଷୀଙ୍କଠାରୁ କିଣା ଯିବା କଥା। ବଳକା ଧାନ ଦୂରର କଥା ଏବେ ବି ରାଜ୍ୟର ୩ ଲକ୍ଷ ପଞ୍ଜିକୃତ ଚାଷୀ ଧାନ ବିକ୍ରି ଅପେକ୍ଷାରେ ମଣ୍ଡି ଆଗରେ ବସି ରହିଥିବାରୁ ସେମାନଙ୍କ ଧାନ ଉଠିବ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଟୋକନ ପାଇ ମଧ୍ୟ ଚାଷୀ ମାସ ମାସ ଧରି ସୋସାଇଟି ଆଗରେ ବସି ରହୁଥିଲେ ବି ତାଙ୍କ ଧାନ ଉଠାଯାଉ ନାହିଁ। ଫଳରେ ଚାଷୀଙ୍କୁ ଖରା ବର୍ଷା ସାଙ୍ଗକୁ ଧାନ ଭର୍ତ୍ତି ଟ୍ରାକ୍ଟର ଠିଆ କରିବା ପାଇଁ ଭଡ଼ା ଗଣିବାକୁ ପଡୁଛି। ଯେଉଁ କେତେକ ସ୍ଥାନରେ ଟୋକନ ଲାପ୍ସ ହେଉଛି ବୋଲି ସରକାରଙ୍କ ନଜରକୁ ଆସୁଛି, ସେଠାରେ ୧୫ ଦିନ ଟୋକନ ଅବଧି ବୃଦ୍ଧି କରାଯାଉଥିବା ନେଇ ସରକାର କହୁଛନ୍ତି। ମାତ୍ର ରାଜ୍ୟରେ ଧାନ କିଣା ଅବଧି ଶେଷ ହେବାକୁ ଆଉ ସପ୍ତାହେ ରହିଥିବାରୁ ହଜାର ହଜାର ଚାଷୀଙ୍କ ଟୋକନ ଲାପ୍ସ ଚିନ୍ତାର କାରଣ ସାଜିଛି। କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଚାଷୀଙ୍କର ସବୁ ବଳକା ଧାନ କିଣିବେ ବୋଲି ସରକାର କହିଥିଲେ। ହେଲେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନକ୍ରୟ ନିଷ୍ପତ୍ତି ଯୋଗୁଁ ମାର୍ଚ୍ଚ ମାସ ହେବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩ ଲକ୍ଷରୁ ଉଦ୍ଧ୍ୱର୍ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ତେଣୁ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବଳେୟା ଥିବା ସମସ୍ତ ପଞ୍ଜିକୃତ ଚାଷୀଙ୍କଠାରୁ ସବୁ ବଳକା ଧାନ ଯୁଦ୍ଧକାଳୀନ ଭିତ୍ତିରେ କ୍ରୟ କରିବା ସହ ନିର୍ଦ୍ଧାରିତ ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ଦେବାପାଇଁ ସେ ଦାବି କରିଛନ୍ତି।

# ନରଣପୁର, ଜଗନ୍ନାଥପୁରରେ ବାଘ ଗୁଜବ



ରାଜନଗର, ୨୦।୩(ସମିସ): ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାଘ ଗୁଜବ ଦୁଇଦିନ ହେଲା ଲାଗି ରହିଛି। ଏପରିକି, ପିଲାଙ୍କୁ ବାହାରକୁ ମଧ୍ୟ ପରିବାରଲୋକେ ଛାଡୁନାହାନ୍ତି। ରାଜନଗର ବ୍ଲକର ଜଗନ୍ନାଥପୁର, ପଟ୍ଟାମୁଣ୍ଡାଇ ବ୍ଲକର ନରଣପୁର, ସିଙ୍ଗାରପୁରରେ କଲରାପତରିଆ ବାଘ ବୁଲୁଥିବା ପ୍ରଚାର ହେବା ସହ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ ଟିମ୍ ଗାଁରେ ପହଞ୍ଚିବା ପରେ ଲୋକେ କଲରାପତରିଆ ବାଘ ଦେଖିଥିବା କହିବା ସହ ଗଛ ଉପରେ କଲରା ପତରିଆ ବାଘ ଶୋଇଥିବା ଫଟୋ ଦେଖାଇଥିଲେ। ଫଟୋଟି ଏ ଅଞ୍ଚଳର ନୁହେଁ ବୋଲି ଜଣାପଡ଼ିଥିଲା। କେହି ବ୍ୟକ୍ତି ଗାଁରେ ଚିତା ବିରାଡି ଦେଖିବା ପରେ ତାହାକୁ କଲରାପତରିଆ ବାଘ କହି ପ୍ରଚାରିତ କରିଥିଲେ। ଫରେଷ୍ଟର୍ ବିଜୟ କୁମାର ପାତ୍ରଙ୍କ ସୂଚନା ମୁତାବକ ଅଭିଯୋଗ ପାଇ ସିଙ୍ଗାରପୁରରେ ପହଞ୍ଚିଥିଲୁ। କିଏ ଦେଖିଛି କିଏ ଫଟୋ ଉଠାଇଛି କହିପାରିନଥିଲେ। ଯେଉଁ ଫଟୋ ଦେଖାଇଥିଲେ ତାହା ଅନ୍ୟ ଅଞ୍ଚଳର ବୋଲି କହିଛନ୍ତି।


**AFFIDAVIT**

By virtue of an affidavit no 895 sworn before the Notary Public, Swampatana, I Sri Satrughna Naik, S/o- Gania Naik, resident of At- Mallipasi, Po- Musha Khori, Ps- Patna, Dist- Keonjhar, Odisha, Pin- 758030, I am by caste Saunti and use the surname Naik but in R.O.R vide Khata No- 27 at Mallipasi Mouza is incorrectly maintained as Mirikhujia. Henceforth, my surname as well as all of our family member's surname is required to be recorded Naik in all future purposes.

**(Satrughna Naik)**

**LOST**

I, **Deepak Kumar Agarwal,** aged about 44 years, S/o Kishorilal Agrawal, resident of Vill/PO/PS: Dharamgarh, Dist: Kalahandi, Odisha, do hereby declare that the Original Record of Rights (R.O.R. / Patta) pertaining to Khata No. 930/164 of Mouza: Kebadi, PS: Dharamgarh, was lost / misplaced during my transit from my residence to the Tahasil Office, Dharamgarh. If found, please return it to the above address and contact Bikash Pradhan, Mobile: 9437362343.

Leadership and beyond

दि न्यू इंडिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
|---|---|---|
| ବିଡ୍ ଦାଖଲର ସମାପ୍ତି ତାରିଖ | ୧୯.୦୩.୨୦୨୬ ଅପରାହ୍ନ ୫ ଘଟିକା | ୩୦.୦୩.୨୦୨୬ ଅପରାହ୍ନ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୨୦.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା | ୩୧.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା |

ବିଡ୍‌ରମାନେ ଟେଣ୍ଡର କାଗଜାତ୍ ଆମର ୱେବ୍‌ସାଇଟ୍: **www.tenderwizard.com/NIAEPROC**ରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**Notice**

By virtue of an affidavit sworn before the **Executive Magistrate, Athmallik dated 16th March 2026,** I, **Miss. SOMALIN RANA** address Daughter of PRAKASHA RANA, Village : NAKCHI, P.O. : NAKCHI, P.S.: HANDAPA, District: ANGUL, PIN : 759126, STATE : ODISHA, declare that I have changed my name from **" PRATIMA RANA"** to **"SOMALIN RANA".** Henceforth, I shall be known as **"SOMALIN RANA"** for all purposes.

**SOMALIN RANA**

**AFFIDAVIT**

By virtue of an affidavit no. 605 before the **Notary Public, Nuapada, dtd.18.03.2026.** I, Kiratan Bhue, At- Dohelapada, Kureswar, P.S.- Komna, Dist- Nuapada hereby declare that my name has been wrongly recorded as Kirtan Bhue in Aadhaar & Educational Certificates. I further declare that Kiratan Bhue and Kirtan Bhue is one and the same person i.e. myself. Henceforth, my correct name shall be **Kiratan Bhue** for all purposes.

**AFFIDAVIT**

By virtue of an affidavit No.120 before the Executive Magistrate, Golamunda, dtd.16/03/26, I, Jasobanti Toltia, D/o-Dharmaraj Toltia, residing At-Ghutia, P.O. Chichia, P.S.Golamunda, Kalahandi, Odisha-766029, have changed my name from **"Josmati Tolatia"** to **"Jasobanti Toltia".** Henceforth, I shall be known as **"Jasobanti Toltia"** for all purposes.

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, CUTTACK** 10001/134/2526

Tender call notice no. 5617 dt. 19-03-2026

**TENDER CALL NOTICE**

Sealed tenders superscribing "Tender for supply of Drugs & Consumables (CATEGORY-III) for the year 2025-26" are invited from the registered manufacturers/ Distributers for supply of drugs & Consumables to the undersigned. The detailed term & conditions, product list and specifications are available in the official website of Cuttack district i.e. cuttack.odisha.gov.in. The bidders are allowed to submit their tender within dt. 05/05/2026, 5 PM through Regd. Post/ Courier Service/ Speed Post only in the office of the undersigned and the tender (Technical Bid) will be opened on dt. 06/05/2026 at 11.30 A.M. If the event date being declared as a holiday by the Govt. of Odisha, the due date of submission of bids and opening of bids will be the following working day at the appointed place & time. The authority reserves right to reject any or all the tenders without assigning any reason(s) there off. Any dispute is subject to Cuttack jurisdiction only.

OIPR-10001/10022/1/25-26/0004

**Sd/- Chief District Medical & Public Health Officer, Cuttack**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST: KORAPUT.** 32001/229/2526

**e-Procurement Notice**

**Bid Identification No. SEUKID-05/2025-26 Dated: 16.03.2026**

Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in .

1. Name of the Work : Civil Works
2. No. of Works : 01 Nos
3. Estimated Cost : Rs.10.33 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of **20.03.2026** Up to 17.00 hours of **30.03.2026**
6. Last date & time for receipt of bids in portal : **30.03.2026** up to 17.00hours.
7. Bids received online shall be opened on : 11.00 hours of **31.03.2026**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the** www.tendersodisha.gov.in.

Addendum/corrigendum/cancellation required, if any will be published in Govt. Website only.

Superintending Engineer, Upper Kolab Irrigation Division, Borigumma (K)

OIPR-32001/32482/1/25-26/0002

# ନର୍ସଙ୍କ ଭୁଲ୍ ଚିକିତ୍ସା ଯୋଗୁଁ ନବଜାତକର ମୃତ୍ୟୁ ଅଭିଯୋଗ

ଫିରିଙ୍ଗିଆ, ୨୦।୩(ସମିସ)

ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିଲେ। ଷ୍ଟାଫ୍‌ନର୍ସଙ୍କ ନର୍ମାଲ ଡେଲିଭେରୀ ନିଷ୍ପତ୍ତି ଯୋଗୁଁ ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏପରି ଘଟଣା ଘଟିଛି। ଗୋଚ୍ଛାପଡ଼ା ଥାନା କୁମେଲସିଂ ଗ୍ରାମର ଜଣେ ଗର୍ଭବତୀ ପ୍ରସବ ଯନ୍ତ୍ରଣା ଯୋଗୁଁ ଗତକାଲି ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଷ୍ଟାଫନର୍ସ ଡାକ୍ତରଙ୍କ ଅନୁପସ୍ଥିତିରେ ମହିଳାଙ୍କ ନର୍ମାଲ ଡେଲିଭେରୀ କରାଇଥିଲେ। ମା' ପେଟରୁ ଶିଶୁକୁ ବାହାର କରିଥିଲେ ମଧ୍ୟ ଶିଶୁ ହଲଚଲ୍ ନହେବାରୁ ଉଭୟ ମା' ଓ ନବଜାତକକୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପହଞ୍ଚିବା ପରେ ନବଜାତ ଶିଶୁକୁ ଡାକ୍ତର ମୃତ ଘୋଷଣା କରିବା ସହିତ ନର୍ମାଲ ଡେଲିଭେରୀ ଯୋଗୁଁ ଗୁରୁତର ଥିବା ପ୍ରସୂତିଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ଏଭଳି ସ୍ଥଳେ ଡେଲିଭରି କରିଥିବା ଷ୍ଟାଫ୍‌ନର୍ସଙ୍କ ଅବହେଳା ଓ ଭୁଲ୍ ପାଇଁ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ପ୍ରସୂତି ମହିଳାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି।



ପ୍ରସବ କାଳୀନ ପୂର୍ବ ଚିକିତ୍ସା ପାଇଁ ଗର୍ଭବତୀ ମହିଳାଙ୍କୁ ବାଲନ୍ଦାପଡ଼ା ମା'ଗୃହରେ ଦୁଇଦିନ ଭଲ ଭାବରେ ରଖାଯାଇଥିଲା।

ଗତକାଲି ଡେଲିଭେରୀ ତାରିଖ ଥିବାରୁ ମହିଳାଙ୍କୁ ବାଲାନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଷ୍ଟାଫ ନର୍ସ ଜଣକ ଗର୍ଭବତୀ ମହିଳାଙ୍କ ପେଟରେ ଅତ୍ୟଧିକ ଚାପ ଦେବାରୁ, ମା ଗୁରୁତର ହେବା ସହିତ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହା ଜାଣିବା ପରେ ତରବରିଆ ଭାବେ ଷ୍ଟାଫ ନର୍ସ ମା' ଏବଂ ଶିଶୁକୁ ରେଫର କରିଦେଇଥିଲେ। ଷ୍ଟାଫ ନର୍ସଙ୍କ ଏଭଳି କାର୍ଯ୍ୟ ଯୋଗୁଁ ଆମେ ତାଙ୍କ ନାମରେ ପୁଲିସରେ ଅଭିଯୋଗ କରିଛୁ ବୋଲି ମହିଳାଙ୍କ ସ୍ୱାମୀ କହିଛନ୍ତି। ଏ ନେଇ ସମ୍ପୃକ୍ତ ଷ୍ଟାଫ ନର୍ସଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ କନ୍ଧମାଳ ସିଡ଼ିଏମଓ ଅଭିଯୋଗର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି। ଟାଉନ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରୁଛି। ଘଟଣାର ତଦନ୍ତ ପାଇଁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁମନ୍ତ କୁମାର ମାଝୀଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସମ୍ପୃକ୍ତ ଷ୍ଟାଫ ନର୍ସଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତ ଶିଶୁର ପରିବାର ଲୋକଙ୍କ ସହ ସ୍ଥାନୀୟ ଜନସାଧାରଣ।

## ଅନଲାଇନ୍ ସୁରକ୍ଷା ଓ ସାଇବର ନିର୍ଯାତନା ସଚେତନତା କର୍ମଶାଳା

ଗୋଷାଣି, ୨୦।୩(ସମିସ): ଗୋଷାଣି ବ୍ଲକ ସଦରମହକୁମାରେ ସମ୍ପନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ 'ବେଟି ବଚାଅ ବେଟି ପଢ଼ାଅ' ଅନ୍ତର୍ଗତ ବ୍ଲକସ୍ତରୀୟ ଅନଲାଇନ୍ ସୁରକ୍ଷା ଏବଂ ସାଇବର ନିର୍ଯାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ପନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ନମିତା ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୁରକ୍ଷା ଅଧିକାରୀ ସରଳା ପାତ୍ର, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ସାଇବର ଆନାଲିଷ୍ଟ ଡି. ଈଶ୍ୱର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏନ୍.ବିମଳ, ଗୁରାଣ୍ଡି ଥାନାର ଏଏସ୍‌ଆଇ ରଞ୍ଜନ ଚୌଧୁରୀଙ୍କ ସମେତ ଗୁରାଣ୍ଡି ଷ୍ଟେଟବ୍ୟାଙ୍କ ଓ ଗୋଷାଣି ପିଏନବି ଶାଖା ପରିଚାଳକ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ଅତିଥିମାନେ ସାଇବର ଠକେଇରୁ ସୁରକ୍ଷା, ନିଜେ ସତର୍କ ରହିବା ସହିତ ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ଉପଯୁକ୍ତ ଭାବେ ସଚେତନ କରିପାରିଲେ ସାଇବର ଠକେଇରୁ ସୁରକ୍ଷା ମିଳିବ ବୋଲି କହିଥିଲେ। କର୍ମଶାଳାରେ



ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଆଶା ଓ ଅଙ୍ଗନବାଡି କର୍ମୀ, କିଶୋରୀ ବାଳିକାଙ୍କ ସମେତ ସମସ୍ତ ଆଇସିଡିଏସ ସୁପରଭାଇଜର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୋଷାଣି ମିଶନ ଶକ୍ତି ବିଭାଗର ବ୍ଲକ ସଂଯୋଜକ ଅମ୍ରିତ ପରିଚ୍ଛା ପରିଚାଳନା କରିଥିଲେ। ଶେଷରେ ସାଇବର ସୁରକ୍ଷାକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା କିଶୋରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଏସ୍‌ପିଙ୍କ ସମେତ ୮ ପୁଲିସ ଅଧିକାରୀ ସମ୍ମାନୀତ



ଫୁଲବାଣୀ, ୨୦।୩(ସମିସ): ଜିଲ୍ଲାରେ ଚାଲିଥିବା ଗଞ୍ଜେଇ ବିରୋଧୀ ଅଭିଯାନରେ ଉଲ୍ଲେଖନୀୟ ସଫଳତା ପାଇଁ କନ୍ଧମାଳ ଏସପି ହରିଶ ବି ସିଙ୍କ ସମେତ ୮ ଜଣ ପୁଲିସ ଅଧିକାରୀ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ସମ୍ମାନୀତ ହୋଇଛନ୍ତି। ଶୁକ୍ରବାର ଭୁବନେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରନିଆ ଏହି ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ ହୋଇଥିବା ଅଧିକାରୀ ହେଲେ ପୂର୍ବତନ ବାଲିଗୁଡା ଏସଡିପିଓ ରାମେନ୍ଦ୍ର ପ୍ରସାଦ, ସଦର ଏସଡିପିଓ ଶୁଭ୍ରଜିତ୍ ବିଶ୍ୱାଳ, ବ୍ରାହ୍ମଣୀଗାଁ ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁରୁ, ରିଜର୍ଭ ଇନ୍ସପେକ୍ଟର ବୀରସିଂହ ଶବର, ତତ୍କାଳୀନ ଗୋଚ୍ଛାପଡ଼ା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା, ଫିରିଙ୍ଗିଆ ଥାନା ସବ୍‌ଇନ୍ସପେକ୍ଟର ଦୀପକ ରାଉତ ଓ ସଦର ଥାନା ସବଇନ୍ସପେକ୍ଟର ସମ୍ବିତ କୁମାର ବେହେରା।

● ଗଞ୍ଜେଇ ବିରୋଧୀ ଅଭିଯାନରେ ସଫଳତା

## ଏସ୍‌ପିଙ୍କ ସମେତ ୪ ପୁଲିସ୍ ଅଧିକାରୀଙ୍କୁ ସମ୍ମାନିତ କଲେ ଡିଜିପି

ପାରଳାଖେମୁଣ୍ଡି, ୨୦।୩(ସମିସ): ଗଞ୍ଜେଇ ଚାଷ ଓ ଚୋରାଚାଲାଣ ରୋକିବାରେ ସଫଳତା ପାଇଁ ଗଜପତି ଏସ୍‌ପି ଓ ଜିଲ୍ଲାର ୨ ଥାନା ଓ ଗୋଟିଏ ଫାଣ୍ଡିର ପୁଲିସ ଅଧିକାରୀଙ୍କୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସମ୍ମାନିତ କରିଛନ୍ତି। ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଓ ୪ ଅଧିକାରୀ ହେଲେ ଆର୍.ଉଦୟଗିରି ଥାନାର ଏସ୍‌ଆଇ ସ୍ୱାପ୍ନାରାଣୀ ବେହେରା ଓ ଏସ୍‌ଆଇ ସନ୍ଦୀପ ହେମ୍ବ୍ରମ, ମୋହନା ଥାନାର ଏସ୍‌ଆଇ ପଙ୍କଜ ଦାସ ଓ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସୁନୀଲ କୁମାର ସେଠୀ। ସୂଚନା ପ୍ରକାରେ ଉପରୋକ୍ତ ଥାନା ଓ ଫାଣ୍ଡି ଅଞ୍ଚଳରେ ଅବାଧ ଗଞ୍ଜେଇ ଚାଷଠାରୁ ଆରମ୍ଭ କରି ବ୍ୟାପକ ଗଞ୍ଜେଇ ଚାଲାଣ ହେଉଛି। ଏସପିଙ୍କ ନେତୃତ୍ୱରେ ଗଞ୍ଜେଇ ଚାଷ ନଷ୍ଟ ଓ ଜବତ ପାଇଁ ଧରପଗଡ଼କୁ ବ୍ୟାପକ କରାଯାଇଥିଲା। ଗଞ୍ଜେଇ ଚାଷ ନଷ୍ଟ ସହ ଜବତ କରିବାରେ ବହୁ ମାତ୍ରାରେ ସଫଳତା ମିଳିଥିଲା। ଯାହାକୁ ଦୃଷ୍ଟିରେ ରଖି ପୁଲିସ ଡିଜିପି ସେମାନଙ୍କୁ ରାଜ୍ୟ ପୁଲିସ ଭବନରେ ସମ୍ମାନିତ କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି, ଆର୍.ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁ, ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କ ସହ ପୁଲିସ ପଦାଧୀକାରୀ ଓ କର୍ମଚାରୀ ସମ୍ମାନିତ ହୋଇଥିବା ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ପିକଅପ୍ ଭ୍ୟାନ ସହ ଗଞ୍ଜେଇ ଜବତ



ବାଲିଗୁଡା, ୨୦।୩(ସମିସ): ବାଲିଗୁଡ଼ା ପୁଲିସ ଗଞ୍ଜେଇ ଭର୍ତ୍ତି ଏକ ପିକଅପ୍ ଭ୍ୟାନ୍ ଜବତ କରିଛି। ବୁଧବାର ସନ୍ଧ୍ୟାରେ ପୁଲିସ ପକ୍ଷରୁ ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ସୁଡ୍ରା ଅଞ୍ଚଳରେ ବାରଖମା ଫାଣ୍ଡିର ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରୁଥିଲେ। ବେଆଇନ ଚୋରା ଗଞ୍ଜେଇ ଚାଲାଣ ବେଳେ ଚାଲାଣକାରୀ ମାଫିଆ ପୁଲିସକୁ ଦେଖି ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ଚାଲାଣକରୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଥିଲେ ସୁଦ୍ଧା ୭ ଶହ କେଜି ଗଞ୍ଜେଇ ଓ ଗୋଟିଏ ବୋଲେରୋ ପିକଅପ୍ ଭ୍ୟାନକୁ ଜବତ୍ କରିଛି। ଏସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ଶିବରଞ୍ଜନ ସିଙ୍ଗା କହିଛନ୍ତି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର



ବ୍ରାହ୍ମଣୀଗାଁ, ୨୦।୩(ସମିସ): ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଋଷିମାଳ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଡ଼. ଭାସ୍କର ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଥାନା ଏସଆଇ ଭୋଳାନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ପୂର୍ବତନ କଲେଜ ସଭାପତି ରାମଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀକାନ୍ତ ରାଜଗୁରୁ, ଇତିହାସ ଅଧ୍ୟାପକ ଅକ୍ଷୟ କୁମାର ବେହେରଦଳେଇ, ଅଧ୍ୟାପିକା ଲଳିତା ସିଂ ଓ ମାଷ୍ଟର ଟ୍ରେନର ସୁରଭି ଶବର ଯୋଗ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜନା ଇତିହାସ ଅଧ୍ୟାପକ ଅକ୍ଷୟ ବେହେରଦଳେଇ କରିଥିବା ବେଳେ ଅଧ୍ୟାପକ ସୁଜ୍ଞାନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସୁସ୍ଥ ଜୀବନଶୈଳୀ ପାଇଁ ପଖାଳ ଗୁରୁତ୍ୱପୂର୍ଣ୍ଣ'



ପାରଳାଖେମୁଣ୍ଡି, ୨୦।୩(ସମିସ): ବିଶ୍ୱ ପଖାଳ ଦିବସ ଅବସରରେ ପାରଳାଖେମୁଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ 'ପଖାଳ ପରବ' କାର୍ଯ୍ୟକ୍ରମରେ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ପଖାଳ କେବଳ ଏକ ସାଧାରଣ ଖାଦ୍ୟ ନୁହେଁ, ଏହା ଆମ ଓଡ଼ିଆ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଆମ ସଂସ୍କୃତିର ସ୍ପନ୍ଦନ। ସେହିପରି ଖାଦ୍ୟ ଅପଚୟ ରୋକିବା ଓ ସୁସ୍ଥ ଜୀବନଶୈଳୀ ଆପଣାଇବାରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଅବକାରୀ ଅଧୀକ୍ଷକ ପି.କେ. ସାହୁ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ କାଶୀନଗର ବ୍ଲକ ଅଧ୍ୟକ୍ଷା ବଲ୍ଲା ସାଇଆମ୍ମାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

● କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

## ମିନି ବିମାନବନ୍ଦର ସ୍ଥାପନ ପାଇଁ ଦାବି

ପାରଳାଖେମୁଣ୍ଡି, ୨୦।୩(ସମିସ): କେନ୍ଦ୍ର ବିମାନଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କ ସାକ୍ଷାତ କରି ଦୁଇ ରେଳର ସମ୍ପ୍ରସାରଣ ଓ ନିକଟ ଅଞ୍ଚଳରେ ଏକ ମିନି ବିମାନ ବନ୍ଦର ସ୍ଥାପନ ପାଇଁ ଦାବି ଜଣାଇଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ। ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ ଯାହା ଗୁଣୁପୁର ଠାରୁ ରାଉରକେଲା ଯାଉଥିବା ବେଳେ ଓଡ଼ିଶା ସୀମାନ୍ତ ପୁରୁଣାପାଟଣା ଓ ବିଭିନ୍ନ ସ୍ଥାନରେ ରହଣି ପାଇଁ ଅନୁମୋଦନ ପାଇଛି। ଯାହାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କେନ୍ଦ୍ରମନ୍ତ୍ରୀ। ସୂଚନା ପାଇ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ପାଣିଗ୍ରାହୀ ତୁରନ୍ତ ଆନ୍ଧ୍ରର ପୁରୁଣାପାଟଣା ଯାଇ ମନ୍ତ୍ରୀଙ୍କୁ ସାକ୍ଷାତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ବିଶେଷ କରି ଗୁଣୁପୁର ଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଚଳାଚଳ କରିବା ଓ ଭଦ୍ରକ ଠାରୁ ଆସି ପଲାସାରେ ରହଣି କରୁଥିବା ଟ୍ରେନକୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ଜଣାଇଛନ୍ତି ବିଧାୟକ। ଏହାସହିତ ଅଞ୍ଚଳରେ ଏକ ମିନି ବିମାନ ବନ୍ଦର ସ୍ଥାପନ ପାଇଁ ମଧ୍ୟ ଆଲୋଚନା କରିଛନ୍ତି। ଦିଲ୍ଲୀ ଫେରିବା ପରେ ରେଳ ବିଭାଗ ଓ ବେସାମରିକ ବିମାନ ଚଳାଚଳ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି। ଆନ୍ଧ୍ରର ପୁରୁଣାପାଟଣାରେ ରାଜ୍ୟରାଣୀ ଏକ୍ସପ୍ରେସ ରହଣି କରିଥିବା ବେଳେ ଗଜପତି ଜିଲ୍ଲାର ମୁଖ୍ୟ କରି ହାଡୁଭାଙ୍ଗି ଭଳି ଷ୍ଟେସନରେ ରହଣି ପାଇଁ ଅନୁମତି ମିଳିଥିଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।




## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ରାଇକିଆ, ୨୦।୩(ସମିସ): ରାଇକିଆ କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ସରସ୍ୱତୀ ପ୍ରଧାନ ଯୋଗ ଦେଇଥିଲେ। ୩ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ରାଉତରାୟ ଓ ବିବନ ଅପ୍ରଭାନ ରଣସିଂହ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜୁନିୟର ଓ ସିନିୟର୍ ବର୍ଗ ସହିତ ବାଳକ ଓ ବାଳିକାବର୍ଗରେ ମୋଟ ୩୬୦ ଜଣ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଆସନ୍ତା୨୫ ତାରିଖରେ ଆୟୋଜିତ ବାର୍ଷିକ ଉତ୍ସବରେ ପୁରସ୍କାର ବିତରଣ କରାଯିବ।

## ପ୍ରେସ କ୍ଲବର ମାସିକ ସାଧାରଣ ବୈଠକ

ଜି.ଉଦୟଗିରି, ୨୦।୩(ସମିସ): ଜି.ଉଦୟଗିରି ପ୍ରେସ୍ କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ସଭାପତିତ୍ୱରେ ଶୁକ୍ରବାର ଶ୍ରୀରାମପଦା ପ୍ରସ୍ତାବିତ ପ୍ରେସ୍‌କ୍ଲବ ଗୃହରେ ସାଧାରଣ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସମ୍ପାଦକ ଅନିଲ କୁମାର ଦଳବେହେରା ପୂର୍ବ ବିବରଣୀ ପଠନ କରିଥିଲେ। ପ୍ରେସ କ୍ଲବ ସଂଗଠନକୁ ସୁଦୃଢ ଓ ନୀତି ନିୟମକୁ ମାନି ଚଳିବା ପାଇଁ ସଭାପତି ସମସ୍ତ ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ। ଯୋଗ୍ୟତା ଅନୁଯାୟୀ ନୂତନ ସଭ୍ୟଙ୍କୁ ଗ୍ରହଣ କରାଯିବ ବୋଲି କହିଥିଲେ। ବୈଠକରେ ଶୀତ ମହୋତ୍ସବରେ କମିଟି ତରଫରୁ ପ୍ରେସ କ୍ଲବକୁ ଅଣଦେଖାକୁ ତୀବ୍ର ନିନ୍ଦା କରାଯାଇଥିଲା। ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ଅନିଲ କୁମାର ଦଳବେହେରା, ବରିଷ୍ଠ ସାମ୍ବାଦିକ ବିଦ୍ୟା ଧର ପାଳ, ଦେବନାଥ ଦଳବେହେରା, ପତିତ ପାବନ ସାହୁ, ସମୀର କୁମାର ପାଢ଼ୀ, ଅରୁଣ କୁମାର ଷଡ଼ଙ୍ଗୀ, ଏନ.ରାଜା ରାଓ, ସାମନ୍ତ ଶେଖର ନାୟକ, ଚନ୍ଦ୍ର ଶେଖର ପାଢ଼ୀ, ଚିନ୍ମୟ କୁମାର ସେଠୀ, ଦୁର୍ଗାମାଧବ ପଟ୍ଟନାୟକ ଓ ସୁଧୀର ଦିଗାଲ ଯୋଗ ଦେଇ ଆଜିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମତାମତ ପ୍ରଦାନ କରିଥିଲେ। ଶେଷରେ ଦୁର୍ଗାମାଧବ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବାଲିଗୁଡା, ୨୦।୩(ସମିସ): ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୩ ତମ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଦୀପ କୁମାର ବାଘ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପବିତ୍ର ମୋହନ ପାଢ଼ି ଯୋଗ ଦେଇଥିଲେ। ଡ.ମଧୁସୂଦନ ମହାପାତ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମ୍ପନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଇନ୍ଦିରା ପଣ୍ଡା, ମଧୁସ୍ମିତା କହଁର, ସୁପରଭାଇଜର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ସାହୁ, ୧୧ନଂ ୱାର୍ଡ କାଉନସିଲର, ପରିଚାଳନା କମିଟି ସଦସ୍ୟ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌର ଶଙ୍କର ପାଢ଼ୀ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଗୌର ଶଙ୍କର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## 'ପଖାଳର ବହୁ ତାତ୍ତ୍ୱିକ ଗୁଣ ରହିଛି'

ପାରଳାଖେମୁଣ୍ଡି, ୨୦।୩ (ସମିସ): ପାରଳାଖେମୁଣ୍ଡି ସହରର ପ୍ରଗତି ମହିଳା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ୟୁଟେକ କମ୍ପ୍ୟୁଟର ଏଜୁକେଶନ ସେଣ୍ଟରରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଖଣି ଅଧିକାରୀ ଦିପେନ୍ ପରିଡ଼ା, ବିଶିଷ୍ଟ ଅତିଥିଭାବେ ଜିଲ୍ଲା କୋର୍ଟର ଭାରପ୍ରାପ୍ତ ପିପି ରାଜେଶ କୁମାର ମିଶ୍ର, ମୁଖବକ୍ତା ଭାବେ ବିନୋଦିନୀ କନିଷ୍ଠ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସେବା ନିବୃତ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରାମଚନ୍ଦ୍ର ପାଢ଼ୀ ଓ ଦିନେଶ ମହାରଣା ଯୋଗ ଦେଇ ପଖାଳ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଭାବେ ଲୋକନାଥ ମିଶ୍ର ଏବଂ କାର୍ଯ୍ୟକ୍ରମର ସଂଯୋଜକ ଭାବେ ପ୍ରଗତିର ଉପଦେଷ୍ଟା ତଥା ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗ ଦେଇ ପଖାଳର ବହୁମୁଖୀ ତାତ୍ତ୍ୱିକ ଗୁଣ ରହିଛି ବୋଲି କହିଥିଲେ। ପ୍ରଗତିର ସମ୍ପାଦିକା ତନୁଜା ଶତପଥୀ କାର୍ଯ୍ୟକ୍ରମର ପ୍ରାକ୍ ସୂଚନା ଦେଇଥିଲେ। ସ୍ନେହା ବେହେରା ଅତିଥି ଆହ୍ୱାନ ଏବଂ ପରିଚୟ ପ୍ରଦାନ କରିଥିବା ବେଳେ, ମୁରଲୀଧର ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପର ବିଶ୍ୱ ଘର ଚଟିଆ ଦିବସ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।




ମାଓମୁକ୍ତ ଅଭିଯାନ ଶେଷ ପର୍ଯ୍ୟାୟରେ

## ସୁରକ୍ଷାବାହିନୀ ଘେରାବନ୍ଦୀରେ ମାଓନେତା ଶୁକ୍ରୁ

ଫୁଲବାଣୀ, ୨୦।୩(ସମିସ)

ଓଡ଼ିଶା ପୁଲିସର ମାଓ ଦମନ ଅଭିଯାନ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ରାଜ୍ୟର ସବୁଠାରୁ ଚର୍ଚ୍ଚିତ ଏବଂ ଦୁର୍ଦ୍ଦାନ୍ତ ଟପ୍ କ୍ୟାଡର ମାଓ ନେତା ଶୁକ୍ରୁକୁ ସୁରକ୍ଷାକର୍ମୀ ଚାରିପଟୁ ଘେରି ରଖିଛନ୍ତି। ରାୟଗଡ଼ା, କଳାହାଣ୍ଡି ଏବଂ କନ୍ଧମାଳ ସୀମାନ୍ତ ଅଞ୍ଚଳରେ ଏହି ବୃହତ ଅପରେସନ ଜାରି ରହିଛି। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆଙ୍କ ସୂଚନା ଅନୁଯାୟୀ, ଶୁକ୍ରୁର ଠିକଣା ବାବଦରେ ସଠିକ୍ ତଥ୍ୟ ହାସଲ ହୋଇସାରିଛି ଏବଂ ସେ ଖୁବଶୀଘ୍ର ସୁରକ୍ଷା ବାହିନୀ ହାତରେ ଧରାପଡ଼ିବ। କେନ୍ଦ୍ର ସରକାର ଏବଂ ବିଶେଷ କରି ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶକ୍ରମେ ଦେଶରୁ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ପାଇଁ ମାର୍ଚ୍ଚ ୩୧ ତାରିଖକୁ ଶେଷ ସମୟ ସୀମା ଭାବେ ଧାର୍ଯ୍ୟ କରାଯାଇଛି। ଓଡ଼ିଶାରେ ମଧ୍ୟ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ପୁଲିସ ତତ୍ପରତା ପ୍ରକାଶ କରିଛି। ପୁଲିସ ଡିଜି ଖୁରାନିଆ କହିଛନ୍ତି, ଆମର ଶତପ୍ରତିଶତ ପ୍ରୟାସ ଜାରି ରହିଛି। ବର୍ତ୍ତମାନ କେବଳ ଅଳ୍ପ କିଛି ମାଓବାଦୀ ବଞ୍ଚି ରହିଛନ୍ତି ଏବଂ ପୂର୍ଣ୍ଣ ବିଶ୍ୱାସ ମାର୍ଚ୍ଚ ୩୧ ପୂର୍ବରୁ ଆମେ ଆମର ଉଦ୍ଦେଶ୍ୟରେ ସଫଳ ହେବୁ। ବର୍ତ୍ତମାନର ସ୍ଥିତି ଅନୁଯାୟୀ, ଶୁକ୍ରୁ ଏବଂ ତା'ର ଗୋଷ୍ଠୀକୁ ଜଙ୍ଗଲ ଭିତରେ ସମ୍ପୂର୍ଣ୍ଣ ଭାବେ ଘେରାଉ କରାଯାଇଛି। ସେଠାରୁ ବାହାରକୁ ଖସିଯିବା ଶୁକ୍ରୁ ପାଇଁ ପ୍ରାୟ ଅସମ୍ଭବ। ଏହି ବୃହତ ଅପରେସନରେ ଏସଓଜି, ସିଆରପିଏଫ, ବିଏସଏଫ ଏବଂ ଜିଲ୍ଲା ପୁଲିସର ବଛା ବଛା ଅଫିସର ନିୟୋଜିତ ହୋଇଛନ୍ତି। ଭୁବନେଶ୍ୱରରୁ ଡିଜିପି ନିଜେ ଏହି ପୁରା ମିଶନକୁ ମନିଟରିଂ କରୁଛନ୍ତି।



## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଦିଗପହଣ୍ଡି,୨୦ ।୩(ସମିସ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଡିଗ୍ରୀ କଲେଜରେ ଗୁରୁବାର ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ ଯୋଗ ଦେଇଥିଲେ । ଆଇନଜୀବୀ ହରପ୍ରସାଦ ରଥ, କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧ୍ୟାପିକା ରଶ୍ମିତା କୁମାରୀ ମେକାପ, ଭାରତ ସ୍କାଉଟ ଏବଂ ଗାଇଡ୍ ପ୍ରଶିକ୍ଷିକା ତଥା ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ, ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ଗୌଡ଼, ଶକ୍ତିଶ୍ରୀ କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧ୍ୟାପିକା ସସ୍ମିତା କୁମାରୀ ପ୍ରଧାନ, ଅଧ୍ୟାପକ ଦେବଦତ୍ତ ପଣ୍ଡା, ଟୁନା ବେହେରା ଏବଂ ଆତ୍ମସୁରକ୍ଷା ତାଲିମ୍ ପ୍ରଶିକ୍ଷିକା ରାକ୍ଷୀ କୁମାରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ୮ ଦିନ ଧରି ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀ ଉପସ୍ଥିତ ରହି ପ୍ରଥମ ଦିବସରେ ଆତ୍ମ ସୁରକ୍ଷା ସମ୍ପର୍କିତ ବିଭିନ୍ନ କଳା କୌଶଳର ତାଲିମ ନେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

## ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ

ଦିଗପହଣ୍ଡି,୨୦ ।୩(ସମିସ): ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନ ବ୍ୟାପୀ ଚାଲିଥିବା ଶିକ୍ଷଣ ସାମଗ୍ରୀ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଭାରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଶିଶୁ ବାଟିକା ଠାରୁ ଆରମ୍ଭକରି ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଛାତ୍ରଙ୍କୁ ଶିକ୍ଷାଦାନ ସମୟରେ ଆବଶ୍ୟକ ଥିବା ୮୦ଟି ବିଷୟଭିତ୍ତିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା । ବ୍ଲକ ଅଧିନ ୧୬ଟି କ୍ଲଷ୍ଟରରୁ ୫୦ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଶାଳାରେ ଅଂଶଗ୍ରହଣ କରି ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । କର୍ମଶାଳାରେ ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା । ଅନ୍ୟତମ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱବା ପାଇକ, ରସାନନ୍ଦ ଘଡ଼େଇ କର୍ମଶାଳାର ଉପସ୍ଥିତ ରହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନଗର ସିଆରସିସି ଅନିଲ କୁମାର ଦାସ ଙ୍କ ସମେତ ସମସ୍ତ ସିଆରସିସି ସହଯୋଗ କରିଥିଲେ ।

## ଧରାକୋଟରେ ହିନ୍ଦୁ ନବବର୍ଷ ପାଳିତ



ଧରାକୋଟ,୨୦ ।୩(ସମିସ): ଧରାକୋଟ ବ୍ଲକ ବିଜେପି ଏବଂ ସ୍ଥାନୀୟ ଯୁବଗୋଷ୍ଠୀ ଦ୍ୱାରା ଧରାକୋଟ ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ନବବର୍ଷ ପାଳନ କରାଯାଇଛି । ବୈଠକରେ ଆସନ୍ତା ୨୭ ମାର୍ଚ୍ଚରେ ରାମନବମୀ ଧୁମ୍‌ଧାମରେ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । ବୈଠକରେ ପୂର୍ବତନ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ କୁମାର ମହାନ୍ତି, ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ପୁରୁଖା ନେତା ତଥା ଘୁମୁସର ଆସ୍କା ସାଙ୍ଗଠନିକ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଗଦାଧର ସ୍ୱାଇଁ, ଘୁମୁସର ଆସ୍କା ସାଙ୍ଗଠନିକ ଜିଲ୍ଲାର ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ନାୟକ, ଧରାକୋଟ ମଣ୍ଡଳ ସଭାପତି ପ୍ରଭାକର ପ୍ରଧାନ, ଜାହାଡା ମଣ୍ଡଳ ସଭାପତି ଜିତେନ୍ଦ୍ର ବିଶୋଇ, ମାଣିକ୍ୟପୁର ମଣ୍ଡଳ ସଭାପତି ଟୁକୁନା ନାୟକ, ଧରାକୋଟ ମଣ୍ଡଳ ପୂର୍ବତନ ସଭାପତି ୟୁ.ପାପା ରାଓ, ମାଣିକ୍ୟପୁର ମଣ୍ଡଳ ପୂର୍ବତନ ସଭାପତି ଅଶୋକ ନାୟକ, ଧରାକୋଟ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ, ଧରାକୋଟ ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ଦେବାଶିଷ ମିଶ୍ର, ଓଳମ୍ବା ସରପଞ୍ଚ ପ୍ରତିନିଧି ସମୀର ସ୍ୱାଇଁ, ଝାଡ଼ବନ୍ଧ ନାଏବ ସରପଞ୍ଚ ଗୌରହରୀ ଗୌଡ଼, କମଳ ସାହୁ, ଶିବଶଙ୍କର ମହାନ୍ତି, ମଣ୍ଟୁ ବିଶୋଇ, ଅନୁପ ଜେନା, ସଞ୍ଜୟ ବିଶୋଇ, ଅଶ୍ୱିନୀ ବିଶୋଇ, ସତ୍ୟନାରାୟଣ ସାବତ, ଗଗନ ବିହାରୀ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ରାମଭକ୍ତ ଯୋଗ ଦେଇଥିଲେ ।

## ଗୁଣ୍ଡବନ୍ଧ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁକୁଡ଼ାଖଣ୍ଡି,୨୦ ।୩(ସମିସ): ଗୁଣ୍ଡବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଓ ଦକ୍ଷିଣପୁର ପ୍ରଧାନ ଶିକ୍ଷୟିତ୍ରୀ ଏ. ପୁଷ୍ପଲତା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତା ମହାନ୍ତି ଓ ଗୀତାଞ୍ଜଳି ବିଶୋଇ ମଞ୍ଚ ସାଜସଜ୍ଜା କରିଥିଲେ । ଶିକ୍ଷୟିତ୍ରୀ ରେଣୁଝରା ପୁଷ୍ପଶ୍ରୀ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ସାହୁ ସଭାପତିତ୍ୱ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପାତ୍ର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ଉତ୍ସବରର ଉଦ୍ଦେଶ୍ୟ ଓ ପରିବେଶ ଉପରେ ଭାଷଣ ଦେଇ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ନିଜର ଜନ୍ମଦିନରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ କହିଥିଲେ । ଏଥିସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ରୁନୁ ବରାଡ ଧନ୍ୟବାଦ ଦେଇଥିଲେ ।

## ଜରାଜୀର୍ଣ୍ଣ ଅବସ୍ଥାରେ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ

# ୫ ଡାକ୍ତରଙ୍କ ବଦଳରେ ଅଛନ୍ତି ୨; ସରୁନି କୋଠା ନିର୍ମାଣ

ଛତ୍ରପୁର,୨୦ ।୩(ସମିସ)

ପ୍ରାଣୀ ସମ୍ପଦର ଉନ୍ନତି ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ସରକାର ଡିଣ୍ଡିମ ପିଟୁଥିବା ବେଳେ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ରହିଥିବା ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ନାନା ସମସ୍ୟା ଘେରରେ ରହିଛି । ନା ଅଛି ବ୍ୟାପକ ସୁବିଧା ନା ରହିଛନ୍ତି ଯଥେଷ୍ଟ କର୍ମଚାରୀ । ଫଳରେ ସହରରେ ବୁଲୁଥିବା ପଶୁ ସମ୍ପଦଙ୍କ ଜୀବନ ବିପଦରେ । କୃଷି ଓ ପଶୁ ପାଳନ ବିଭାଗ ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିବା ବେଳେ ଛତ୍ରପୁରରେ ଏହା କିପରି ଚାଲିଛି ତାହା ଗଞ୍ଜାମ ଜିଲ୍ଲାର ଛତ୍ରପୁର ସ୍ଥିତ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟକୁ ଦେଖିଲେ ସ୍ପଷ୍ଟ ଅନୁମେୟ । ଛତ୍ରପୁର ସହର ଚାରିପଟେ ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥ ଯାଇଛି । ସହରରେ ଗାଈ କୁକୁରଙ୍କ ଅବାଧ ଚଳପ୍ରଚଳ ଯୋଗୁଁ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣାରେ ସେମାନେ ଆହତ କିମ୍ବା ମୃତ ହେଉଛନ୍ତି । ଏହା ବ୍ୟତୀତ ଛତ୍ରପୁର ସହର ଏବଂ ଏହି ବ୍ଲକ ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ଗୃହପାଳିତ ପଶୁମାନଙ୍କ ଚିକିତ୍ସା ପାଇଁ ଏହି ମେଡିକାଲ ଉପରେ ନିର୍ଭର କରିଥାନ୍ତି । ସେମାନଙ୍କ ପାଇଁ ସହରର ଉପର



ବସ୍‌ଷ୍ଟାଣ୍ଡରେ ଦୀର୍ଘବର୍ଷ ଧରି ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଖୋଲାଯାଇଥିବା ବେଳେ ତାହା ଏବେ କୋମାରେ ।

ଚିକିତ୍ସାଳୟରେ ୫ ଜଣ ଡାକ୍ତରଙ୍କ ବଦଳରେ ୨ ଜଣ ଥିବାବେଳେ ସେଥିମଧ୍ୟରୁ ଜଣେ ମୁନିସିପେଣ୍ଟ ମେଡିକାଲରୁ ଆସି ଏଠାରେ ରହୁଛନ୍ତି । ସେହିପରି ଡେପୁଟି ଡାଇରେକ୍ଟର, ଆଟେଣ୍ଡେଣ୍ଟ, ପିଅନ, ଡ୍ରାଇଭର ଆଦି ପଦବୀ ଖାଲି ରହିଛି । ବର୍ତ୍ତମାନ ସକାଳ ୮ରୁ ଦିନ ୧୨ ଓ ଅପରାହ୍ନ ୩ରୁ ୫ଟା ଯାଏଁ ଏହା ଖୋଲା ଯାଉଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନେ ରହୁନଥିବାରୁ ଲୋକେ ସେମାନଙ୍କ ଗୃହପାଳିତ ପଶୁ କିମ୍ବା ବୁଲା ଗାଈଗୋରୁଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବାରେ ବିଫଳ ହେଉଛନ୍ତି । ଏନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି । ଉକ୍ତ ଚିକିତ୍ସାଳୟର ଭିତ୍ତିଭୂମିକୁ ଦେଖିଲେ ଏହା ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏକ୍ସରେ ମେସିନ ଥିଲେ ମଧ୍ୟ ତାକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ଆଉ ସେଥିପାଇଁ ପଶୁପକ୍ଷୀମାନଙ୍କୁ ସେବା ପ୍ରଦାନ କରାଯାଇପାରୁନାହିଁ । ବେଳେ ବେଳେ ପର୍ଯ୍ୟାପ୍ତ ପରିମାଣର ଡାକ୍ତର ନଥିବାରୁ ତାଙ୍କ ଉପସ୍ଥିତିରେ ଅନ୍ୟାନ୍ୟ କର୍ମଚାରୀ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ଏଠାରେ ଥିବା କ୍ୱାର୍ଟର୍ସଗୁଡିକ ଭଙ୍ଗାରୁଜା ଅବସ୍ଥାରେ ଥିବାବେଳେ କର୍ମଚାରୀମାନଙ୍କ ରହିବା ସୁବିଧା ହୋଇପାରୁନାହିଁ । ସେହିପରି ଚିକିତ୍ସାଳୟ ପାଚେରି ମଧ୍ୟ ଭାଙ୍ଗି ଗଲାଣି । ଏଠାରେ ପଶୁ ସମ୍ପଦ ସୁରକ୍ଷିତ ନଥିବା ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏଣୁ ସମସ୍ତ ସମସ୍ୟାର ସମାଧାନ କରି ଏଠାରେ ପର୍ଯ୍ୟାପ୍ତ ପରିମାଣର ସୁବିଧା ଯୋଗାଇ ଦେବା ସହ ପଶୁମାନଙ୍କୁ ଚିକିତ୍ସା ଏବଂ ସେମାନେ ସୁସ୍ଥ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଚିକିତ୍ସାଳୟରେ ରଖି ସୁସ୍ଥ କରିବାକୁ ଅନ୍ତଃବିଭାଗ ନଥିବାରୁ ତୁରନ୍ତ ଏହା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ସେହିପରି ଚିକିତ୍ସାଳୟ ପରିସରରେ ଦୀର୍ଘବର୍ଷ ଧରି ଏକ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହା ତୁରନ୍ତ ଶେଷ ହେଲେ ଅନ୍ତଃବିଭାଗ ଭଳି ଜରୁରୀକାଳୀନ ସେବା ଯୋଗାଇ ଦିଆଯାଇପାରିବ ବୋଲି କହିଛନ୍ତି ପଶୁ ଚିକିତ୍ସାଳୟର ଡାକ୍ତର ଆଶୁତୋଷ ମିଶ୍ର ।

## ଉପଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ
## ଗ୍ୟାସ କଳାବଜାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଭଞ୍ଜନଗର,୨୦ ।୩(ସମିସ): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଦେଶରେ ରନ୍ଧନ ଗ୍ୟାସର ସୁଷମ ବଣ୍ଟନ ବ୍ୟବସ୍ଥା ଅନୁଯାୟୀ ଗ୍ରାହକଙ୍କ ଚାହିଦା ପୂରଣ କରାଯାଉଛି । ଏଣୁ ଯଦି କେହି ଏହି ସମୟରେ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାରୀ କରୁଥିବା ନଜରକୁ ଆସନ୍ତି ତେବେ ଏଭଳି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଚେତାବନୀ ଦେଇଛନ୍ତି । ଗୁରୁବାର ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଅଧ୍ୟକ୍ଷତା କରି ସାଧାରଣ ବଣ୍ଟନ ବ୍ୟବସ୍ଥା ଯଥା ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ବିଷୟରେ ସମୀକ୍ଷା କରିଛନ୍ତି । ବୈଠକରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବୁକିଂ ପ୍ରକ୍ରିୟା ତଥା ଅନ୍ୟ ସମସ୍ତ ସମସ୍ୟା ଉପରେ ଚର୍ଚ୍ଚା ହୋଇଛି । ଏବେ ଗ୍ରାମାଞ୍ଚଳରେ ରନ୍ଧନ ଗ୍ୟାସ ବୁକିଂ ବ୍ୟବଧାନ ୪୫ ଦିନ ଓ ସହରାଞ୍ଚଳରେ ୨୫ ଦିନ ବୁକିଂର ବ୍ୟବଧାନ ରହିବ ବୋଲି ସ୍ଥିର କରାଯାଇଛି । ସେହିପରି ଆପାତକାଳୀନ ପରିସ୍ଥିତିରେ ଅଗ୍ରାଧିକାର ଭିତ୍ତିରେ ଗ୍ୟାସ୍ ସିଲିଣ୍ଡର ପ୍ରଦାନ କରାଯିବ ବୋଲି ଉପଜିଲ୍ଲାପାଳ ବେହେରା କହିଛନ୍ତି । ଏହି ପରିସ୍ଥିତିରେ ଓଟିପି ମାଧ୍ୟମରେ ବୁକିଂ, ସ୍ୱଚ୍ଛତା ଓ ବଜାର ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଅଯଥା ଗ୍ୟାସ ସିଲିଣ୍ଡର୍ ଷ୍ଟକ୍ ନ କରିବାକୁ ଜନସାଧାରଣଙ୍କୁ ଅବଗତ କରାଯାଇଛି । ଉପଭୋକ୍ତାମାନଙ୍କୁ ସୁବିଧା ପ୍ରଦାନ ପାଇଁ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆବଶ୍ୟକ ପରିମାଣର ଘରୋଇ ଓ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମହଜୁଦ ଅଛି ତେଣୁ କୌଣସି ଭ୍ରାନ୍ତ କଥାରେ ବିଶ୍ୱାସ ନକରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଗ୍ୟାସ କଳାବଜାରୀ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ ବେହେରା ଚେତାବନୀ ଦେଇଛନ୍ତି । ବୈଠକରେ ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରାୟ ଓ ଉପଖଣ୍ଡର ସମସ୍ତ ଯୋଗାଣ ନିରୀକ୍ଷକ ଉପସ୍ଥିତ ରହିଥିଲେ ।

## ବାଣିଜ୍ୟକର ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମ୍ମିଳନୀ



ବ୍ରହ୍ମପୁର,୨୦ ।୩(ସମିସ): ସ୍ଥାନୀୟ ସେଲ୍ସଟ୍ୟାକ୍ସ ଛକ ସ୍ଥିତ ପ୍ରାପ୍ତି କଲ୍ୟାଣ ମଣ୍ଡପରେ ବାଣିଜ୍ୟକର ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗର ବହୁ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ହୋଇ ଭାବର ଆଦାନ ପ୍ରଦାନ କରିଥିଲେ । ଏହି ଅବସରରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ତଥା ସଂଘର ସଦସ୍ୟଙ୍କୁ ସଂଘ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରାଯାଇଥିଲା । ସଂଘର ଆବାହକ ବୃନ୍ଦାବନ ବେହେରା ଓ ବରିଷ୍ଠ ସଦସ୍ୟ ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ସଭାରେ ସମ୍ପାଦକ ଶ୍ୟାମାପ୍ରସାଦ ପାଢୀ ସଂଯୋଜନା କରିଥିଲେ । ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

## ଅପରେଟରଙ୍କୁ ପାରିଶ୍ରମିକ ମିଳିନି
## ୨ ବର୍ଷ ହେଲା ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ

କବିସୂର୍ଯ୍ୟନଗର,୨୦ ।୩(ସମିସ): କବିସୂର୍ଯ୍ୟନଗର ବ୍ଲକର ମାଗୁରାପୁଞ୍ଜା ଗ୍ରାମରେ ଦୁଇଶହରୁ ଅଧିକ ପରିବାର ବସବାସ କରନ୍ତି । ଏମାନଙ୍କ ସୁବିଧା ଲାଗି ଗାଁ ମୁହଁରେ ପାଣିଟାଙ୍କି ରହିଛି । କିନ୍ତୁ ଟାଙ୍କି ଅପରେଟରଙ୍କୁ ପାରିଶ୍ରମିକ ନ ମିଳିବାରୁ ଦୁଇବର୍ଷ ହେବ ଗ୍ରାମରେ ପାଣି ଯୋଗାଣ ବନ୍ଦ ରହିଛି । ଯାହାକି ଏକ ଚିନ୍ତାର କାରଣ ହୋଇଛି । ଗ୍ରାମଟି ଏକ ବୃହତ ଗାଁ । ଗ୍ରାମବାସୀଙ୍କୁ



ପିଇବା ପାଣି ଯୋଗାଣ ପାଇଁ ବସୁଧା ଯୋଜନା ମାଧ୍ୟମରେ ବିଶାଳକାୟ ପାଣିଟାଙ୍କି ସହ ପ୍ରତି ଘରକୁ ପାଇପ ମଧ୍ୟ ବିଛା ଯାଇ ଟେପ ଲାଗିଥିଲା । କିଛିଦିନ ଠିକରେ ଜଳ ଯୋଗାଣ ହେଲା । ହେଲେ ଅପରେଟରଙ୍କୁ ପାଉଣା ନ ମିଳିବାରୁ ପାଣି ବଣ୍ଟନ ଯୋଗାଣ ହୋଇଯାଇଥିବା ଅଭିଯୋଗ ହୋଇଛି । ଏମିତିକି ଗଲା ଦୁଇବର୍ଷରୁ ଅଧିକ ଦିନ ହେବ ଏହି ଗ୍ରାମରେ ଆଉ ପାଣି ବଣ୍ଟନ କରାଯାଉନାହିଁ । ଏନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପଦକ୍ଷେପ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନେଇ କବିସୂର୍ଯ୍ୟନଗର ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟାଳୟକୁ ବହୁଥର ଆମେ ଯାଇଥିଲେ ମଧ୍ୟ ଅଧିକାରୀଙ୍କୁ ଦେଖା ମିଳିନଥିଲା । ତଥାପି ଏହାର ସମାଧାନ ପାଇଁ ଫୋନ ମାଧ୍ୟମରେ ପ୍ରତିଶୃତି ଦେଇଛନ୍ତି ଅଧିକାରୀ ।

## ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କବିସୂର୍ଯ୍ୟନଗର,୨୦ ।୩(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି । ପୋଲସରା ବିଇଓ ତଥା ଶ୍ରୀମର୍ଦ୍ଦରାଜ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀହର୍ଷ ବାବୁ ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଡ଼. ରବୀନ ଚର୍ଚ୍ଚିଲ ମିଶ୍ର, ସ୍ୱତନ୍ତ୍ର ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୀମସେନ ସାମଲ, ମୁଖ୍ୟବକ୍ତା ଆସିକା ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଏବିଇଓ ମାଧବ ଚନ୍ଦ୍ର ମାଝୀ, ବିଆରସିସି ରବି ନାରାୟଣ ବେହେରା, ସିଆରସିସି ରବୀନ୍ଦ୍ର ବିଶ୍ୱାଳ, କାଉନସିଲର ଆଶା ବିବି, ପରିଚାଳନା ସଭାପତି ମାର୍କଣ୍ଡ ନାହାକ ମଞ୍ଚାସୀନ ଅତିଥି ଥିଲେ । ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୃଥ୍ୱୀରାଜ ବିଷୋୟୀ, ବିଜୟ ଚନ୍ଦ୍ର ନାୟକ, ରାମନାଥ ମାଝୀ ସମେତ ପୂର୍ଣ୍ଣଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ସ୍ୱାଇଁ, ସନ୍ତୋଷ ମାଝୀ, ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ ଅତିଥି ପରିଚୟ ଓ ସ୍କୁଲ ବିବରଣୀ ପାଠ କରିଥିଲେ । ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ବିଜୟଶ୍ରୀ ପାଣିଗ୍ରାହୀ । ସହଯୋଗ କରିଥିଲେ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମା’ ଦୁର୍ଗାଦେବୀଙ୍କ ପୀଠରେ ବାସନ୍ତୀକ ନବରାତ୍ର ପୂଜା

ଗଞ୍ଜାମ,୨୦ ।୩(ସମିସ): ଗଞ୍ଜାମ ସହର ସ୍ଥିତ ଦୁର୍ଗା ଦେବୀ ସାହିରେ ଅବସ୍ଥିତ ମା ଦୁର୍ଗା ଦେବୀଙ୍କ ଶକ୍ତି ପୀଠରେ ଚଳିତବର୍ଷ ପ୍ରଥମଥର ପାଇଁ ବାସନ୍ତୀକ ନବରାତ୍ର ପୂଜା ଆରମ୍ଭ ହୋଇଛି । ସାହିବାସିନ୍ଦା ବାଦ୍ୟ ବାଜଣା ସହକାରେ ଶୋଭାଯାତ୍ରାରେ ଯାଇ ବେଲ ଗଛକୁ ପାରମ୍ପରିକ ନୀତିନିୟମ ଅନୁସାରେ



ପୂଜାର୍ଚ୍ଚନା କରାଯାଇ ସେଠାରୁ ଖଣ୍ଡା ଆସିବା ପରେ ସାନ୍ଧ୍ୟ ଆଳତୀ ପରେ ବିଧି ଅନୁସାରେ ନବରାତ୍ର ପୂଜା ଆରମ୍ଭ ହୋଇଥିଲା । ପ୍ରତେକ ଦିନ ମା ଙ୍କ ପାଖରେ ସନ୍ଧ୍ୟା ଆଳତୀ, ବାହ୍ୟ କୁମ୍ଭ ପୂଜା, ଚଣ୍ଡି ପାଠ, ହୋମ, ମହାପୂଜା ସହିତ ମାଙ୍କ ପ୍ରତେହ ଅଭିନବ ରୂପ ଦର୍ଶନ କାର୍ଯ୍ୟକ୍ରମ ରହିଛି । ସୁନ୍ଦର ସାଜସଜା ଓ ଆଲୋକ ମାଳା ଆହୁରି ଅଧିକ ଲୋକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ।

# ସୌର ଶକ୍ତିକୁ ଆପଣାଇଲା ଗଞ୍ଜାମ ଜିଲ୍ଲାର ମାଟିଖାଲ ଗାଁ

ବ୍ରହ୍ମପୁର,୨୦ ।୩(ସମିସ)

ଭାରତର ସ୍ୱଚ୍ଛ ଶକ୍ତିକୁ ଆପଣାଇବା ଦିଗରେ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ମାଟିଖାଲ ଗାଁ ଏ ଦିଗରେ ଆଉ ପାଦେ ଆଗକୁ ବଢ଼ିଛି । ଏଥିସହିତ ସୌର ଶକ୍ତି କ୍ଷେତ୍ରରେ ଏକ ମଡେଲ ଭାବରେ ଉଭା ହୋଇଛି । ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନାର ୟୁଏଲ୍‌ଏ ମଡେଲ ଅଧୀନରେ ସମ୍ପୂର୍ଣ୍ଣ ଗାଁ ସୌର ଶକ୍ତି ଦ୍ୱାରା ପରିଚାଳିତ ହେଉଛି । ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍‌ଓଡିଏଲ୍) ତରଫରୁ ଏହା କାର୍ଯ୍ୟକାରୀ ହୋଇଛି । ଏଥିସହିତ ଦେଶର ସ୍ଥାୟୀ ବିକାଶ ଦିଗରେ ବିକେନ୍ଦ୍ରୀକରଣ ଅକ୍ଷୟ ଶକ୍ତି କିଭଳି ଗ୍ରାମୀଣ ଜୀବନ ଓ ଜୀବିକାରେ ପରିବର୍ତ୍ତନ ଆଣିପାରେ ତାହା ଦର୍ଶାଇଛି ।

ଛତ୍ରପୁର ବ୍ଲକ ଅଧୀନ କଣମଣା ପଞ୍ଚାୟତର ଏହି ମାଟଖାଲ ଗାଁର ପ୍ରାୟ ୨୦୦ଯୋଗ୍ୟ ପରିବାର ରୁଫଟପ୍ ସୋଲାର ସଂଯୋଗ ପାଇଛନ୍ତି । ଯୋଜନା ଅଧୀନରେ ପ୍ରତି ପରିବାରକୁ



୧କିଲୋୱାଟ କ୍ଷମତାର ସୋଲାର ସିଷ୍ଟମ ଯୋଗାଇ ଦିଆଯାଇଛି । ଯାହା ସେମାନଙ୍କୁ କେବଳ ବିଜୁଳି ଉପଭୋକ୍ତା ନୁହେଁ ବରଂ ବିଜୁଳି ଉତ୍ପାଦକାରୀ ଭାବେ ସକ୍ଷମ କରାଇବ ।

ଏଥିସହିତ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ମାସିକ ବିଦ୍ୟୁତ ଖର୍ଚ୍ଚ ହ୍ରାସ କରିବା ଦିଗରେ ଏହା ବିଶେଷ ଭାବରେ ସହାୟକ ହେବ । ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନାର ୟୁଏଲ୍‌ଏ ମଡେଲ ଅଧୀନରେ ଜଣେ ଉପଭୋକ୍ତାଙ୍କୁ ମାତ୍ର ୫,୬୨୨ଟଙ୍କା ପୈଠ କରିବାକୁ ପଡ଼ିଥାଏ । ଯେଉଁଥିରେ ସୌର ପ୍ୟାନେଲ ସାଙ୍ଗକୁ ସୋଲାର ମିଟର ଅନ୍ତର୍ଭୁକ୍ତ ।

ଏହି ଯୋଜନା ଅଧୀନରେ ମାଟିଖାଲ ଗାଁର ସମସ୍ତ ଯୋଗ୍ୟ ଉପଭୋକ୍ତାଙ୍କୁ ନେଇ ଏବେ ଏହା ସମ୍ପୂର୍ଣ୍ଣ ରୂପେ ସୌର ଶକ୍ତି ଦ୍ୱାରା ପରିଚାଳିତ ହେଉଛି । ଏହି ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଆବଶ୍ୟକୀୟ ସମସ୍ତ ଆର୍ଥିକ ସହାୟତା ପ୍ରଦାନ କରିଛି । ଏହି ପ୍ରକଳ୍ପକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଉଦଘାଟନ କରିଛନ୍ତି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ, ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ‘ରାହି’ ଜିଲ୍ଲା କେନ୍ଦ୍ରର ଶୁଭାରମ୍ଭ କଲେ ଜିଲ୍ଲାପାଳ



ରଙ୍ଗେଇଲୁଣ୍ଡା,୨୦।୩(ସମିସ): ୧୬ ନଂ. ତଥା ତତଡ଼ାପଲ୍ଲୀ ଜାତୀୟ ରାଜପଥ କଡ଼ରେ ରାହି ଜିଲ୍ଲା କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଜିଲ୍ଲାର ଅଗ୍ରଣୀ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଏକ ଶାଖାର ଶୁଭାରମ୍ଭ କରାଯାଇଛି । ଏଠାରେ ସମସ୍ତ ଟ୍ରକ ଡ୍ରାଇଭରଙ୍କ ମାଗଣା ଚକ୍ଷୁ ଚିକିତ୍ସା ସହ ସେମାନଙ୍କୁ ମାଗଣା ଚଷମା ପ୍ରଦାନର ବ୍ୟବସ୍ଥା କରାଯାଇଛି । ରାସ୍ତାରେ ଗାଡ଼ି ଚଳାଇବାକୁ ବିପଦମୁକ୍ତ କରିବାରେ ଡ୍ରାଇଭରଙ୍କ ଭୂମିକା ଅଧିକ ରହିଥିବାରୁ ସେମାନଙ୍କୁ ଏପରି ସୁଯୋଗ ବିଭିନ୍ନ ରାଜ୍ୟରେ ପ୍ରଦାନ କରାଯାଉଛି । ଓଡ଼ିଶାରେ ପ୍ରଥମ ଶାଖା ଭାବରେ ଆଜି ଏହାର ଶୁଭାରମ୍ଭ କରାଯାଇଛି । ଏଥି ସହ ସ୍ଥାନୀୟ ଅଞ୍ଚଳବାସୀ କମ୍ ମୂଲ୍ୟରେ ଏଠାରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ ଚିକିତ୍ସା କରାଇ ପାରିବେ । ସଭା ଶେଷରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ପିଆରଓ ତଥା ଲିଗାଲ ଉପଦେଷ୍ଟା ବି. ଶ୍ରୀନିବାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ସିଇଓ କର୍ଣ୍ଣଲ ଡ. ଆଶୀଷ କୁମାର ଝା, ପରିଚାଳନା ନିର୍ଦ୍ଦେଶିକା ଡ. ସ୍ମିତା କ୍ରିଷ୍ଣମୂର୍ତ୍ତି, ପରିଚାଳକ ଏସ୍. ଆନନ୍ଦରମଣ, ସାଇଟ୍ ସେଭର ଇଣ୍ଡିଆର ଶୁଭମ ଚକ୍ରବର୍ତ୍ତୀ, ଚୋଲା ଟିମ୍‌ର ସହାୟକ ଶାଖା ପରିଚାଳକ ଚିତ୍ତରଞ୍ଜନ ରଥ, ଆଶୋକ ଲେଲାଣ୍ଡର ଡେପୁଟି ମ୍ୟାନେଜର ସାଦ୍ଦିକ ହୁସେନ ସାୟଦ, ଗଞ୍ଜାମ ଜିଲ୍ଲା ଟ୍ରକ ମାଲିକ ସଂଘ ସଭାପତି ପ୍ରମୋଦ ଜେନା, ଉପସଭାପତି କାଳୀ ଚନ୍ଦ୍ର ସ୍ୱାଇଁ ରହିଥିଲେ ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୭୪ ● ପାଉଣ୍ଡ ୧୨୪.୫୨
- ୟୁରୋ ୧୦୭.୩୬ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୬,୫୫୦ (ଭୁବନେଶ୍ୱର)
- ରୁପା : ୨,୪୪,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୫୩୨.୦୦
- ନିଫ୍ଟି ୨୩,୧୧୪.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ: ଭାରତ ପ୍ରତି ୪ ଦିଗରୁ ବିପଦ

## ଶକ୍ତି, ପରିବହନ, ଟଙ୍କା ପ୍ରେରଣ ଓ ବିଦେଶ ଫେରନ୍ତା ଶ୍ରମିକଙ୍କୁ ନେଇ ଚିନ୍ତା

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ଇରାନ ଏବଂ ଆମେରିକା ମଧ୍ୟରେ ବଢ଼ୁଥିବା ଉତ୍ତେଜନାର ପ୍ରଭାବ ଏବେ ଏସୀୟ ଦେଶଗୁଡ଼ିକ ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଅଧିକାଂଶ ଏସୀୟ ଦେଶ ତେଲ ଏବଂ ଗ୍ୟାସ ପାଇଁ ପଶ୍ଚିମ ଏସିଆ ଉପରେ ନିର୍ଭର କରିଥାନ୍ତି, ତେଣୁ ଯୋଗାଣରେ କୌଣସି ବାଧା ଯୋଗୁଁ ମୂଲ୍ୟ ବୃଦ୍ଧି ପାଇଛି। ଏହା ସିଧାସଳଖ ଏହି ଦେଶଗୁଡ଼ିକର ଖର୍ଚ୍ଚ, ବାଣିଜ୍ୟ ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛି। ଅପରପକ୍ଷେ ମଧ୍ୟ ପ୍ରାଚ୍ୟରେ ଅସ୍ଥିରତା ଯୋଗୁ ଭାରତ ଏବେ ବିଶେଷ ଭାବେ ପ୍ରଭାବିତ ହେବାକୁ ଯାଉଛି। କାରଣ ଏଥିରେ ଭାରତ ପ୍ରତି ୪ ଦିଗରୁ ବିପଦ ସୃଷ୍ଟି ହୋଇଛି। ହେ ବିପଦଗୁଡ଼ିକ ହେଉଛି, ଶକ୍ତି, ପରିବହନ, ପଶ୍ଚିମ ଏସିଆରୁ ଟଙ୍କା ପ୍ରେରଣ ଓ ବିଦେଶ ଫେରନ୍ତା ଶ୍ରମିକଙ୍କୁ ନେଇ ଚିନ୍ତା।

ବର୍ଦ୍ଧିତ ଶକ୍ତି ମୂଲ୍ୟ କେବଳ ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟନ୍ତ ସୀମିତ ନୁହେଁ। ତାହାର ପ୍ରଭାବ ପରିବହନ, ବିଦ୍ୟୁତ୍, କୃଷି ଏବଂ ଖାଦ୍ୟ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପିଥାଏ। ଗ୍ୟାସ୍ ଅଭାବ ସାର ଉତ୍ପାଦନକୁ ପ୍ରଭାବିତ କରୁଥିବାବେଳେ ଚାଷକୁ ଅଧିକ ମହଙ୍ଗା କରିଥାଏ ଏବଂ ଖାଦ୍ୟ ମୂଲ୍ୟ ବୃଦ୍ଧି କରିଥାଏ। ଫଳସ୍ୱରୂପ, ତୈଳ ମୂଲ୍ୟ ବୃଦ୍ଧି ସିଧାସଳଖ ସାଧାରଣ ଲୋକଙ୍କ ପକେଟ୍ ଉପରେ ପ୍ରଭାବ ପକାଇଥାଏ। ନାଟିକ୍ସିସ୍ ରିପୋର୍ଟ ଅନୁଯାୟୀ, ପରିସ୍ଥିତି ଏତେ ଗମ୍ଭୀର ହୋଇପାରେ ଯେ ଅନେକ ଦେଶ ସ୍ଥିରତା, ଅର୍ଥାତ୍ ଏକକାଳୀନ ଧୀର ଅଭିବୃଦ୍ଧି ଏବଂ ଉଚ୍ଚ ମୁଦ୍ରାସ୍ଫୀତି ଜନିତ ସମସ୍ୟାର ସମ୍ମୁଖୀନ ହେବେ। ରିପୋର୍ଟ ଅନୁଯାୟୀ, ଥାଇଲ୍ୟାଣ୍ଡ, ଦକ୍ଷିଣ କୋରିଆ, ତାଇୱାନ ଏବଂ ଫିଲିପାଇନ୍ସ ଭଳି ଦେଶ ସବୁଠାରୁ ଦୁର୍ବଳ। ଏହି ଦେଶଗୁଡ଼ିକ ପ୍ରମୁଖ ଶକ୍ତି ଆମଦାନୀକାରୀ ଏବଂ ମୂଲ୍ୟରେ ଯେକୌଣସି ବୃଦ୍ଧି ସେମାନଙ୍କର ଆର୍ଥିକ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିପାରେ। ଭାରତ ମଧ୍ୟ ଏହି

**ତେଲ ଏବଂ ଗ୍ୟାସ ସଙ୍କଟ ସହ ଯୁଝିବେ ଏସୀୟ ଦେଶ**

ସଙ୍କଟରୁ ମୁକ୍ତ ନୁହେଁ। ଭାରତକୁ ପଶ୍ଚିମ ଏସିଆରେ କାର୍ଯ୍ୟରତ ଏହାର ଶ୍ରମିକମାନେ ଯଥେଷ୍ଟ ପରିମାଣର ଅର୍ଥ ଦେଶକୁ ପ୍ରେରଣ କରିଥାନ୍ତି। ବର୍ତ୍ତମାନ ସେଠାରୁ ବହୁ ସଂଖ୍ୟାରେ ଶ୍ରମିକ ଦେଶକୁ ଫେରିଆସୁଛନ୍ତି। ଏହାଫଳରେ ସେଠାରୁ ଶ୍ରମିକଙ୍କ ଅର୍ଥ ପ୍ରେଣ ହ୍ରାସ ଘଟିବ। ଏହା ଭାରତର ଚଳନ୍ତି ଖାତା ନିଅଣ୍ଟ ଏବଂ ଘରୋଇ ଖର୍ଚ୍ଚକୁ ପ୍ରଭାବିତ କରିବ। ଏହି ସଙ୍କଟର ପ୍ରଭାବ ଗୋଟିଏ ନୁହେଁ ବରଂ ଚାରୋଟି ପ୍ରମୁଖ ଚ୍ୟାନେଲ ମାଧ୍ୟମରେ ଏସିଆରେ ପହଞ୍ଚିଛି। ପ୍ରଥମ, ତୈଳ ଏବଂ ଗ୍ୟାସ ଆମଦାନୀ ମହଙ୍ଗା ହେଉଛି। ଦ୍ୱିତୀୟ, ପରିବହନ ଏବଂ ବିମାନ ଯାତ୍ରା ବାଧାପ୍ରାପ୍ତ ହେଉଛି, ଯାହା ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଭାବିତ କରୁଛି। ତୃତୀୟ, ପଶ୍ଚିମ ଏସିଆରୁ ଦେଶକୁ ଟଙ୍କା ପ୍ରେରଣ ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଚତୁର୍ଥ, ଆର୍ଥିକ ବଜାରରେ ଭୟ ବୃଦ୍ଧି ପାଉଛି, ଯାହା ନିବେଶକୁ ହ୍ରାସ କରିପାରେ। ଏହି ଚାରୋଟିର ମିଳିତ ପ୍ରଭାବ ଅର୍ଥନୀତି ଉପରେ ଗୁରୁତର ହୋଇପାରେ। ଭାରତ ସାର ଏବଂ




ଘରୋଇ ଆବଶ୍ୟକତାକୁ ସୁରକ୍ଷିତ କରିବା ପାଇଁ ଗ୍ୟାସ ଯୋଗାଣକୁ ପ୍ରାଥମିକତା ଦେଇଛି। ଚୀନ ଇନ୍ଧନ ରପ୍ତାନିକୁ ସୀମିତ କରି ଘରୋଇ ଯୋଗାଣକୁ ସୁରକ୍ଷିତ ରଖିଛି। ମାଲେସିଆ ଏବଂ ଇଣ୍ଡୋନେସିଆ ମଧ୍ୟ ସବସିଡି ମାଧ୍ୟମରେ ମୂଲ୍ୟ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସତ୍ୟ ହେଉଛି ଏହି ସଂଘର୍ଷ ଯେତେ ଲମ୍ବା ହେବ, ସରକାରୀ ଖର୍ଚ୍ଚ ସେତେ ବୃଦ୍ଧି ପାଇବ।

ମଧ୍ୟପ୍ରାଚ୍ୟ ସଙ୍କଟ କେବଳ ଶକ୍ତି ପର୍ଯ୍ୟନ୍ତ ସୀମିତ ନୁହେଁ। ବାଧାପ୍ରାପ୍ତ ଗ୍ୟାସ ଯୋଗାଣ ସାର ଉତ୍ପାଦନକୁ ପ୍ରଭାବିତ କରୁଛି। ଏହା ସିଧାସଳଖ କୃଷି ଏବଂ ଖାଦ୍ୟ ଉତ୍ପାଦନକୁ ପ୍ରଭାବିତ କରିବ। ଫିଲିପାଇନ୍ସ ଭଳି ଦେଶ ଯେଉଁମାନେ ପୂର୍ବରୁ ଖାଦ୍ୟ ଏବଂ ଶକ୍ତି ଉଭୟର ଆମଦାନୀକାରୀ, ସବୁଠାରୁ ଅଧିକ ପ୍ରଭାବିତ ହେବେ। ଏହି ସମୟରେ, ଭାରତ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ଯେଉଁମାନେ ଖାଦ୍ୟ ରପ୍ତାନି କରନ୍ତି, ସେମାନେ ମଧ୍ୟ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଜନିତ ସମସ୍ୟାର ସମ୍ମୁଖୀନ ହେବେ। ବର୍ଦ୍ଧିତ ଜେଟ୍ ଇନ୍ଧନ ମୂଲ୍ୟ ବିମାନ ଯାତ୍ରାକୁ ମହଙ୍ଗା କରିଛି। ଅନେକ ବିମାନ କମ୍ପାନୀ ବିମାନ ଉଡାଣ ହ୍ରାସ କରିଛନ୍ତି। ଯଦି ଏହି ପରିସ୍ଥିତି ଜାରି ରହେ, ତେବେ ପର୍ଯ୍ୟଟନ-ନିର୍ଭରଶୀଳ ଅର୍ଥନୀତି ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରେ। ଏହା ଥାଇଲ୍ୟାଣ୍ଡ, ଭିଏତନାମ ଏବଂ ମାଲେସିଆ ଭଳି ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ। ଅପରପକ୍ଷେ ବିଭିନ୍ନ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏବେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ସୁଧ ହାର କମାଇବା ପରିବର୍ତ୍ତେ ସୁଧ ହାର ବୃଦ୍ଧି କରିବାକୁ ବିଚାର କରିପାରନ୍ତି। ଏହା ଅଭିବୃଦ୍ଧିକୁ ଆହୁରି ଚାପଗ୍ରସ୍ତ କରିବ। ସାମଗ୍ରିକ ଭାବରେ ଏହି ସଙ୍କଟ ଏସିଆ ପାଇଁ ଏକ ଦ୍ୱିଗୁଣିତ ଆଘାତ ଭାବରେ ଉଭା ହେଉଛି। ଗୋଟିଏ ପଟେ ମହଙ୍ଗା ଶକ୍ତି ଏବଂ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଅନ୍ୟ ପଟେ ଆର୍ଥିକ ଅଭିବୃଦ୍ଧି ମନ୍ଥର ହେବା।

## ନୂଆ ରେକର୍ଡ ନିମ୍ନ ସ୍ତରକୁ ଖସିଲା ଟଙ୍କା

# ଡଲାର ତୁଳନାରେ ୯୪ ସ୍ତର ନିକଟତର




**ମୁମ୍ବଇ, ୨୦।୩(ଏଜେନ୍ସି):** କ୍ରମଶଃ ଇରାନ୍ ଯୁଦ୍ଧ ବଢ଼ୁଥିବାବେଳେ ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ଶୁକ୍ରବାର ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ବୃହତ୍ ହ୍ରାସ ଘଟି ଏହା ପ୍ରତି ଡଲାର ୯୪ ଟଙ୍କାର ରେକର୍ଡ ନିମ୍ନ ସ୍ତର ନିକଟତର ହେବାରେ ଲାଗିଛି। ମାତ୍ର ଗୋଟିଏ ଦିନର କାରବାରରେ ଟଙ୍କା ମୂଲ୍ୟରେ ୧ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି, ଯାହା ବିଗତ ୪ ବର୍ଷରେ ଦିନକରେ ହୋଇଥିବା ସବୁଠାରୁ ବୃହତ୍ ହ୍ରାସ ବୋଲି କୁହାଯାଉଛି। ମଧ୍ୟପ୍ରାଚ୍ୟ ଅସ୍ଥିରତାରେ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦରରେ ରେକର୍ଡ ବୃଦ୍ଧି ଏବଂ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ନିକଟରେ ଆମେରିକୀୟ ଡଲାର ଚାହିଦା ବଢ଼ିବା ପରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟରେ ବୃହତ୍ ହ୍ରାସ ହୋଇଛି। ଏହାଛଡା ବିଦେଶୀ ନିବେଶକଙ୍କ ଦ୍ୱାରା ବଜାରରୁ ନିରନ୍ତର ପାଣ୍ଠି ପ୍ରତ୍ୟାହାର ଯୋଗୁଁ ଟଙ୍କା ଚାପଗ୍ରସ୍ତ ହୋଇଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଆଜି ଟଙ୍କା ରେକର୍ଡ ୯୩.୭୪ ସ୍ତରରେ ବନ୍ଦ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ଆର୍ଥିକବର୍ଷରେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଫଳରେ ଚଳିତବର୍ଷ ଟଙ୍କା ମୂଲ୍ୟରେ ୪% ଏବଂ ୨୦୨୬-୨୭ ଆର୍ଥିକବଷର୍ଷରେ ୮.୮% ହ୍ରାସ ଘଟିଛି। ୨୦୧୪ ଆର୍ଥିକବର୍ଷଠାରୁ ଟଙ୍କା ମୂଲ୍ୟରେ ୯.୩୭ ପ୍ରତିଶତ ହ୍ରାସ ଘଟିଛି। କେବଳ ମାର୍ଚ୍ଚ ମାସରେ ଏଥିରେ ୨.୯୨ ପ୍ରତିଶତ ହ୍ରାସ ଘଟିଛି।

# କୋଡ଼ିଙ୍ଗାମାଳିରେ ଅଙ୍ଗାରକାମ୍ଳ ନିର୍ଗମନକୁ ଅଧା ହ୍ରାସ କରିଛି ବେଦାନ୍ତ ଆଲୁମିନିୟମ

**ଭୁବନେଶ୍ୱର, ୨୦।୩ (ସମିସ):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏହାର କୋଡ଼ିଙ୍ଗାମାଳି ବକ୍ସାଇଟ୍ ଖଣିରେ ବୈଦ୍ୟୁତିକ ଯାନ (ଇ.ଭି.) ଲୋଡର ନିୟୋଜିତ କରି ଡି-କାର୍ବୋନାଇଜେସନ୍ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ଲୋଡିଂକାର୍ଯ୍ୟକଳାପରୁ ୫୦% ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିପାରିଛି। ୨୦୫୦ ମସିହା ସୁଦ୍ଧା ମୋଟ-ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଦିଗରେ କମ୍ପାନୀରଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହି ପରିବର୍ତ୍ତନ ଦ୍ୱାରା ଅଧା ଲୋଡିଂ ବ୍ୟବସ୍ଥା ଡିଜେଲରୁ ବିଦ୍ୟୁତକୁ ସ୍ଥାନାନ୍ତରିତ ହୋଇଛି। ସିଙ୍ଗାରାମ ସାଇଡିଂରେ ପୂର୍ବରୁ ଛଅଟି ଡିଜେଲ ଲୋଡର ଉପରେ ନିର୍ଭର କରିବାକୁ ପଡୁଥିଲା। ନୂତନ ୩.୩ ଡିଜେଲ ରୁ ଇ.ଭି ବ୍ୟବସ୍ଥା ସହିତ,ଅଙ୍ଗାରକାମ୍ଳ ନିର୍ଗମନ ଘଣ୍ଟା ପ୍ରତି ୧୨୦ କିଲୋଗ୍ରାମ ହ୍ରାସ ପାଇଛି, ଯାହା ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଖନନରେ ଯଥେଷ୍ଟ ଯୋଗଦାନ ଦେଇଛି। ଏହି ପରିବର୍ତ୍ତନ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ହ୍ରାସ, ଉଚ୍ଚ ଶକ୍ତି ଦକ୍ଷତା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ହ୍ରାସ ସହିତ ପରିବେଶଗତ ଲାଭ ମଧ୍ୟ ଆଣିଦେଇଛି। ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହି ସଫଳତା ଉପରେ ମନ୍ତବ୍ୟ ଦେଇ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ବୈଦ୍ୟୁତିକ ଯାନକୁ ଶକ୍ତିର ଏକ ସ୍ଥାୟୀ ଏବଂ ଅକ୍ଷୟଶକ୍ତି ଉତ୍ସ ଭାବରେ ଦେଖୁଛୁ ଯାହା ଆମର ପରିଚାଳନା ଏବଂ ଆମ ଧରିତ୍ରୀର ଭବିଷ୍ୟତକୁ ଶକ୍ତି ପ୍ରଦାନ କରେ। କୋଡିଙ୍ଗାମାଳିରେ ଇ.ଭି. ଲୋଡରରେ ଆମର ନିବେଶ ଦର୍ଶାଉଛି ଯେ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା କିପରି ଦୀର୍ଘକାଳୀନ ନମନୀୟତା ସୃଷ୍ଟି କରିବା ସହିତ ତୁରନ୍ତ ନିର୍ଗମନ ହ୍ରାସ ପ୍ରଦାନ କରେ।




# ଇନ୍ଧନ ପରେ ଏବେ ଖାଦ୍ୟ ସଙ୍କଟ !

## ବିଶ୍ୱକୁ ଅନାହାର ଆଡକୁ ଠେଲିଦେଉଛି ଇରାନ୍ ଯୁଦ୍ଧ

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଏବଂ ହରମୁଜ ପ୍ରଣାଳୀରେ ପରିବହନ ବାଧା ଯୋଗୁଁ ବିଶ୍ୱ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ପାଇଥିବାବେଳେ ସାର ଯୋଗାଣରେ ବାଧା ବିଶ୍ୱ ଖାଦ୍ୟ ଉତ୍ପାଦନକୁ ପ୍ରଭାବିତ କରିପାରେ। ଏହା ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି। ଇରାନର ଆଇଆର୍‌ଜିସି କମାଣ୍ଡର-ଇନ୍-ଚିଫ୍ ବରିଷ୍ଠ ପରାମର୍ଶଦାତା ଇବ୍ରାହିମ୍ ଜାବାରୀ ହରମୁଜ ପ୍ରଣାଳୀ ବନ୍ଦ ଘୋଷଣା କରିବା ପରେ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପ୍ରତି ୧୦୦ ଡଲାର ଉପରକୁ ଯାଇଛି।



ଏଥିଯୋଗୁ ବିଶ୍ୱସ୍ତରରେ ୟୁରିଆ ଏବଂ ଅନ୍ୟାନ୍ୟ ସାରର ଯୋଗାଣ ଏବେ ବାଧାପ୍ରାପ୍ତ ହୋଇଛି। ପରିସଂଖ୍ୟାନ ଅନୁଯାୟୀ, ବିଶ୍ୱର ମୋଟ ୟୁରିଆ ବାଣିଜ୍ୟର ପ୍ରାୟ ଅଧା ଏହି ଅଞ୍ଚଳରୁ ହରମୁଜ ପ୍ରଣାଳୀ ଦେଇ ରପ୍ତାନି କରାଯାଇଥାଏ। ଗ୍ୟାସ ଯୋଗାଣ ଏବଂ ପରିବହନରେ ବାଧା ଉପସାଗରୀୟ ଅଞ୍ଚଳ ଏବଂ ଅନ୍ୟାନ୍ୟ ସ୍ଥାନରେ ଅନେକ ସାର କାରଖାନାକୁ ଉତ୍ପାଦନ ହ୍ରାସ କିମ୍ବା ବନ୍ଦ କରିବାକୁ ବାଧ କରିଛି। କାତାର ଏନର୍ଜି ବିଶ୍ୱର ସର୍ବବୃହତ ୟୁରିଆ ପ୍ଲାଣ୍ଟରେ ଉତ୍ପାଦନ ବନ୍ଦ କରିଦେଇଛି। ଏହା ଭାରତ ଏବଂ ବିଶ୍ୱର ଅନ୍ୟାନ୍ୟ ଦେଶରେ ତିନୋଟି ୟୁରିଆ ପ୍ଲାଣ୍ଟରେ ଉତ୍ପାଦନ ହ୍ରାସ କରିଛି। ଏହି ସଙ୍କଟ ଏପରି ସମୟରେ ଆସିଛି ଯେତେବେଳେ କେତେକ ଅଞ୍ଚଳରେ ଫସଲ ବୁଣାବୁଣି ଋତୁ ଆରମ୍ଭ ହୋଇଛି। ଏସୀୟ ଦେଶଗୁଡ଼ିକ ଉପସାଗରୀୟ କ୍ଷେତ୍ରରୁ ସାର ଉପରେ ଅତ୍ୟଧିକ ନିର୍ଭରଶୀଳ। ଉପସାଗର ଏସିଆକୁ ୩୫% ୟୁରିଆ, ୫୩% ସଲଫର ଏବଂ ୬୪% ଆମୋନିଆ ରପ୍ତାନି କରିଥାଏ। ଭାରତ, ବ୍ରାଜିଲ ଏବଂ ଚୀନ୍ ଭଳି ପ୍ରମୁଖ କୃଷି ଉତ୍ପାଦକମାନେ ବିଶେଷ ଭାବରେ ଏହି ଯୋଗାଣ ଉପରେ ନିର୍ଭରଶୀଳ ଏବଂ ପ୍ରଭାବିତ ହେବେ।

# ସାଭିଓର ଫାର୍ମା ବିତରଣ ବ୍ୟବସାୟ ଅଧିଗ୍ରହଣ କଲା କିୟୋରବେ


**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ହାଇବ୍ରିଡ ସ୍ୱାସ୍ଥ୍ୟସେବା କମ୍ପାନୀ କିୟୋରବେ ସାଭିଓ ହେଲ୍‌ଥଟେକ୍‌ର ଫାର୍ମାସୀ ବିତରଣକାରୀ ବ୍ୟବସାୟକୁ ଅଧିଗ୍ରହଣ କରିଛି। କିୟୋରବେ ପଛରେ ବର୍ଟେଲସ୍‌ମାନ୍ ଇଣ୍ଡିଆ ଇନ୍‌ଭେଷ୍ଟମେଠକ୍ଷଗ୍ସ୍;ସ୍, ଏଲିଭର ଇକ୍ୱିଟି ଏବଂବ୍ରିଟିଶ ଇଠକ୍ଷଗ୍ସ୍;ରନ୍ୟାସନାଲ ଇନଭେଷ୍ଟମେଠକ୍ଷଗ୍ସ୍; (ବିଆଇଆଇ)ର ସମର୍ଥନ ରହିଛି। ସାଭିଓର ଫାର୍ମାସୀ ବିତରଣ ବ୍ୟବସାୟ ଏକ ପ୍ରଯୁକ୍ତି ସମର୍ଥିତ ବି୨ବି ଫାର୍ମା ବିତରଣକାରୀ କମ୍ପାନୀ, ଯାହା ସମଗ୍ର କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁରେ ୧୦ହଜାରରୁ ଅଧିକ ରିଟେଲ ଫାର୍ମାସୀଙ୍କୁ ସେବା ଯୋଗାଉଛି ଏବଂ ବେଙ୍ଗାଲୁରୁ ଓ ହାଇଦରାବାଦରେ ଏହାର କାର୍ଯ୍ୟକ୍ଷମ ପ୍ରମୁଖ ସ୍ଥଳଗୁଡ଼ିକ ରହିଛି। ଏହି ଅଧିଗ୍ରହଣ କିୟୋରବେ ମଧ୍ୟକୁ ଫିଜିକାଲ ହବ୍‌ସମୂହ, ସାମଗ୍ରୀ ସଂଗ୍ରହକାରୀ ସାମର୍ଥ୍ୟ, ଡିଜିଟାଲ ଅର୍ଡର ଉପସ୍ଥାପନ ବ୍ୟବସ୍ଥା ଏବଂ ଏକ ଅଭିଜ୍ଞ ବିତରଣକାରୀ ଟିମ୍ ସମେତ ଏକ କାର୍ଯ୍ୟକ୍ଷମ ଫାର୍ମା ବିତରଣ ନେଟୱର୍କ ଆଣିଛି। କିୟୋରବେ ସମ୍ପ୍ରତି ୧୫ହଜାରରୁ ଅଧିକ ଗ୍ରାମରେ ୧୦ ଲକ୍ଷରୁ ଅଧିକ ରୋଗୀଙ୍କୁ ୧୯୦ରୁ ଅଧିକ ଇକ୍ଲିନିକ୍ ଜରିଆରେ ସେବା ଯୋଗାଇ ଦେଉଛି। କମ୍ପାନୀର ସମ୍ପ୍ରସାରଣ ଆର୍ଥିକ ଦୃଷ୍ଟିରୁ ଶୃଙ୍ଖଳିତ କ୍ଲଷ୍ଟର-ଭିତ୍ତିକ ମଡେଲ ଉପରେ କେନ୍ଦ୍ରୀଭୂତ, ଯେଉଁଥିରେ ଓଡ଼ିଶା ଓ ପଡୋଶୀ ବଜାରଗୁଡିକରେ ଦୁଇଟି ଲାଭଜନକ ମଣ୍ଡଳ ରହିଛି।

# ଆଇସିଏସ୍‌ଆଇ ପକ୍ଷରୁ ଗ୍ଲୋବାଲ୍ ଗଭର୍ଣ୍ଣାନ୍ସ ପୁରସ୍କାର

**ଭୁବନେଶ୍ୱର,୨୦।୩(ସମିସ):** ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ପକ୍ଷରୁ ଗ୍ଲୋବାଲ୍ ଗଭର୍ଣ୍ଣାନ୍ସ ପୁରସ୍କାର ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇଠେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେକର୍ପୋରେଟ୍ ସେକ୍ରେଟାରିଜ୍ ଅନ୍ତର୍ଜାତୀୟ ସଂଘ( ସିଏସ୍‌ଆଇଏ)ର ୧୨ ସଦସ୍ୟ ଦେଶରେ ଦାୟିତ୍ୱପୂର୍ଣ୍ଣ ଶାସନର ଅଗ୍ରଦୂତମାନଙ୍କୁ ସମ୍ମାନିତ କରାଯାଇଥିଲା, ଯେଉଁମାନେ ନିୟାମକ ଜଟିଳତା, ଇଏସ୍‌ଜି ଉତ୍ତରଦାୟିତ୍ୱ ଏବଂ ଡିଜିଟାଲ୍ ପରିବର୍ତ୍ତନ ଦ୍ୱାରା ପରିଭାଷିତ ଯୁଗରେ ଶାସନର ଭବିଷ୍ୟତକୁ ସକ୍ରିୟ ଭାବରେ ଆକାର ଦେଉଥିବା ବ୍ୟକ୍ତି ଏବଂ କର୍ପୋରେଟ୍‌ଗୁଡିକୁ ଅନୁପାଳନ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଆଇସିଏସ୍‌ଆଇର ସଭାପତି ସିଏସ୍ ପବନ ଜି ଚାନ୍ଦକ କହିଛନ୍ତି, ଆଜି ଦୁଇଟି ଗ୍ଲୋବାଲ୍ ଗଭର୍ଣ୍ଣାନ୍ସ ପ୍ରତିଷ୍ଠାନ ଧାର୍ମିକତା ପାଳନ କରିବା ଏବଂ ଏକ ଉନ୍ନତ ବିଶ୍ୱ ସୃଷ୍ଟି କରିବାର ଆଶାବାଦକୁ ପ୍ରଶଂସା କରିବା ପାଇଁ ଏକାଠି ହୋଇଛୁ। ଏହା ଆମ ସାମୁହିକ ସଂକଳ୍ପର ପ୍ରମାଣ ଯେ ସାଧୁତାକୁ କାର୍ଯ୍ୟରେ ପରିଣତ କରିବା ଏବଂ ସ୍ୱଚ୍ଛତାକୁ ଏକ ବିଶ୍ୱ ମାନଦଣ୍ଡରେ ପରିଣତ କରିବା। କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବାରେ ଆଇସିଏସ୍‌ଆଇର ସଭାପତି ଫୁନମି ଏକୁଣ୍ଡାୟୋ କହିଛନ୍ତି।


# ଏଚ୍‌ଡିଏଫ୍‌ସି ଏଏମ୍‌ସିର ସିଏସ୍‌ଆର୍ କାର୍ଯ୍ୟକ୍ରମ

**ବୃନ୍ଦାବନ, ୨୦।୩:** ସିଏସ୍‌ଆର୍ ପଦକ୍ଷେପର ଅଂଶ ସ୍ୱରୂପ ଉତ୍ତର ଭାରତରେ ରୋଗୀଙ୍କ ପାଇଁ ଉନ୍ନତ କର୍କଟ ଚିକିତ୍ସାର ସୁବିଧାକୁ ସୁଦୃଢ଼ କରିବା ପାଇଁ ଏଚ୍‌ଡିଏଫ୍‌ସି ଏଏମ୍‌ସି ବୃନ୍ଦାବନର ରାମକୃଷ୍ଣ ଚାରିଟେବଲ୍ ହସ୍ପିଟାଲରେ ନୂତନ ଅଙ୍କୋଲୋଜି ବ୍ଲକ୍‌ରେ ଏକ ରେଡିଓଥେରାପି ୟୁନିଟ୍ ପ୍ରତିଷ୍ଠାକୁ ସହାୟତା ଦେଇଛି। ଏହି ନୂତନ ଅଙ୍କୋଲୋଜି ବ୍ଲକ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଛନ୍ତି, ଯାହା ଉନ୍ନତ କର୍କଟ ଚିକିତ୍ସାର ସୁବିଧାକୁ ବିସ୍ତାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ପଦକ୍ଷେପ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ନବନୀତ ମୁନୋଟ୍ କହିଛନ୍ତି ଯେ , ଭାରତରେ ଅନ୍ତର୍ଭୁକ୍ତୀମୂଳକ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ଏକ ମୌଳିକ ଆବଶ୍ୟକତା। ବୃନ୍ଦାବନର ରାମକୃଷ୍ଣ ଚାରିଟେବଲ୍ ହସ୍ପିଟାଲରେ ଉନ୍ନତ ରେଡିଓଥେରାପି ଭିତ୍ତିଭୂମି ସୃଷ୍ଟିକୁ ସମର୍ଥନ କରିବାକୁ ଆମେ ଗର୍ବିତ।




# ଓଡ଼ିଶାରେ ୧.୫୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡ଼ିଲା ଜିଓ

**ଭୁବନେଶ୍ୱର, ୨୦।୩(ସମିସ):** ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଜାନୁଆରୀ ମାସରେ ଓଡ଼ିଶାରେ ୧.୫୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୨୩୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଜିଓ ନେଟୱାର୍କରେ ଯୋଡି ହୋଇଛନ୍ତି। ଜାନୁଆରୀ ମାସରେ ଓଡ଼ିଶାରେ ଜିଓ ନେଟୱାର୍କରେ ଯୋଡି ହୋଇଥିବା ନୂତନ ଘରୋଇ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଦୁଇଗୁଣରୁ ଅଧିକ ରହିଥିବା ଜଣାପଡିଛି। ସମ୍ପ୍ରତି ଓଡ଼ିଶାରେ ୪୬%ରୁ ଅଧିକ ମୋବାଇଲ୍ ଉପଭୋକ୍ତା ବଜାର ଅଂଶ ଏବଂ ଘରୋଇ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ୬୦%ରୁ ଅଧିକ ଗ୍ରାହକ ବଜାର ଅଂଶ ସହିତ ଜିଓ ସର୍ବାଗ୍ରେ ରହିଛି। ଏଥିସହିତ ଓଡ଼ିଶାରେ ଜିଓ ସର୍ବାଧିକ ୧.୭୪ କୋଟିରୁ ଅଧିକ ମୋବାଇଲ୍ ଉପଭୋକ୍ତା, ୩.୬୪ ଲକ୍ଷ ଜିଓଫାଇବର ଉପଭୋକ୍ତା ଏବଂ ୩.୫୧ ଲକ୍ଷ ଜିଓଏୟାରଫାଇବର ଉପଭୋକ୍ତାଙ୍କ ସହିତ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି।




## ଓଡିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକଶନ ଇକ୍ୱିପମେଣ୍ଟ ଏକ୍ସପୋ

# 'ଖଣି କ୍ଷେତ୍ରରେ ମୂଲ୍ୟ ଯୋଗ ଉପରେ ଓଡିଶାର ଗୁରୁତ୍ୱ'

**ଭୁବନେଶ୍ୱର,୨୦।୩(ସମିସ) :** ସିଆଇଆଇ ଓଡିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକଶନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମସିଇ) ୨୦୨୬ର ୨ୟ ଦିନରେ, ଓଡିଶା ସରକାର ଖଣି ଓ ନିର୍ମାଣ କ୍ଷେତ୍ରରେ ମୂଲ୍ୟ ଯୋଗ ବୃଦ୍ଧି କରିବା ଓ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୃଢ଼ନିଶ୍ଚିତ କରିଛନ୍ତି। ସିଆଇଆଇ ଓଏମସିଇ ୨୦୨୬ରେ ଶିଳ୍ପ ହିତାଧିକାରୀଙ୍କୁ ସମ୍ବୋଧିତ କରି ଓଡିଶା ସରକାରଙ୍କ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କେବଳ ଖଣିଜ ପଦାର୍ଥ ଉତୋଳନରୁ ଡାଉନଷ୍ଟ୍ରିମ ଶିଳ୍ପ ଓ ମୂଲ୍ୟ- ଯୋଗକାରୀ ପ୍ରକ୍ରିୟାଗୁଡ଼ିକୁ ସୁଦୃଢ଼ କରିବା ପର୍ଯ୍ୟନ୍ତ ରାଜ୍ୟର ରଣନୈତିକ ପରିବର୍ତନକୁ ମହତ୍ୱ ଦେଇଛନ୍ତି। ଓଡିଶା କେବଳ ଖଣିଜ ପଦାର୍ଥ ଉତୋଳନ ଉପରେ ଗୁରୁତ୍ୱ ଦେଉନାହିଁ ବରଂ ଖଣି କ୍ଷେତ୍ରରେ ମୂଲ୍ୟ ଯୋଗ ଉପରେ ମଧ୍ୟ ଧ୍ୟାନ ଦେଉଛି। ଆମେ ମଧ୍ୟ ପୃଥିବୀର ବିରଳ କ୍ଷେତ୍ରଗୁଡିକରେ ସ୍ଥିର ପ୍ରଗତି ହାସଲ କରୁଛୁ, ଯାହା ଭବିଷ୍ୟତର ଶିଳ୍ପ ଅଭିବୃଦ୍ଧି ପାଇଁ ଅନେକ ସମ୍ଭାବନା ଧାରଣ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ଆୟୋଜିତ ଏହି ତିନି ଦିନିଆ ଏକ୍ସପୋ ଓଏମସିଇ ୨୦୨୬ ଗତ ମାର୍ଚ୍ଚ ୧୯ ତାରିଖରେ ଉଦ୍‌ଘାଟିତ ହୋଇଛି।



# ୩୦୦ ଅବୈଧ ବେଟିଂ ଆପ୍ ଓ ୱେବ୍‌ସାଇଟ୍ ବ୍ଲକ୍

**ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି):** ବେଆଇନ ଅନଲାଇନ୍ ଜୁଆ ଏବଂ ବେଟିଂ ପ୍ଲାଟର୍ମଗୁଡ଼ିକ ବିରୁଦ୍ଧରେ ଶୁକ୍ରବାର କେନ୍ଦ୍ର ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୩୦୦ ବେଟିଂ ୱେବସାଇଟ୍ ଏବଂ ଆପ୍ ବ୍ଲକ୍ କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୮,୪୦୦ ବେଟିଂ ପ୍ଲାଟଫର୍ମକୁ ବ୍ଲକ କରାଯାଇ ସାରିଲାଣି। ଏଥିମଧ୍ୟରୁ, ଅନଲାଇନ୍ ଗେମିଂ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ପ୍ରାୟ ୪,୯୦୦ ୱେବସାଇଟକୁ ବ୍ଲକ୍ କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ଯେଉଁ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେଗୁଡ଼ିକ ମୁଖ୍ୟତଃ ଅବୈଧ ଅନଲାଇନ୍ ବେଟିଂ ଏବଂ ଜୁଆ ଖେଳ ସହ ଜଡ଼ିତ ଥିଲେ। ଏମାନଙ୍କ ପାଇଁ ବଡ଼ ଧରଣର ଅବୈଧ କାରବାର ଏବଂ ଜୁଆକୁ ପ୍ରୋତ୍ସାହନ ମିଳୁଥିଲା। ଏସବୁ ରୋକିବା ପାଇଁ, ଆଇଟି ଆଇନ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନ ଅନୁଯାୟୀ ନିରନ୍ତର ତଦାରଖ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି

**ବନ୍ଦ ହେଲାଣି ୮୪୦୦ ପ୍ଲାଟ୍‌ଫର୍ମ**

ସରକାର କହିଛନ୍ତି। ଅନ୍‌ଲାଇନ୍ ଗେମିଂ ଆଇନ ପ୍ରଣୟନ ପରେ, ଏପରି ପ୍ଲାଟଫର୍ମଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ତୀବ୍ର ହୋଇଛି। ଡିଜିଟାଲ୍ ସ୍ଥାନକୁ ସୁରକ୍ଷିତ କରିବା ଏବଂ ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସରକାର କହିଛନ୍ତି।

ଭାରତରେ ଅନଲାଇନ୍ ଗେମିଂ ବଜାର ବର୍ତ୍ତମାନ ପ୍ରାୟ ୩୨,୦୦୦ କୋଟି ଟଙ୍କା (ପ୍ରାୟ ୩.୨ ବିଲିୟନ ଡଲାର) ମୂଲ୍ୟର। ଏହି ରାଜସ୍ୱର ୮୬% ରିୟଲ ମନ ଫର୍ମାଟରୁ ଆସିଥାଏ। ଏହା ୨୦୨୯ ସୁଦ୍ଧା ପ୍ରାୟ ୮୦,୦୦୦ କୋଟି ଟଙ୍କା (ପ୍ରାୟ ୮ ବିଲିୟନ ଡଲାର) ପହଞ୍ଚିବ ବୋଲି ଆଶା କରାଯାଉଥିଲା। ହେଲେ ଏବେ ଏମାନେ ରିୟଲ ମନି ଗେମ୍ ବନ୍ଦ କରିଦେଇଛନ୍ତି। ଡିଜିଟାଲ ଦୁନିଆକୁ ସୁରକ୍ଷିତ ରଖିବା ଓ ଲୋକଙ୍କୁ ଅର୍ଥହାନୀରୁ ସୁରକ୍ଷା ଦେବାକୁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଉଛନ୍ତି ବୋଲି କହୁଥିବା ବେଳେ ଏହି ଇଣ୍ଡଷ୍ଟ୍ରୀ ସହ ଜଡ଼ିତ ଲୋକଙ୍କର କିନ୍ତୁ ଭିନ୍ନ ଦାବି ରହିଛି। ଶିଳ୍ପ ସହ ଜଡ଼ିତ ସଦସ୍ୟମାନେ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ୨୦୦,୦୦୦ ଚାକିରି ବିପଦରେ ପଡ଼ିପାରେ। ସରକାର ବାର୍ଷିକ ପ୍ରାୟ ୨୦,୦୦୦ ଟଙ୍କା ଟିକସ ମଧ୍ୟ ହରାଇପାରନ୍ତି।

# ପ୍ଲାଟଫର୍ମ ଫି' ବଢ଼ାଇଲା ଜୋମାଟୋ

**ନୂଆଦିଲ୍ଲୀ,୨୦।୩(ଏଜେନ୍ସି):** ପ୍ଲାଟଫର୍ମ ଫି ବଢ଼ାଇଛି ଫୁଡ୍ ଡେଲିଭରି ପ୍ଲାଟଫର୍ମ ଜୋମାଟୋ। ଆପ୍‌ରେ ଉପଲବ୍ଧ ବିବରଣୀ ଅନୁସାରେ, ପ୍ରତି ଅର୍ଡର ପାଇଁ ଏହା ୟୁଜରଙ୍କଠାରୁ ନେଉଥିବା ପ୍ଲାଟଫର୍ମ ଫିକୁ ୨.୪୦ ଟଙ୍କାକୁ ବୃଦ୍ଧି କରିଛି। ପ୍ରି ଜିଏସ୍‌ଟି ଆଧାରରେ ପ୍ଲାଟଫର୍ମ ଫି ବର୍ତ୍ତମାନ ପ୍ରତି ଅର୍ଡର ପାଇଁ ୧୪.୯୦ ଟଙ୍କା ହୋଇଛି, ଯାହା ପୂର୍ବରୁ ୧୨.୫୦ ଟଙ୍କା ଥିଲା। ସେପ୍ଟେମ୍ବର ୨୦୨୫ରେ ଜମାଟୋ ଶେଷ ଥର ପାଇଁ ପ୍ଲାଟଫର୍ମ ଫି ବଢ଼ାଇଥିଲା। ଆଉ ଏବେ ୫ ମାସ ପରେ ଦ୍ୱିତୀୟ ଥର ପାଇ ଫି ବୃଦ୍ଧି କରିଛି। ଜମାଟୋରେ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ସ୍ୱିଗି ମଧ୍ୟ ଏହା ଠାରୁ ଅଧିକ ପ୍ଲାଟଫର୍ମ ଫି ନେଉଛି। ଟିକସ ମିଶାଇବା ପରେ ସ୍ୱିଗି ବର୍ତ୍ତମାନ ପ୍ରତି ଅର୍ଡର ପାଇଁ ୧୪.୯୯ ଟଙ୍କା ପ୍ଲାଟଫର୍ମ ଶୁଳ୍କ ନେଉଛି। ଯଦିଓ ଉଭୟ କମ୍ପାନୀ ପ୍ଲାଟଫର୍ମ ଫି ପାଇଁ ସମାନ ମୂଲ୍ୟ ଧାରା ଅନୁସରଣ କରନ୍ତି, ତେବେ ଜୋମାଟୋ ଠାରୁ ସ୍ୱିଗି ୯ ପଇସା ଅଧିକ ପ୍ଲାଟଫର୍ମ ଫି ନେଉଛି।

## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ସମୟର ସଦୁପଯୋଗ କରିବେ।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଭାଇ, ଭଉଣୀ ଆର୍ଥିକ ସହଯୋଗ ଆଶା କରିବେ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

**ସିଂହ:** ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ। ସମାଜସେବାରେ ସମୟ ଦେବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶିର୍ବାଦ ନେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ। ମନୋରଞ୍ଜନରେ ଆବଶ୍ୟକତାଠୁ ଅଧିକ ଖର୍ଚ୍ଚ କରିବେ।

## ଆଜିର ଇତିହାସ

- ୧୮୩୬- କଲିକତାରେ ନ୍ୟାସନାଲ ଲାଇବ୍ରେରୀ ଖୋଲିଲା।
- ୧୯୫୪- ପ୍ରଥମ ଫିଲ୍ମ ଫେୟାର୍ ପୁରସ୍କାରର ଆୟୋଜନ।
- ୧୯୭୭- ଦେଶରେ ଲାଗୁ ହୋଇଥିବା ଜରୁରିକାଳୀନ ପରିସ୍ଥିତିକୁ ଉଠାଇ ଦିଆଗଲା।
- ୧୯୯୦- ନାମ୍ବିଆ, ଦକ୍ଷିଣ ଆଫ୍ରିକା ଠାରୁ ସ୍ୱାଧୀନ ହେଲା।

## 'ରାମାୟଣ' ସୁଗ୍ରୀବ ଭୂମିକାରେ ସୁହେଲ



ଚଳିତବର୍ଷ ଯେଉଁ ଫିଲ୍ମଗୁଡ଼ିକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତନ୍ମଧ୍ୟରେ ରଣବୀର କପୁରଙ୍କ 'ରାମାୟଣ' ରହିଛି। ରଣବୀର ଏବେ 'ରାମାୟଣ ପାର୍ଟ ୨'ର ସୁଟିଂ ଆରମ୍ଭ କରିଛନ୍ତି। ଏହାସହ 'ରାମାୟଣ ପାର୍ଟ ୧'ର ଏଡିଟିଂ କାମ ମଧ୍ୟ ଚାଲିଛି। ଏହାକୁ ଚଳିତବର୍ଷ ଦୀପାବଳି ଅବସରରେ ରିଲିଜ୍ କରାଯିବ। ଏଥିରେ ରଣବୀର କପୁର ( ରାମଙ୍କ ଭୂମିକାରେ), ସାଇପଲ୍ଲବୀ (ସୀତା ଭୂମିକାରେ), ଯଶ୍ (ରାବଣ ଭୂମିକାରେ) ଓ ସନ୍ନି ଦେଓ୍ୱଲ (ହନୁମାନ ଭୂମିକାରେ) ନଜର ଆସିବେ। ନିତିଦିନ ଏଥିରେ ନୂଆ ନୂଆ କଳାକାରଙ୍କ ଏଣ୍ଟ୍ରି ହେଉଛି। ନିକଟରେ ଏଥିରେ 'ପଞ୍ଚାୟତ' ଫେମ୍ ଅଭିନେତା ଫୈଜଲ ମାଲିକ କୁମ୍ଭକର୍ଣ୍ଣ ଭୂମିକାରେ ଦେଖାଯିବେ ବୋଲି ଖବର ଆସିଥିଲା। ଏବେ ସୁହେଲ ନାୟାର ମଧ୍ୟ ଏଥିରେ ନଜର ଆସିବେ ବୋଲି ଜଣାପଡ଼ିଛି। ସୁହେଲ ଏଥିରେ ସୁଗ୍ରୀବ ଭୂମିକାରେ ଦେଖାଯିବେ। ଇତିମଧ୍ୟରେ ସେ ସୁଟିଂ ଆରମ୍ଭ କରିଥିବା କୁହାଯାଉଛି। ସୁହେଲ ୨୦୧୬ ମସିହାରେ 'ଉଡ଼ତା ପଞ୍ଜାବ' ଫିଲ୍ମରୁ ଡେବ୍ୟୁ କରିଥିଲେ। ଋଷି କପୁରଙ୍କ ଫିଲ୍ମ 'ଶର୍ମାଜୀ ନମ୍‌କିନ୍'ରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଏହାବାଦ୍ ସେ 'ଜୀ କରଦା', 'ମର୍ଡର ମୁବାରକ', 'ସାରେ ଜହାଁସେ ଅଚ୍ଛା', 'ସିଙ୍ଗଲ ପାପା' ଭଳି ଅନେକ ୱେବ୍‌ସିରିଜ୍‌ରେ କାମ କରିଛନ୍ତି। 'ରାମାୟଣ'କୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏହାର ବଜେଟ୍ ରହିଛି ୪୦୦୦ କୋଟି। ନମିତ ମଲହୋତ୍ରା ଓ ଯଶ୍ ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି। ନୀତେଶ ତିୱାରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ଅନ୍ତର୍ଜାତୀୟ ବନ ଦିବସ



ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖକୁ ଅନ୍ତର୍ଜାତୀୟ ବନ ଦିବସ ରୂପେ ପାଳନ କରାଯାଏ। ଜଙ୍ଗଲର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ। ପ୍ରକୃତି ଏବଂ ପ୍ରାଣୀ ଜଗତ ମଧ୍ୟରେ ସମ୍ପର୍କ ଅତି ନିବିଡ଼। ଜଙ୍ଗଲ ଦ୍ୱାରା ପରିବେଶ ସୁରକ୍ଷା ସହିତ ଜଳବାୟୁ ଏବଂ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ତଥା ବିଭିନ୍ନ ଗ୍ୟାସ୍‌ର ଉପଲବ୍ଧ ପରିମାଣ ମଧ୍ୟରେ ସମନ୍ୱୟ ସୃଷ୍ଟି ହୋଇଥାଏ। ତେଣୁ ଜଙ୍ଗଲର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୧ରେ ଜଙ୍ଗଲ ଦିବସ ପାଳନ ହୋଇଥାଏ। ୨୦୧୩ ମାର୍ଚ୍ଚ ୨୧ଠାରୁ ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜଙ୍ଗଲ ରହିଲେ ଉଦ୍ଭିଦ ଏବଂ ପ୍ରାଣୀଜଗତର ବିକାଶ ସମ୍ଭବ ହୋଇପାରିଥାଏ। ଜଳବାୟୁ ପରିବର୍ତ୍ତନରେ ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବିଶ୍ୱର କାର୍ବନ ନିର୍ଗମନ ପରିମାଣରେ ୧୨ରୁ ୧୮ ପ୍ରତିଶତ ବୃଦ୍ଧି ପାଇଥାଏ। ଜଙ୍ଗଲ ବହୁ ଲୋକଙ୍କ ଜୀବନ ଜୀବିକା ମଧ୍ୟ ପାଳଟିଥାଏ। ଏହା ପରିବେଶର ସୁରକ୍ଷା କରିବା ସହିତ ଆର୍ଥିକ, ସାମାଜିକ, ଔଦ୍ୟୋଗିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ବିଭିନ୍ନ ପଶୁ ପକ୍ଷୀଙ୍କର ବାସସ୍ଥଳ ହୋଇଥିବାବେଳେ, ମନୁଷ୍ୟ ଉପଯୋଗୀ ବିଭିନ୍ନ ସାମଗ୍ରୀ ଯଥା ଜାଳେଣି, ଝୁଣା, କାଠ ଇତ୍ୟାଦି ମଧ୍ୟ ଜଙ୍ଗଲରୁ ମିଳିଥାଏ। ବାୟୁମଣ୍ଡଳରେ ବିଭିନ୍ନ ଗ୍ୟାସ୍‌ର ପରିମାଣ ସନ୍ତୁଳନ ରଖିବାରେ ଜଙ୍ଗଲ ବହୁ ପ୍ରଭାବ ପକାଇଥାଏ। ହେଲେ ଉଦ୍‌ବେଗର ବିଷୟ ଯେ, ଏବେ ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡ଼ି ଭଳି ଅନେକ ଉତ୍କଟ ସମସ୍ୟା ମୁଣ୍ଡ ଟେକୁଛି। ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଧ୍ୱଂସ ପାଉଛି। ଜୈବ ବିବିଧତା ଉପରେ ଏହା ଗଭୀର ପ୍ରଭାବ ପକାଉଛି। ଏହାକୁ ଦୃଷ୍ଟିରେ ରଖିଲେ ମଣିଷ ପାଇଁ ଏବେ ସବୁଠୁ ବଡ଼ ଦାୟିତ୍ୱ ହେଉଛି ଜଙ୍ଗଲର ସୁରକ୍ଷା। ଏଥିପାଇଁ ଜଙ୍ଗଲ କ୍ଷୟକୁ ରୋକିବା ସହ ବ୍ୟାପକ ବନୀକରଣର ଆବଶ୍ୟକତା ରହିଛି। ୨୦୧୨ ନଭେମ୍ବର ୨୮ ରେ ଜାତିସଂଘରେ ଏହି ଦିବସ ପାଳନ ବାବଦରେ ଘୋଷଣା କରାଯାଇଥିଲା। ଆଉ ସେବେଠୁ ଏହା ପାଳିତ ହୋଇଆସୁଛି। ଏହି ଅବସରରେ ଜଙ୍ଗଲର ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଏ। ତା'ସହ ଜୀବନରେ ଜଙ୍ଗଲର ମହତ୍ତ୍ୱକୁ ବୁଝାଇବା ଲାଗି ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ତଥା ସଚେତନତା ଅଭିଯାନର ଆୟୋଜନ କରାଯାଏ। ଜଙ୍ଗଲ ଦିବସ ଅବସରରେ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବୃକ୍ଷରୋପଣ ଭଳି ଜଙ୍ଗଲ ସମ୍ପର୍କିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଉତ୍ସାହିତ କରାଯାଇଥାଏ।

## ଚିକେନ ରାନ୍ଧିବା ପୂର୍ବରୁ ...



ସାଧାରଣତଃ ଚିକେନ ରାନ୍ଧିବା ପୂର୍ବରୁ ପାଣିରେ ପରିଷ୍କାର କରି ଧୁଆଯାଏ। ବିଶେଷଜ୍ଞଙ୍କ ମତରେ, ଏଭଳି କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। ଚିକେନ ଧୋଇବା ଦ୍ୱାରା ରୋଷେଇ ଘରେ ଜୀବାଣୁ ବ୍ୟାପିପାରେ। ଯଦ୍ୱାରା ଫୁଡ୍ ପଏଜନିଂର ଆଶଙ୍କା ବୃଦ୍ଧି ପାଏ। ଦିଲ୍ଲୀ ଧର୍ମଶିଳା ନାରାୟଣ ସୁପରସ୍ପେଶାଲିଟି ହସ୍‌ପିଟାଲର ବିଶେଷଜ୍ଞ ଏବଂ ସିନିୟର କନସଲଟାଣ୍ଟ ଡା. ନିରଜ ଗୋଏଲ କହିଛନ୍ତି, ଚିକେନକୁ ଧୋଇବା ଦ୍ୱାରା ସେଥିରୁ ଜୀବାଣୁ ନଷ୍ଟ ହୋଇ ନ ଥାଏ ବରଂ ଏହା ଚାରିଆଡ଼କୁ ବ୍ୟାପିବାର ଆଶଙ୍କା ବୃଦ୍ଧି ପାଏ। ତେଣୁ ବିଶେଷଜ୍ଞମାନେ ଚିକେନ ଧୋଇବାକୁ ମନା କରନ୍ତି। ସେହିପରି କଞ୍ଚା ଚିକେନରେ ସାଲମୋନେଲା, କ୍ୟାମ୍ପିଲୋବ୍ୟାକ୍ଟର ଭଳି ହାନିକାରକ ଜୀବାଣୁ ଥାନ୍ତି। ନଳ ତଥା ପାଇପ୍ ତଳେ ଚିକେନକୁ ଧୋଇବା ଦ୍ୱାରା ପାଣି ଛିଟିକା ସହିତ ଏହି ଜୀବାଣୁ ସିଙ୍କ, ରୋଷେଇ ସ୍ଲାବ୍, ବାସନ ଏବଂ ଆଖପାଖରେ ଥିବା ଅନ୍ୟ ଜିନିଷକୁ ବ୍ୟାପିପାରେ। ଏଭଳି ସ୍ଥିତିରେ ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତି କରିବା ଦ୍ୱାରା ବାନ୍ତି, ପେଟ ଯନ୍ତ୍ରଣା, ଫୁଡ୍ ପଏଜନିଂ ଭଳି ଅନ୍ୟାନ୍ୟ ସମସ୍ୟା ଜଣେ ସୁସ୍ଥ ବ୍ୟକ୍ତି ସାମ୍ନା କରିପାରନ୍ତି। ଏହି କାରଣ ଯୋଗୁଁ ଅନେକ ଇଣ୍ଟରନ୍ୟାସନାଲ ଫୁଡ୍ ସେଫ୍ଟି ଏଜେନ୍ସିଗୁଡ଼ିକ ଚିକେନ ନ ଧୋଇବା ପାଇଁ ପରାମର୍ଶ ଦେଇଥାନ୍ତି। ସେହିପରି ଚିକେନ ପରିଷ୍କାର ଓ ପ୍ୟାକ୍ ହୋଇଥିଲେ ଏହାକୁ ସିଧା ରୋଷେଇ କରିବା ଆବଶ୍ୟକ। ତେବେ ଯେଉଁମାନେ ଚିକେନ ରୋଷେଇ କରୁଛନ୍ତି, ସେମାନଙ୍କୁ ଏକଥା ବୁଝିବା ଦରକାର ଯେ, ଏଥିରେ ଥିବା ଜୀବାଣୁକୁ ନଷ୍ଟ କରିବା ପାଇଁ ଏହାକୁ ଠିକ୍‌ରେ ଧୋଇବା ଅପେକ୍ଷା ଭଲ ଭାବେ ରାନ୍ଧିବା ଦରକାର। ଅନ୍ୟପଟେ ଭାରତରେ ଚିକେନ କାଟିବା ସମୟରେ ସଫା ସୁତୁରା ଉପରେ ବିଶେଷ ଧ୍ୟାନ ଦିଆଯାଏ ନାହିଁ। ତେଣୁ ଏଠାରେ ଚିକେନକୁ ଧୋଇବା ଠିକ୍ ବୋଲି କୁହାଯାଏ। ସେହିପରି ଲୋକେ ବଜାରରୁ ଚିକେନ କିଣିକି ଆଣିବା ପରେ ସେଥିରେ ରକ୍ତ ଲାଗିଥିଲେ, ତା'କୁ ଧୋଇ ସଫା କରିବା ଜରୁରି। ଚିକେନ ଧୋଇବା ବେଳେ ପାଣି ଯେଉଁଭଳି କମ୍ ବାହାରକୁ ଛିଟିକିବ, ସେ ଉପରେ ଧ୍ୟାନ ଦେବା ଉଚିତ। ଚିକେନକୁ ଧୋଇବା ପରେ ସିଙ୍କ ସ୍ଥାନକୁ ଭଲ ଭାବେ ସଫା କରିବା ଦରକାର। ହାତକୁ ମଧ୍ୟ ସାବୁନ୍‌ରେ ଭଲ ଭାବେ ସଫା କରିବା ଉଚିତ। ଏହାବାଦ୍ ମାଂସ ଯେମିତି ଭିତରୁ କଞ୍ଚା ନ ଥିବ, ଚିକେନକୁ ଭଲ ଭାବେ ରାନ୍ଧିବା ଦରକାର।

## ପ୍ରହେଳିକା



- ଭାତ ହେଲା ପରେ ମିଶଇ ପାଣି
ପାଣିରୁ ତାହାକୁ ଖାଆନ୍ତି ଛାଣି
ପାଣିରେ ରୁହେ ସେ ଗୋଟାଏ ରାତି
ସକାଳୁ ଖାଇଲେ ଲାଗଇ ଶାନ୍ତି
ଓଡ଼ିଆଙ୍କ ପ୍ରିୟ ଖାଦ୍ୟଟି ସିଏ
ନାମଟି ତାହାର କହିବ କିଏ ?
ଉ-ବାସି ପଖାଳ

- ଗରମ ଭାତରୁ ପେଜ ନ ଗାଳି
ଥଣ୍ଡା ପାଣି ସେଥିରେ ଦିଅନ୍ତି ଢାଳି
ଲେମ୍ବୁ ଫାଳଟିଏ ଚିପୁଡ଼ି ଦେଲେ
ଆନନ୍ଦ ମନରେ ଖାଆନ୍ତି ପିଲେ
ସେହି ଖାଦ୍ୟଟିକୁ ଖାଇଛି ଯିଏ
ନାମଟି ତାହାର କହିବ ସିଏ ?
ଉ-ସଜ ପଖାଳ

- ପଖାଳ ଭାତରେ ମିଶଇ ଦହି
ଭାରି ଉପକାରୀ ଶରୀର ପାଇଁ
ପେଟକୁ ଆମର ଦିଅଇ ଶାନ୍ତି
ଶରୀରରୁ ଆମ ମାରଇ କ୍ଳାନ୍ତି
ଖରାଦିନେ ତା'ର ଚାହିଦା ବେଶି
ତାକୁ ଖାଇ ସବୁ ହୁଅନ୍ତି ଖୁସି
କିଏ ସେ କହିବ ନାମଟି ତା'ର
ଭାରି ସୁଆଦିଆ ସେହି ଆହାର ?
ଉ-ଦହି ପଖାଳ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର

## ପଖାଳ ଦିବସ



ନଳିନୀ ଦାଶ

ଆମ ରାଇଜର ଚାଲି ଚଳଣି ଓ
ସଂସ୍କୃତି ଲାଗେ ନିଆରା
ଓଡ଼ିଆମାନଙ୍କ ପଖାଳ ଦିବସ
ଏଇ ଆମ ପରମ୍ପରା ।
ପଖାଳ ଭାତଟି ପ୍ରିୟ ଖାଦ୍ୟ ଅଟେ
ଦେଇଥାଏ ଆତ୍ମତୃପ୍ତି
ଖରାବେଳେ ଦହି ମିଶାଇ ଖାଇଲେ
ଲାଗିଥାଏ ଭାରି ଶାନ୍ତି ।
ଲେମ୍ବୁ, ଟଭାପତ୍ର, ଆମ୍ବକଷି ଅଦା
ଭାତରେ ଚକଟି ଦେଇ
ଭୃସଙ୍ଗ ପତର ଜିରାଗୁଣ୍ଡ ସହ
ଦହିକି ଦିଅ ପକାଇ ।
ଶାଗ, ବଡ଼ିଚୁରା, ଟମାଟ କାକୁଡ଼ି
ମାଛଭଜା ସାଥେ ନେବ
ଭଜା, ଲୁଣ, ଲଙ୍କା, ଆଚାର ପଡ଼ିଲେ
ସ୍ୱାଦଟି ବଢ଼ାଇ ଦେବ ।
କୃଷକ ଶ୍ରମିକ ଭାଇମାନେ ଆମ
ଖାଆନ୍ତି ନିତି ପଖାଳ
ଖରା ଝାଞ୍ଜିଟାରେ କାମ କରିଥାନ୍ତି
ଦେହକୁ ଯୋଗାଏ ବଳ ।
କ୍ଳାନ୍ତି ହୁଏ ଦୂର ଶକ୍ତି ବଢ଼ାଏ ସେ
ଅର୍ଶ ରୋଗ ନିବାରକ
ପାକସ୍ଥଳୀ ସୁସ୍ଥ ରଖି କରିଥାଏ
ରକ୍ତଚାପ ସ୍ୱାଭାବିକ ।
ଅଂଶୁଘାତରୁ ତ ମୁକ୍ତି ମିଳିଥାଏ
ମିଳଇ ଜଳୀୟ ଅଂଶ
ପଖାଳରେ ଲୌହ କ୍ୟାଲସିୟମ୍
ସୋଡିୟମ୍ ରଖେ ସୁସ୍ଥ ।
ଜଗତରନାଥ ଦହି ପଖାଳକୁ
ଖରାରେ କରନ୍ତି ସେବନ
ଆମ ଓଡ଼ିଆଙ୍କ ପ୍ରାଣ ଅଟଇ ସେ
ସଭିଏଁ କର ପାଳନ । ■

ଭିକାରିପଡ଼ା, ଶରଣକୁଳ, ନୟାଗଡ଼

## ମଣିଷ ପରି ମୁଁ ମଣିଷ ହେବି



ବସନ୍ତ କୁମାର ପ୍ରଧାନ

ଫୁଲଟିଏ ହୋଇ ମୁହିଁ ଫୁଟିବି
ବାସନାରେ ଜନ ମନ ମୋହିବି
ସଭିଙ୍କୁ ମଣିବି ମୁଁ ଆପଣାର
ନୁହେଁ କେହି ଶତ୍ରୁ ନୁହେଁ କେ ପର ।
ଝରଣା ହେବି ମୁଁ ଝରଣା ହେବି
ମନ ଆନନ୍ଦରେ ଆଗେଇ ଯିବି ।
ବାଧା ବନ୍ଧନକୁ ନାହିଁ ମୋ ଡର
ଆଗେଇ ଚାଲିବି ସାଜି ମୁଁ ବୀର ।
ସଳିତା ହେବି ମୁଁ ସଳିତା ହେବି
ଅନ୍ଧାରେ ଆଲୋକ ଦେଖାଉ ଥିବି ।
ନିଜ ପାଇଁ ନିଜେ ଯିବି ମୁଁ ଜଳି
ଅନ୍ୟ ପାଇଁ ଜାଳୁଥିବି ଦୀପାଳି ।
କୋକିଳ ହେବି ମୁଁ କୋକିଳ ହେବି
ମଧୁର କଥାରେ ମନ ମୋହିବି ।
ବ୍ୟଥା ଦେବି ନାହିଁ ହୃଦୟେ କାର
ସଭିଙ୍କୁ ମଣିବି ମୁଁ ଆପଣାର ।
ମଣିଷ ପରି ମୁଁ ମଣିଷ ହେବି
ପର ଉପକାରେ ଜୀବନ ଦେବି ।
ହସି ହସାଇବି ସକଳ ଜନେ
ହିଂସାମିଥ୍ୟା ଛଳ ନ ରଖି ମନେ । ■

ହରିହରପୁର, ଛେଣ୍ଡିପଦା, ଅନୁଗୋଳ

## କୃଷକ



ଗୋପୀନାଥ ଦାଶ

ସକାଳୁ ସକାଳୁ ଉଠି ଥାଏ ମୁହିଁ
କ୍ଷେତ ଯାଏ ନେଇ ହଳ
ବିଲକୁ ଦେଖିଲେ ପୂରି ଯାଏ ପେଟ
ଶରୀରେ ଆସଇ ବଳ ।
ପ୍ରକୃତି ମୋହର ଶାନ୍ତ ସରଳ
ମନଟା ଥାଏ ନିର୍ମଳ
ଫସଲ ଅମଳ କରିବା ମୋ କାମ
ସର୍ବଦା ମୁଁ ଚଞ୍ଚଳ ।
ଆହାର ଯୋଗାଇ ଥାଏ ଯେ ସରବେ
ମୁହଁରେ ଫୁଟାଏ ହସ
ଦେଶ ପ୍ରଗତିରେ ବଢ଼ାଇ ଥାଏ ହାତ
ଗଢ଼ଇ ରାଷ୍ଟ୍ର ସରସ ।
ଖରା, ବର୍ଷା, ଶୀତ ଆଳସ୍ୟ ହୁଏନି
ଚାଷ କରେ ନିରନ୍ତର
କଷଣ କରି ମାଟି ଖୋଳି ଖୋଳି
କରେ ଫସଲ ବାରମ୍ବାର ।
ପରିବା, ଡାଲି, ଫଳ, ମୂଳ ଓ ଶସ୍ୟ
ଫଳାଏ ଯତନେ ଅତି
କୋଡ଼ି, ଗଇତି, ନଙ୍ଗଳ, ମଇ ଆଦି
ଅଟେ ମୋ ଚିର ସାଥି ।
ଲାଗିଥିବି ସଦା ଚାଷ କାମରେ
ଯୋଗାଉଥିବି ଆହାର
ଲୋକ ହିତ ପାଇଁ କରୁଥିବି କୃଷି
ଥିବା ଯାଏଁ ମୋ ଶରୀର । ■

ବଲାଙ୍ଗିର

## ସୁମନ


### କଦଳୀ ଗଛର ଅହଙ୍କାର



ଅଶୋକ କୁମାର ପ୍ରଧାନ

ବଗିଚାରେ ବହୁ ପ୍ରକାର ଗଛ। ଅମୃତଭଣ୍ଡା, କଦଳୀ, ନଡ଼ିଆ, ଡାଳିମ୍ବ ଗଛ ସାଙ୍ଗକୁ ଦୂବଘାସ ବି ଭରପୁର ଥିଲା। ଦୂବଘାସକୁ ଯେତେବେଳେ ଦେଖିବ ସେ ଯେମିତି କି ସେମିତି। ବର୍ଷ ଆରମ୍ଭରୁ ବର୍ଷ ଶେଷ ଯାଏଁ ତା'ର ସେଇ ଅବସ୍ଥା। ବଗିଚାରେ ଯେତେ ଗଛ ଅଛି ସବୁ ଗଛଗୁଡ଼ିକ ଭାରୀ ଅହଙ୍କାରୀ ସତେ ଯେମିତି ସେମାନଙ୍କ ଭିତରେ ଅହଙ୍କାରର ପ୍ରତିଯୋଗିତା ଲାଗିଛି। ସଭିଏଁ ମନକୁ ମନ ବଡ଼ ଭାବନ୍ତି। ବିଚରା ଦୂବଘାସକୁ କିଏ ଆଡ଼ ଆଖିରେ ଚାହାଁନ୍ତିନି। ସେମାନଙ୍କ ବିଚାରରେ ଏ ଦୂବଘାସର ମୂଲ୍ୟ ଯେମିତି ତୁଚ୍ଛ। ଦେଖେଇ ଶିଖେଇ ହୋଇ କେତେ କଥା କହନ୍ତି ଦୂବଘାସକୁ। ବିଚରା ଦୂବଘାସଟା ଭଗବାନ ଭରସାରେ ସେମିତି ମରିମରି ବଞ୍ଚିଥାଏ ସେଇ ବଗିଚା ଭିତରେ। ଦିନକର କଥା। ଉଦୁଉଦିଆ ଖରାବେଳ। ଖରା ଖାଇ ଦୂବର ଅବସ୍ଥା କହିଲେ ନ ସରେ। ଖରାର ଧାସରେ ଝାଉଁଳି ପଡ଼ିଛି ଗୋଟାପଣେ। ଏ ଖରାଦିନିଆ ଖରାଟା ଯେମିତି ଅକାଳରେ ତା ପ୍ରାଣ କାଢ଼ି ନେବାକୁ ପଣ କରିଛି। ଏକଦମ୍ ସଳିତା ପରି ହୋଇଗଲାଣି ତା ଅବସ୍ଥା। ଦୂବଘାସର ଏମିତି ଦୟନୀୟ ପରିସ୍ଥିତି ଦେଖି ଚକମକିଆ ହସଟି ଦେଇ କଦଳୀ ଗଛ କହିଲା, "ହଇଲୋ ଦୂବ! ଏମିତି ମୁହଁଟା ମାରି ଖାଲିଟାରେ ବସି ରହିଛୁ କି ପାଇଁ। ତୋ ମୁହଁ ଚାହିଁଲେ ତ ମୋର ଅଶୁଭ। ଦେଖେ ମୁଁ କେମିତି ଚକମକିଆ ଖରାରେ ହସି ଉଠୁଛି। ତୋ ମୁହଁକୁ ଟିକେ ଲାଜ ନାହିଁ ଯେ ଏମିତି ପଡ଼ି ରହିଛୁ।" କଦଳୀ ଗଛର କଥା ଶୁଣି ଦୂବଘାସ ମନ ଦୁଃଖ କରି କହିଲା, "ହଁ ଲୋ ଅପା ! କ'ଣ କରିବି। ମୋତେ ତ ଖରା ଭାରି ଡର ମାଡ଼େ। ଆଉ ତୋତେ କାହାକୁ ଡର ଲାଗେନି କିଲୋ?" ଦୂବଘାସର କଥା ଶୁଣି କଦଳୀ ଗଛ ଛାତି ଫୁଲେଇ କହିଲା, "ମୁଁ କିଆଁ କାହାକୁ ଡରିବି ବା। ମୁଁ କ'ଣ କାହାର ବାଡ଼ି ତଳେ ଘର କରି ରହିଛି ଯେ। ତୋ ପରି ଡରୁଆ ମୋ ଜାତକରେ ନାହିଁ।" ଦୂବ ଧୀର କଣ୍ଠରେ କହିଲା, "ଆଉ ତୁ ପବନକୁ ବି ଡରୁନୁ?" ଦୂବଘାସର କଥା ଶୁଣି କଦଳୀ ଗଛ ଛାତି ଫୁଲେଇ ପୁଣି କହିଲା, "କୋଉ ପବନ ଫବନ ମୋର କିଛି କରି ପାରିବନି। ତା'ର କଲି ମୋଡ଼ି ଦେଇ ପକେଇ ଦେବି ଯେ, ସେ ଗୋଟେ ଥର ବୁଦ୍ଧି ଶିଖିଯିବ। ସେ ପବନକୁ କିଏ ଡରୁଛି ଏ ଅତ୍ୟାଧୁନିକ ଯୁଗରେ।" କଦଳୀ ଗଛର ବାହାପିଆ କଥା ଶୁଣି ଦୂବଘାସ ନିରୂପାୟ। କିଛି ନ କହି ମନେ ମନେ ଭାବିଲା ତୋ କଥା ଭଗବାନ ବୁଝିବେ। ଏତେ ଗର୍ବ ଅହଙ୍କାର କି ପାଇଁ ଯେ। ଠିକ୍ ଏତିକିବେଳେ ହଠାତ୍ କୁଆଡ଼ୁ ଗୋଟେ କଳା ହାଣ୍ଡିଆ ମେଘ ଘୋଟି ଆସି ଆକାଶ ସାରା ଘୋଡ଼େଇ ହେଇଗଲା। ଉଦୁଉଦିଆ ଖରାବେଳଟା ଏକାଥରେ ରାତି ପରି ଅନ୍ଧାର ଦେଖାଗଲା। ଦୁମ ଦୁମ କରି ଅଜାଡ଼ି ଦେଇ ଗଲା ବର୍ଷା। ତା ସାଥିରେ ଏତେ ଜୋରରେ ପବନ ବହିଲା ଯେ, କଦଳୀ ଗଛ ଏକ ବାରେ ଚିତ୍ ପଟାଙ୍ଗ ହୋଇ ଭୂଇଁ ଉପରେ ଲୋଟି ଗଲା। ହେଲେ ଭୂଇଁକୁ ଲାଗିଲାନି। ଭୂଇଁ ଛୁଇଁବା ପୂର୍ବରୁ ଘାସ ତାର କଅଁଳ ଡେଣା ମେଲାଇ ତାର ସବୁଜ କଅଁଳିଆ ହାତରେ ଜାବୁଡ଼ି ଧରିଲା। କଦଳୀ ଗଛ ଆଉ ଯେତେ ଚେଷ୍ଟା କଲେ ବି ଉଠି ଠିଆ ହୋଇ ପାରିଲାନି। ସେମିତି ପଡ଼ି ରହିଥିଲା ଘାସର ବାହୁ ଉପରେ। ଏମିତି ଦି ଚାରି ଦିନ ପରେ କଦଳୀ ଗଛ ମନ ଦୁଃଖରେ କହିଲା, "କେତେ ବଡ଼ ବିପଦ ମୋ ଭାଗ୍ୟରେ ଥିଲା। ତୁ ଯଦି ତଳେ ନଥାନ୍ତୁ, ମୋ ଦେହ ସାରା କେତେ ଖଣ୍ଡିଆ ଖାବରା ହୋଇ ଯାଇଥାନ୍ତା।" ଦୂବଘାସ ବି ତାକୁ ସମବେଦନା ଜଣାଇ କହିଲା, "ନାହିଁ ଲୋ ଅପା, ବିପଦ ଏମିତି ଜୀବନରେ କେବେକେବେ ଆସେ। ହେଲେ ଆମେ ଏତିକି ମନେ ରଖିବା ଉଚିତ କେବେ ହେଲେ ଗର୍ବ କରିବା ଉଚିତ କଥା ନୁହେଁ। ଭଗବାନ ସବୁ ସହିବେ କିନ୍ତୁ ଗର୍ବ ସହିବେନି। ତୁ ମୋତେ କେତେ ହୀନ ଦେଖି କଥା ହେଉଥିଲୁ। ଆଜି ଯଦି ମୁଁ ନ ଥାନ୍ତି ତୋର କ'ଣ ହୋଇଥାନ୍ତା କହିଲୁ! ଆଲୋ ଅପା, ଦୁର୍ବଳ ବୋଲି କାହାକୁ ପରିହାସ କରିବା ଉଚିତ୍ ନୁହେଁ ଲୋ।" ଘାସର କଥା ଶୁଣି କଦଳୀ ଗଛର ଆଖିରେ ଲୁହ ଜକେଇ ଆସିଲା। ସେ କାନ୍ଦ କାନ୍ଦ ହୋଇ ଘାସକୁ ଜାବୁଡ଼ି ଧରି କହିଲା ସାଙ୍ଗ, "ମୋତେ କ୍ଷମା କରିଦେବୁ ଲୋ। ମୁଁ ମୋର ଭୁଲ୍ ବୁଝି ପାରିଛି। ଏଣିକି ଆଉ କେବେ ବି ଗର୍ବରେ କଥା କହିବିନି।" କଦଳୀ ଗଛର ପଶ୍ଚାତାପ ଶୁଣି ଦୂବଘାସ ହସି ଉଠିଲା। ■

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ



## କୁନି ଚିତ୍ରକର




ସାଇ ଅନ୍ୱେଷା ପାଣିଗ୍ରାହୀ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ମନ୍ଦିର
ନବରଙ୍ଗପୁର




ଆଦିତ୍ୟ ଦେବରୂପ ବେହେରା
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ତାଳଚେର
ଅନୁଗୋଳ




ସ୍ୱସ୍ତିକା ମହାପାତ୍ର
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ




ଦେବହୂତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

● ତାରକା ସନ୍ତରଣକାରୀ ପରାସ୍ତ

## ୧୩ ବର୍ଷରେ ସ୍ୱର୍ଣ୍ଣ ଜିତିଲେ ୟୁ ଜିଦି

ବେଜିଂ,୨୦।୩(ଏଜେନ୍ସି): ଚୀନ୍‌ର ବିସ୍ମୟ ବାଳିକା ୟୁ ଜିଦି ଏଠାରେ ଆଜି ଅନୁଷ୍ଠିତ ଚୀନ୍ ଓପନ ସନ୍ତରଣରେ ସ୍ୱର୍ଣ୍ଣପଦକ ଜିତି ଅନ୍ତର୍ଜାତୀୟ ସ୍ତରରେ ଆବିର୍ଭାବ ହୋଇଛନ୍ତି। ବିଶ୍ୱର ତାରକା ଖଜିତ ସନ୍ତରଣକାରୀଙ୍କୁ ପଛରେ ପକାଇ ୧୩ ବର୍ଷ ବୟସରେ ୟୁ ୨୦୦ ମିଟର ବଟରଫ୍ଲାଇରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୮ଥରର ଅଲିମ୍ପିକ୍ ପଦକ ବିଜେତା ଆମେରିକାର ରେଗାନ ସ୍ମିଥ୍‌ଙ୍କୁ ପଛରେ ପକାଇଦେଇଥିଲେ। ସ୍ମିଥ୍ ଏଠାରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। କାନାଡ଼ାର ସମର ମ୍ୟାକ୍‌ଇଣ୍ଟାସ୍ ତୃତୀୟସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ୟୁ'



୨ମିନିଟ୍ ୦୫.୭୧ ସେକେଣ୍ଡରେ ଅତିକ୍ରମ କରିଥିଲେ। ଉଦୀୟମାନଙ୍କ ୟୁ'ଙ୍କ କ୍ୟାରିୟରରେ ଏହା ପ୍ରଥମ ବଡ଼ ସଫଳତା। ଚୀନ୍‌ର ଦକ୍ଷିଣରେ ଅବସ୍ଥିତ ଶେନ୍‌ଝେନ୍ ସହରରେ ଚାଲିଥିବା ଏହି ସନ୍ତରଣ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଭାଗନେଇଛନ୍ତି। ଜାପାନ୍‌ରେ ହେବାକୁ ଥିବା ଏସିଆନ୍ ଗେମ୍ସକୁ ଟାର୍ଗେଟ କରିଥିବା ୟୁ' ଗତବର୍ଷ ମାତ୍ର ୧୨ ବର୍ଷ ବୟସରେ ସିଙ୍ଗାପୁରରେ ଅନୁଷ୍ଠିତ ବିଶ୍ୱ ସନ୍ତରଣ ପ୍ରତିଯୋଗିତାର ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ରୌପ୍ୟ ପଦକ ଜିତି ନଜରକୁ ଆସିଥିଲେ। ଏଠାରେ ସେ ଭାଗନେଇଥିବା ୩ଟି ବ୍ୟକ୍ତିଗତ ଇଭେଣ୍ଟରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ।

## ଓଡ଼ିଶା ଏଫ୍‌ସିର ପ୍ରଥମ ବିଜୟ

ଭୁବନେଶ୍ୱର, ୨୦।୩ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଶୁକ୍ରବାର ଗୌହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୪-୧ ଗୋଲରେ ଘରୋଇ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ପରାସ୍ତ କରିଥିଲା। ଓଡ଼ିଶା ଏଫ୍‌ସି ପକ୍ଷରୁ ରାହୁଲ କେପି ୨ଟି ଓ ଶୁଭମ ଭଟ୍ଟାଚାର୍ଯ୍ୟ ଗୋଟିଏ ଗୋଲ୍‌ସ୍କୋର କରିଥିଲେ। ଓଡ଼ିଶା ଏଫ୍‌ସି ୪ର୍ଥ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ଏବଂ ୨ଟି ଡ୍ର ସହ ୫ ପଏଣ୍ଟ ପାଇ ୮ମ ସ୍ଥାନକୁ ଉଠିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଏପ୍ରିଲ ୫ରେ ମୁମ୍ବାଇ ସିଟିକୁ ଭେଟିବ।

## ଫାଇନାଲରେ ଅଷ୍ଟକିଳା କ୍ଲବ୍

ଭୁବନେଶ୍ୱର,୨୦।୩(ସମିସ): ଅନୁଗୋଳ ପତାକାର ଅଷ୍ଟକିଳା କ୍ଲବ୍ ଦେବେନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଅଷ୍ଟକିଳା କ୍ଲବ୍ ୩-୧ ଗୋଲରେ କଟକର ମଙ୍ଗଳା କ୍ଲବ୍‌କୁ ହରାଇଥିଲା। ବିଜୟୀ ଦଳର ପ୍ରଦୀପ ବରୁଆ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଆସନ୍ତାକାଲି କଟକର ରାଧାରମଣ କ୍ଲବ୍ ଓ ଭୁବନେଶ୍ୱରର ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଅଷ୍ଟକିଳା କ୍ଲବ୍ ରବିବାର ଫାଇନାଲ ଲଢ଼େଇ କରିବ।

# ଆହତ ଖେଳାଳିଙ୍କୁ ନେଇ ଚିନ୍ତାରେ ଫ୍ରାଞ୍ଚାଇଜ୍

ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି)


ବିଶ୍ୱର ସବୁଠୁ ବ୍ୟୟବହୁଳ ଟି-୨୦ କ୍ରିକେଟ୍ ଲିଗ୍ ଆଇପିଏଲ୍‌ର ଊନବିଂଶ ସଂସ୍କରଣ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ସନରାଇଜର୍ସ ହାଇଦରାବାଦ ମଧ୍ୟରେ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଉଦ୍‌ଘାଟନୀ ଲଢ଼େଇ ଖେଳାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଗୋଟିଏ ସପ୍ତାହରୁ କମ୍ ସମୟ ବାକି ରହିଛି। ଏଭଳି ସମୟରେ ଅଧିକାଂଶ ଫ୍ରାଞ୍ଚାଇଜ ପାଇଁ





ଏବେ ଖେଳାଳିଙ୍କ ଆହତ ସମସ୍ୟା ଚିନ୍ତାର କାରଣ ପାଲଟିଛି। ପ୍ରାୟ ସମସ୍ତ ଫ୍ରାଞ୍ଚାଇଜରେ ଏକାଧିକ ଖେଳାଳି ଆହତଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଯେଉଁଥି ପାଇଁ କିଛି ଖେଳାଳି ପ୍ରାରମ୍ଭିକ ପର୍ଯ୍ୟାୟରେ ଓ ଅନ୍ୟ କେତେକ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅଂଶଗ୍ରହଣକାରୀ ୧୦ ଦଳର ଆହତ ହୋଇଥିବା ଖେଳାଳିଙ୍କ ଉପରେ ନଜର ପକାଇବା।


ନାଥନ୍ ଏଲିସ୍


ଏଶାନ୍ ମାଲିଙ୍ଗା


ହର୍ଷିତ ରାଣା


ସାମ୍ କରାନ

### ୧- ଚେନ୍ନାଇ ସୁପର କିଙ୍ଗ୍‌ସ (ଏଲିସ୍ ଓ ସର୍ଟ)

ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ)ର ଦୁଇ ଅଷ୍ଟ୍ରେଲୀୟ ଖେଳାଳି ନାଥନ ଏଲିସ୍ ଓ ମାଥ୍ୟୁ ସର୍ଟ ଆହତ ହୋଇଛନ୍ତି। ଦ୍ରୁତ ବୋଲର ଏଲିସଙ୍କ ମାଂସପେଶୀ ଟାଣି ହୋଇଯାଇଥିବାରୁ ସମ୍ପୂର୍ଣ୍ଣ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ସେହିଭଳି ଅଲ୍‌ରାଉଣ୍ଡର ସର୍ଟଙ୍କ ଆଙ୍ଗୁଠି ଭାଙ୍ଗିଯାଇଥିବାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଯେଉଁଥି ପାଇଁ ସେ ସିଏସକେ'ର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ କେତୋଟି ମ୍ୟାଚ୍ ଖେଳିପାରିବେନି ବୋଲି ଜଣାପଡ଼ିଛି।

### ୨- ମୁମ୍ବାଇ ଇଣ୍ଡିଆନ୍ସ (ଅଥର୍ବ ଆଙ୍କୋଲକର)

ମୁମ୍ବାଇ ଇଣ୍ଡିଆନ୍ସର ଯୁବ ବାମହାତୀ ଦ୍ରୁତ ବୋଲର ଅଥର୍ବ ଆଙ୍କୋଲକର ଆଣ୍ଠୁରେ ଆଘାତ ଲାଗିଛି। ଫଳରେ ଆଇପିଏଲରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ଗତ ଜାନୁଆରୀରେ ହାଇଦରାବାଦ୍ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳୁଥିବାବେଳେ ସେ ଆହତ ହୋଇଥିଲେ।

### ୩- ସନରାଇଜର୍ସ ହାଇଦରାବାଦ୍ (କମିନ୍ସ, ମାଲିଙ୍ଗା, ଏଡୱାର୍ଡ୍ସ)

ଏଥର ଆଇପିଏଲ୍‌ରେ ଆଘାତଜନିତ ସମସ୍ୟା ଲାଗି ଯଦି ସନରାଇଜର୍ସ ହାଇଦରାବାଦ ଦଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଦଳର ୩ଜଣ ବିଦେଶୀ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ, ଏସାନ ମାଲିଙ୍ଗା ଓ ଜ୍ୟାକ୍ ଏଡୱାର୍ଡ୍ସ ଆହତଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଅଷ୍ଟ୍ରେଲିଆର ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଏଡୱାର୍ଡ୍ସ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଉପଲବ୍ଧ ହେବେ ନାହିଁ। ସେହିଭଳି ଶ୍ରୀଲଙ୍କାର ମାଲିଙ୍ଗାଙ୍କ କହୁଣୀରେ ଫ୍ୟାକଚର ହୋଇଥିବାରୁ ସେ ଖେଳିବା ନେଇ ସନ୍ଦେହ ରହିଛି। ଅପରପକ୍ଷରେ ଅଷ୍ଟ୍ରେଲିଆର ଅଭିଜ୍ଞ ଦ୍ରୁତ ବୋଲର କମିନ୍ସ ପିଠି ଯନ୍ତ୍ରଣା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚରେ ଖେଳିବେ ନାହିଁ ବୋଲି ଜଣାପଡ଼ିଛି।

### ୪- ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଜୋଶ୍ ହାଜଲେଉଡ୍)

ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ ଦଳର ପ୍ରମୁଖ ବୋଲର ଜୋଶ୍ ହାଜଲେଉଡ୍ ମାଂସପେଶୀଜନିତ ସମସ୍ୟା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଗତ ନଭେମ୍ବରରୁ ସେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି।

### ୫- କୋଲକାତା ନାଇଟ୍ ରାଇଡର୍ସ (ହର୍ଷିତ ରାଣା)


କେକେଆର୍ ଫ୍ରାଞ୍ଚାଇଜର ଦୁଇଜଣ ଖେଳାଳି ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନେ ହେଲେ ଦୁଇ ଦ୍ରୁତ ବୋଲର ହର୍ଷିତ ରାଣା ଓ ମଥିଶା ପଥିରାଣା। ପଥିରାଣାଙ୍କ ଗୋଡ଼ର ମାଂସପେଶୀରେ ଆଘାତ ଲାଗିଛି। ଏହା ସତ୍ତ୍ୱେ ସେ ଆରମ୍ଭରୁ ଦଳରେ ଉପଲବ୍ଧ ରହିବେ ବୋଲି ଜଣାପଡ଼ିଛି। ହର୍ଷିତଙ୍କ ଗୋଇଠି ଅସ୍ତ୍ରୋପଚାର ହୋଇଥିବାରୁ ସମ୍ପୂର୍ଣ୍ଣ ସିଜନରୁ ବାଦ୍ ପଡ଼ିଛନ୍ତି।

ଏହାବାଦ୍ ଦିଲ୍ଲୀ କ୍ୟାପିଟାଲ୍ସ, ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍‌ସ ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ଜଣେ ଲେଖାଏ ଖେଳାଳି ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି। ଦିଲ୍ଲୀର ମିଚେଲ ଷ୍ଟାର୍କ ଅତ୍ୟଧିକ କାର୍ଯ୍ୟଭାର ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚ୍ ଖେଳିବେନି ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ସେହିଭଳି ଇଂଲିଶ ଅଲ୍‌ରାଉଣ୍ଡର ସାମ୍ କରାନଙ୍କ ଅଣ୍ଟାରେ ଆଘାତ ଲାଗିଥିବାରୁ ରାଜସ୍ଥାନ ପାଇଁ ସେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଉପଲବ୍ଧ ହୋଇପାରିବେ ନାହିଁ। ଲକ୍ଷ୍ନୌର ସିଂହଳୀ ଅଲ୍‌ରାଉଣ୍ଡର ୱାନିନ୍ଦୁ ହାସରଙ୍ଗା ମାଂସପେଶୀ ସମସ୍ୟା ଲାଗି ଆରମ୍ଭରୁ କିଛିଟି ମ୍ୟାଚ୍ ଉପଲବ୍ଧ ହେବେ ନାହିଁ। ଅପରପକ୍ଷରେ ପଞ୍ଜାବର ଲୋକି ଫର୍ଗୁସନ ନିକଟରେ ପିତୃତ୍ୱ ଲାଭ କରିଥିବାରୁ ସିଜନର ପ୍ରାରମ୍ଭିକ ପର୍ଯ୍ୟାୟର ମ୍ୟାଚଗୁଡ଼ିକ ମିସ୍ କରିବେ।

ଲକି ଫର୍ଗୁସନ, ଟମ୍ ଲାଥମଙ୍କ ପ୍ରଭାବୀ ପ୍ରଦର୍ଶନ

## ନ୍ୟୁଜିଲାଣ୍ଡ ୨-୧ରେ ସିରିଜ୍ ଆଗୁଆ

ଇଡେନ୍‌ପାର୍କ,ଅକ୍‌ଲାଣ୍ଡ,୨୦।୩(ଏଜେନ୍ସି): ଫାଷ୍ଟ ବୋଲର ଲକି ଫର୍ଗୁସନ(୧/୯)ଙ୍କ କଞ୍ଜୁସ ବୋଲିଂ ଓ ଓପନର ଟମ୍ ଲାଥମ (୫୫ବଲ୍‌ରେ ୬୩ରନ୍)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ପୁରୁଷ ଦଳ ୮ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୮୮ ରନ୍‌ରେ ବିଜୟୀ ହୋଇଥିଲା। ସିରିଜ୍‌ର ଚତୁର୍ଥ ମୁକାବିଲା ଆସନ୍ତା ରବିବାର ୱେଲିଂଟନର ସ୍କାଇ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚରେ ବୋଲିଂ ଓପନ କରି ୪ ଓଭର ସ୍ପେଲ୍‌ରେ ୯ ରନ୍ ଦେଇ ଗୋଟିଏ ୱିକେଟ ନେଇଥିବା ଫର୍ଗୁସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏଠାରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୯ ୱିକେଟରେ ୧୩୬ ରନ୍ କରିଥିଲା। ପୂରା ନୂଆ ବ୍ୟାଟରଙ୍କ ନେଇ ଖେଳୁଥିବା ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ପକ୍ଷରୁ ନଂ-୧୦ ବ୍ୟାଟର ୧୯ ବର୍ଷୀୟ ଫାଷ୍ଟ ବୋଲର ଏନ୍. ମୋକୱାନା ସର୍ବାଧିକ ୨୬ ରନ୍ କରି ଅପରାଜିତ ରହିଥିଲେ। ଜର୍ଜ ଲିଣ୍ଡେ ୨୩ ରନ୍ କରିଥିଲେ। ଘରୋଇ ଦଳର କାଏଲ ଜାମିସନ, ମିଚେଲ ସାଣ୍ଟନର ଓ ବେନ୍ ସିୟର୍ସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ୨୨ଟି ବଲ ଓ ୮ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଲାଥମ ୫୫ବଲ୍‌ରେ ୭ ଚୌକା ଓ ୨ଛକା ସହ ଅପରାଜିତ ୬୩ ଏବଂ ଏହି ସିରିଜ୍‌ରେ ଶେଷ ମ୍ୟାଚ୍ ଖେଳିଥିବା ଡେଭନ କନୱେ ୩୯ ରନ୍ କରିଥିଲେ। ଏମାନେ ପ୍ରଥମ ୱିକେଟରେ ୧୧ ଓଭରରୁ ୯୬ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିନେଇଥିଲେ।

### ନ୍ୟୁଜିଲାଣ୍ଡ ମହିଳା ଦଳ ମଧ୍ୟ ଆଗୁଆ

ଏଠାରେ ଆଜି ମଧ୍ୟ ଉଭୟ ଦେଶର ମହିଳା ଦଳ ମଧ୍ୟରେ ତୃତୀୟ ଟି-୨୦ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ନ୍ୟୁଜିଲାଣ୍ଡ ୬ ୱିକେଟରେ ବିଜୟୀ ହୋଇ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ଦଳ ପକ୍ଷରୁ ୨୧ ରନ୍‌ରେ ୨ଟି ୱିକେଟ ନେବା ଓ ୩୮ ବଲ୍‌ରୁ ୬ଚୌକା ଓ ୧ ଛକା ସହ ୫୫ ରନ୍‌ରେ ଅପରାଜିତ ରହିଥିବା ସୋଫି ଡିଭାଇନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟ ୧୪୯ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୮.୪ ଓଭରରେ ୪ ୱିକେଟ ହରାଇ ୧୫୨ ରନ୍ କରିବା ସହ ୬ ୱିକେଟରେ ମ୍ୟାଚ୍‌କୁ ଜିତିନେଇଥିଲା।

ବିସିସିଆଇ ନାମରେ ଗୁରୁତର ବର୍ଣ୍ଣଭେଦର ଅଭିଯୋଗ

## ଭାଷ୍ୟକାରରୁ ଅବସର ନେଲେ ଶିବରାମକ୍ରିଷ୍ଣନ



ଚେନ୍ନଇ, ୨୦।୩ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଲକ୍ଷ୍ମଣ ଶିବରାମକ୍ରିଷ୍ଣନ ଶୁକ୍ରବାର ହଠାତ୍ ବିସିସିଆଇ ଭାଷ୍ୟକାର ପ୍ୟାନେଲରୁ ଅବସର ଘୋଷଣା କରିଛନ୍ତି। ଏଥିସହ ସେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଉପରେ 'ବର୍ଣ୍ଣଭେଦ' ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ୬୦ ବର୍ଷୀୟ ଲକ୍ଷ୍ମଣ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି ଯେ ଗତ ୨୩ ବର୍ଷ ଧରି ସେ ବିସିସିଆଇର ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। କିନ୍ତୁ ତାଙ୍କୁ କେବେ ମ୍ୟାଚର ଟସ୍ ପଡ଼ିବା କିମ୍ବା ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥାପନା କରିବାର ସୁଯୋଗ ମିଳିନାହିଁ। ବରଂ ବର୍ତ୍ତମାନର ନୂଆ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କୁ ଟସ୍ ଓ ପୁରସ୍କାର ବିତରଣ ସମୟରେ ଉପସ୍ଥାପନ କରିବା ଲାଗି ସୁଯୋଗ ଦିଆଯାଉଛି। ତେବେ ଲକ୍ଷ୍ମଣ ନିଜର ଏହି ଅଭିଯୋଗରେ ବିସିସିଆଇକୁ ସିଧାସଳଖ ଟାର୍ଗେଟ କରି ନ ଥିଲେ। କିନ୍ତୁ ତାଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଜଣେ ୟୁଜର କହିଥିଲେ ଯେ ଆପଣଙ୍କ ରଙ୍ଗ ଲାଗି ବୋଧ ହୁଏ ସୁଯୋଗ ପାଉ ନାହାନ୍ତି। ଏଥିରେ ପ୍ରତିଜବାବ ରଖି ଶିବରାମକ୍ରିଷ୍ଣନ ସହମତି ପ୍ରକାଶ କରିବା ପରେ ବିବାଦ ଠିଆ ହୋଇଥିଲା। ବିସିସିଆଇ 'ରଙ୍ଗଭେଦ'ର ପକ୍ଷପାତିତା ଯୋଗୁ ଟସ୍ କିମ୍ବା ପିଚ୍ ରିପୋର୍ଟିଂ ଭଳି ସୁଯୋଗରୁ ବଞ୍ଚିତ ହୋଇଛି ବୋଲି ଶିବରାମ କହିଛନ୍ତି। ଏହାକୁ ନେଇ ଏବେ ଏକ ବଡ଼ ବିତର୍କ ସୃଷ୍ଟି ହୋଇଛି। ୮୦ ଦଶକର ଉଦୀୟମାନ ଲେଗ୍-ସ୍ପିନର ଶିବରାମ ଭାରତ ପାଇଁ ୯ ଟେଷ୍ଟ ଓ ୧୬ ଦିନିକିଆ ଖେଳି ଯଥାକ୍ରମେ ୨୬ ଓ ୧୫ଟି ୱିକେଟ ନେଇଛନ୍ତି।

ଏଲ୍‌ଏଲ୍‌ସିସି କପ୍

## କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂ

ଭୁବନେଶ୍ୱର, ୨୦।୩ (ସମିସ): ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଆଇଆର୍‌ସି ଭିଲେଜ୍ ପଡ଼ିଆରେ ଚାଲିଥିବା ୫ମ ଏଲଏଲସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚରେ



ରାମେଶ୍ୱର ସ୍ପୋର୍ଟିଂ ୯୨ ରନ୍‌ରେ ଜଗତପୁରର ନିମପୁର କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ୩୫ ଓଭରରେ ୩ ୱିକେଟ ହରାଇ ୨୭୧ ରନ୍ କରିଥିଲା। ଦଳ ପକ୍ଷରୁ କୁର୍ତ୍ତି ରବିକୁମାର ୭୨, ଏମ୍ ସାଇ କୌଶିକ୍ ୭୦, ବିଭୁପ୍ରସାଦ ପ୍ରଧାନ ୪୧ରନ୍ କରିଥିଲେ। ଜବାବରେ ନିମପୁର ସମାନ ଓଭର ଖେଳି ୯ ୱିକେଟ ହରାଇ ୧୭୯ ରନ୍ କରିପାରିଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ଦିବ୍ୟଜ୍ୟୋତି ସ୍ୱାଇଁ ୫୭ ଓ ଯୁଦ୍ଧାଜିତ ସ୍ୱାଇଁ ୩୯ ରନ୍ କରିଥିଲେ। ବିଜୟୀ ରାମେଶ୍ୱରର ବିମଳଜ୍ୟୋତି ବେହେରା ୭ ଓଭରରେ ୬ଟି ମେଡେନ୍ ସହ ୪ ରନ୍‌ରେ ୩ ୱିକେଟ ନେଇ ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। କିନ୍ତୁ ଅଲରାଉଣ୍ଡ ସଫଳତା ଲାଗି ସାଇ କୌଶିକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଏଲ୍‌ଏଲସିସିର ସମ୍ପାଦକ ପଙ୍କଜ ଦାସ ଓ ବ୍ୟବସାୟୀ ଚନ୍ଦନ ମୁଦୁଲି ଆଜିର ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇଛନ୍ତି। ଆସନ୍ତାକାଲି କଟକର ଦୁଇ କ୍ଲବ୍ ସୋଲାର ବନାମ ବିଶ୍ୱଭାରତୀ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ଜାତୀୟ ଯୁବ ଭଲିବଲ ଉଦ୍‌ଯାପିତ

## ଓଡ଼ିଶା ପୁରୁଷ ଦଳକୁ କାଂସ୍ୟ

ଭୁବନେଶ୍ୱର,୨୦।୩(ସମିସ): କିଟ୍ ପରିସରରେ ଚାଲିଥିବା ଜାତୀୟ ଯୁବ ଭଲିବଲ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ରାଜ୍ୟ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସମର୍ଥ ହୋଇଛି। ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକ ଜିତିଥିଲାବେଳେ ମହିଳା ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛି। ଜାତୀୟସ୍ତରରେ ଉଭୟ ଓଡ଼ିଶା ଦଳର ଏହା ଶ୍ରେଷ୍ଠ ପ୍ରଦର୍ଶନ। ମହିଳା ବିଭଗରେ କେରଳ ଓ ତାମିଲନାଡୁ, ପୁରୁଷ ବିଭାଗରେ ପଞ୍ଜାବ ଓ ସାଇ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଭାରତୀୟ ଭଲିବଲ ଫେଡେରେସନର ସଭାପତି ବିରେନ୍ଦର କନୱାର, ସମ୍ପାଦକ ରାମଚନ୍ଦ ଚୌଧୁରୀ, ଓଡ଼ିଶା କ୍ରିକେଟ ସଂଘ ସଭାପତି ପଙ୍କଜଲୋଚନ ମହାନ୍ତି, ଓଡ଼ିଶା ଭଲିବଲ ସଂଘ ସଭାପତି



ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସଅପ୍ ଦଳକୁ କପ୍ ସହ ୨୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କାଂସ୍ୟ ପଦକ ଜିତିଥିବା ଓଡ଼ିଶା ଦଳକୁ ୭୫,୦୦୦ ଓ ଚତୁର୍ଥସ୍ଥାନ ଅଧିକାର କରିଥିବା ମହିଳା ଦଳକୁ ୫୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଓଡ଼ିଶା ଭଲିବଲ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି।

ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍

# ମୁକ୍ତେଶ୍ୱର-ପ୍ରଗତି ଫାଇନାଲ ରବିବାର

ଭୁବନେଶ୍ୱର, ୨୦।୩ (ସମିସ)

ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ଭୁବନେଶ୍ୱରର ପ୍ରଗତତି ସ୍ପୋର୍ଟିଂ ୫ ୱିକେଟରେ ରାଉରକେଲାର ୟୁଥ୍ କ୍ରିକେଟ କ୍ଲବ୍ (ଆର୍‌ୱାଇସି)କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୮୭ ରନରେ ସହରର ପ୍ରତିଦ୍ୱନ୍ଦ୍ୱୀ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଆଜିର ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂର ମିଳନ ସାମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ଏହି ମ୍ୟାଚ୍‌ରେ ୬ ଓଭର ବୋଲିଂ କରି ୨ଟି ମେଡେନ୍ ସହ ମାତ୍ର ୧୦ରନ୍ ଦେଇ ୩ଟି ୱିକେଟ ନେଇଥିଲେ। ବିଜେବି କଲେଜ ଗ୍ରାଉଣ୍ଡରେ ରବିବାର ସକାଳ ୯ଟାବେଳେ ମୁକ୍ତେଶ୍ୱର ଓ ପ୍ରଗତି ମଧ୍ୟରେ ଫାଇନାଲ ମୁକାବିଲା ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ନିଳାଚଳ ଲିଜିଂ ଆଣ୍ଡ ଫାଇନାନ୍ସର ଏମ୍‌ଡି ଜେକେ ମହାନ୍ତି ଓ ଆଡଭାଇଜର ଏସ୍‌ଏନ୍ ଦାସ ଅତିଥିଭାବେ ଯୋଗଦେଇଥିଲେ।



ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଉରକେଲା ଟିମ୍ ୨୯.୧ ଓଭରରେ ୧୨୯ ରନ୍ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା ୪୯ ଓ ଅଙ୍କିତ ଗୁପ୍ତା ୩୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମିଳନ ଓ ଅଫ୍ ସ୍ପିନର ରାକେଶ ବିଶ୍ୱାଳ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୨.୨ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୧୦ ରନ୍‌ରେ ୩ୱିକେଟ ହରାଇ ବିପଦରେ ପଡ଼ିଥିଲା। ଦଳ ପକ୍ଷରୁ ଶାନ୍ତନୁ ମିଶ୍ର ଓ ରଘୁନାଥ ମଲ୍ଲ ୭୪ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ଶାନ୍ତନୁ ୭୭ବଲ୍‌ରୁ ୬୩ ଏବଂ ରଘୁନାଥ ୨୬ବଲ୍‌ରୁ ୩୭ ରନ୍ କରିଥିଲେ। ରାଉରକେଲା ଆକାଶ ଠାକୁର ୩୨ରନ୍‌ରେ ୩ଟି ୱିକେଟ ନେଇଥିଲେ।

## ତନ୍‌ଭୀ, ସୁଶ୍ରୀ ଓ ଯୁବରାଜ ଚାମ୍ପିଅନ

ଭୁବନେଶ୍ୱର,୨୦।୩(ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୨ ଓ ୧୪ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଟାଲେଣ୍ଟ ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ ବର୍ଷରୁ କମ୍ ବିଭାଗ ବାଳିକା ଏକକରେ ଓଡ଼ିଶାର ତନଭୀ ବେହେରା, ବାଳକରେ ଯୁବରାଜ ମୁଦୁଲି ଓ ୧୪ ବର୍ଷରୁ କମ୍ ବାଳିକା ଏକକରେ ସୁଶ୍ରୀ କର୍ମାକାର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କିନ୍ତୁ ୧୪ ବର୍ଷରୁ କମ୍ ବାଳକ ଏକକରେ ସିଦ୍ଧାର୍ଥ ଦାସ, ଯୁଗଳରେ ଗୌରୀଶଙ୍କର ପଣ୍ଡା-ସୁରଜ ଦାସଙ୍କ ଯୋଡି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ଓଡ଼ିଶା ଟେନିସ ସଂଘ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ, ଓଡ଼ିଶା ଟେନିସ ସଂଘର ମୁଖ୍ୟ ପ୍ରଶିକ୍ଷକ ବିନୋଦ ସେଠ୍, ଟୁର୍ଣ୍ଣାମେଣ୍ଟ ରେଫରି ଶିବଶଙ୍କର ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୦।୩ (ସମିସ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣରେ ଆୟୋଜକ ଓଡ଼ିଶା ଦଳର ପଦକ ବିଜୟଧାରା ଜାରି ରହିଛି। ଦ୍ୱିତୀୟ ଦିବସରେ ଶୁକ୍ରବାର ଓଡ଼ିଶା ପାରା କ୍ରୀଡ଼ାବିତ୍‌ମାନେ ୪ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ରହିଛି।

ଜାତୀୟ ପାରା ଆଥଲେଟିକ୍ସ



ପୂର୍ବରୁ ପ୍ରଥମ ଦିବସରେ ଓଡ଼ିଶା ୨ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ସହ ୫ଟି ପଦକ ବିଜୟୀ ହୋଇଥିଲା। ଫଳରେ ଦୁଇ ଦିନରେ ଓଡ଼ିଶା ୯ଟି ପଦକ ଜିତି ପ୍ରଭାବୀ ପ୍ରଦର୍ଶନ କରିଛି। ଶୁକ୍ରବାର ପୁରୁଷ ଲଙ୍ଗଜମ୍ପ ଟି୩୬ ବର୍ଗରେ ଜୟପ୍ରକାଶ ବାରିକ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୪.୮୩ ମିଟର ଉଚ୍ଚକୁ ଡେଇଁଥିଲେ। ସେହିଭଳି ପୁରୁଷ ୪୦୦ ମିଟର ଟି୧୧ ବର୍ଗରେ ଯଦୁନାଥ ମାଝି ୫୭.୭୦ ସେକେଣ୍ଡରେ ରେସ ଶେଷ କରି ରୌପ୍ୟ ପଦକ ହାସଲ କରିଥିଲେ। ମହିଳା ୪୦୦ ମିଟର ଟି୪୭ ବର୍ଗରେ ତାରକା ଆଥଲେଟ ଜୟନ୍ତୀ ବେହେରାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଜୟନ୍ତୀ ଗତକାଲି ୧୦୦ ମିଟରରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଦିବସର ୩ୟ ରୌପ୍ୟ ପଦକ ମଙ୍ଗତା ହେମ୍ବ୍ରମ ହାସଲ କରିଥିଲେ। ସେ ପୁରୁଷ ଲଙ୍ଗଜମ୍ପ ଟି୧୩ ବର୍ଗରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS